

'ଓନ୍-୩'କୁ ବିକ୍ରାନ୍ତଙ୍କ ନା
▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-25 • SATURDAY • 19 JULY 2025 • PAGE-12 • ₹ 6.00 | BHUBANESWAR | • ବର୍ଷ-୪୩ • ସଂଖ୍ୟା-୨୫ • ଶନିବାର • ୧୯ ଜୁଲାଇ ୨୦୨୫ • ପୃଷ୍ଠା-୧୨ • ଟ.୬.୦୦


### ଜାତୀୟ ପରିସଂଖ୍ୟାନ ରିପୋର୍ଟ
# ଦେଶରେ ବେକାରୀ ସମସ୍ୟା ଭୟଙ୍କର

■ ନୂଆଦିଲ୍ଲୀ, ୧୮।୭ (ସମିସ): ପୁଣି ଦେଶରେ ତୀବ୍ର ହେଲାଣି ବେକାରୀ ସ୍ଥିତି। ଗାଁରୁ ସହରାଞ୍ଚଳ ସବୁଠି ଯୁବବର୍ଗ ବେକାର ବସିଛନ୍ତି। ବିଶେଷ ଭାବରେ ୧୫-୨୯ ବୟସ ବର୍ଗର ଯୁବକଯୁବତୀ ଏଥିରେ ସର୍ବାଧିକ ପ୍ରଭାବିତ ହୋଇଛନ୍ତି। ଦେଶରେ ନିଯୁକ୍ତି କ୍ଷେତ୍ରରେ ସୃଷ୍ଟି ହୋଇଥିବା ସ୍ଥାଣୁତା ଓ ବେକାରୀ ବୃଦ୍ଧିର ଏପରି ଚିତ୍ର ପ୍ରତିଫଳିତ ହୋଇଛି ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ସଦ୍ୟତମ ରିପୋର୍ଟରେ। ୨୦୨୫ ଜୁନ୍ ମାସରେ ଦେଶରେ ସାମଗ୍ରିକ ବେକାରୀ ହାର କେବଳ ବୃଦ୍ଧି ପାଇନାହିଁ, ସହରାଞ୍ଚଳରେ ଚାକିରି ନିମନ୍ତେ ସକ୍ଷମ ୧୫ ବର୍ଷରୁ ୨୦ ବର୍ଷ ବୟସର ଯୁବକଙ୍କ ବେକାରୀ ହାର ୧୮ ପ୍ରତିଶତରେ ପହଞ୍ଚିଛି। କ୍ରମାଗତ ଦ୍ୱିତୀୟ ମାସ ପାଇଁ ଦେଶରେ ବେକାରୀ ହାର ବୃଦ୍ଧି ପାଇଛି ।

ଗତ ମେ' ମାସରେ ଦେଶର ଗ୍ରାମାଞ୍ଚଳରେ ୧୫-୨୯ ବର୍ଷ ବୟସ ବର୍ଗର ଯୁବକଯୁବତୀଙ୍କ ବେକାରୀ ହାର ୧୫% ରହିଥିଲା, ମାତ୍ର ଜୁନ୍ ମାସରେ ଏହା ବୃଦ୍ଧି ପାଇ ୧୫.୩ ପ୍ରତିଶତରେ ପହଞ୍ଚିଛି। ସେହିପରି ସହରାଞ୍ଚଳରେ ଏହି ବର୍ଗର ବେକାରୀ ହାର ୧୮ ପ୍ରତିଶତରେ ପହଞ୍ଚିଛି। ଗ୍ରାମାଞ୍ଚଳରେ, କୃଷି , ମନରେଗା ଭଳି ନିଯୁକ୍ତି ଯୋଜନା ଯୋଗୁଁ କିଛି ବେକାରୀହାର ସହରାଞ୍ଚଳଠାରୁ କିଞ୍ଚିତ୍ କମ୍ ରହିଛି। ମାତ୍ର ସହରାଞ୍ଚଳରେ ଶିକ୍ଷିତ ବେକାରଙ୍କ ନିଯୁକ୍ତି ନେଇ କୌଣସି ବ୍ୟବସ୍ଥା ହୋଇ ପାରି ନ ଥିବାରୁ ସଂଗଠିତ କ୍ଷେତ୍ରରେ ଚାକିରିର ଅଭାବ ଦେଖା ଦେଇଛି।

ଏନ୍ଏସ୍ଓ ଦେଶର ସାମ୍ପ୍ରତିକ ସାପ୍ତାହିକ ସ୍ଥିତି (ସିଡବ୍ଲ୍ୟୁଏସ୍) ଆଧାରରେ ବେକାରି ହାରର ଅନୁଧ୍ୟାନ କରିଥାଏ ଓ ପ୍ରତି ସପ୍ତାହର କାର୍ଯ୍ୟ ଅବଧିର ଆକଳନ କରି ରିପୋର୍ଟ ପ୍ରସ୍ତୁତ କରିଥାଏ। ଯଦି ଜଣେ ବ୍ୟକ୍ତି ସପ୍ତାହରେ ଗୋଟିଏ ଘଣ୍ଟା କିମ୍ବା କୌଣସି ଦିନ କାମ ପାଇନାହାଁନ୍ତି, ତେବେ ତାଙ୍କୁ ସପ୍ତାହରେ ବେକାର ବୋଲି ବିବେଚନା କରାଯାଏ।




### ସହରାଞ୍ଚଳରେ ୧୮% ଯୁବଗୋଷ୍ଠୀ ବେକାର
### ଗ୍ରାମାଞ୍ଚଳରେ ବେକାରୀ ଟପିଲା ୧୫ ପ୍ରତିଶତ

### ସୌମ୍ୟାଶ୍ରୀ ଆତ୍ମଦାହ
# ତିନି ତଦନ୍ତକାରୀ ଦଳର ତନାଘନା

### ୟୁଜିସି ଟିମ୍ ଓ ଉଚ୍ଚଶିକ୍ଷା ବିଭାଗ ତଦନ୍ତକାରୀ ଦଳର ପଚରାଉଚରା
### ଦ୍ୱିତୀୟ ଦିନରେ କ୍ରାଇମ୍ବ୍ରାଞ୍ଚର ଅନୁସନ୍ଧାନ ଜାରି

■ ବାଲେଶ୍ୱର, ୧୮।୭ (ସମିସ): ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ଘଟଣାର ନିରପେକ୍ଷ ତଦନ୍ତ ଦାବିରେ ବିଭିନ୍ନ ରାଜନୈତିକ ଦଳ ଓ ସାମାଜିକ ସଂଗଠନ ଲଢ଼େଇ ଜାରି ରଖିଛନ୍ତି। ଏହାକୁ ନେଇ ରାଜ୍ୟ ସରକାର ଏକପ୍ରକାର ଚାପରେ ଥିବା ବେଳେ ମାମଲାର ତଦନ୍ତ କ୍ରାଇମ୍ବ୍ରାଞ୍ଚକୁ ହସ୍ତାନ୍ତର କରିଛନ୍ତି। ଦୁଇ ଦିନ ହେବ କ୍ରାଇମବ୍ରାଞ୍ଚର ଟିମ୍ ତନାଘନା ଜାରି ରଖିଥିବା ବେଳେ ଆଜି ଦିଲ୍ଲୀରୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ୪ଜଣିଆ ଏକ ଟିମ୍ ଓ ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ତଦନ୍ତକାରୀ ଦଳ କଲେଜରେ ପହଞ୍ଚି ତନାଘନା କରିଛନ୍ତି। ଦିନକରେ ତିନି ତିନିଟି ଉଚ୍ଚସ୍ତରୀୟ ଟିମ୍ର ▶ପୃଷ୍ଠା-୭

### ଅଧ୍ୟାପକଙ୍କ ବିରୋଧରେ ମିଳିଛି ପ୍ରମାଣ: ନିର୍ଦ୍ଦେଶକ

■ ବାଲେଶ୍ୱର, ୧୮।୭ (ସମିସ): ଏଫ୍ଏମ୍ ସୌମ୍ୟାଶ୍ରୀ ଆତ୍ମଦାହ ଘଟଣାରେ ଅଭିଯୁକ୍ତ ଅଧ୍ୟାପକ ସମୀର ସାହୁଙ୍କ ବିରୁଦ୍ଧରେ ବଳିଷ୍ଠ ପ୍ରମାଣ ମିଳିଥିବା ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ସମୀରଙ୍କ ବିରୁଦ୍ଧରେ କିଛି ପ୍ରମାଣ ମିଳିଛି। ଆସନ୍ତାକାଲି କମିଟିର ତଦନ୍ତ ଶେଷ ହେବ। ପ୍ରଥମ ଦିନ ୪ ଜଣ ଛାତ୍ରଛାତ୍ରୀ, ଆଇସିସି ସଦସ୍ୟ ଏବଂ କିଛି କର୍ମଚାରୀଙ୍କୁ ପଚରାଉଚରା କରାଯାଇଛି। ଖୁବଶୀଘ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ।

### ଛାତ୍ରୀ ଓ ମହିଳାଙ୍କ ସୁରକ୍ଷା ଚିନ୍ତା
## ହେଲ୍ପଲାଇନ ନମ୍ବର ଜାରି

■ ଭୁବନେଶ୍ୱର, ୧୮।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମାହୁତି ଘଟଣା ପରେ ସରକାରଙ୍କ ଚେତା ପଶିଛି। ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ପାଇଁ ତତ୍ପର ହୋଇଛି ଉଚ୍ଚଶିକ୍ଷା ବିଭାଗ। ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ୨୪ ଘଣ୍ଟା ମଧ୍ୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଗଠନ କରିବାକୁ ନିର୍ଦ୍ଦେଶ ଦେବା ପରେ ଆଜି ହେଲ୍ପଲାଇନ୍ (ନମ୍ବର-୧୮୧) ଜାରି କରିଛି। ସମସ୍ତ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ, ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଓ ବେସରକାରୀ ମହାବିଦ୍ୟାଳୟର ପ୍ରମୁଖ ସ୍ଥାନରେ ▶ପୃଷ୍ଠା-୭

### ଯୁକ୍ତ ୨ ଇନଷ୍ଟାଣ୍ଟ ପରୀକ୍ଷାଫଳ ପ୍ରକାଶ
## ପାସହାର ୯୦.୫୭%

■ ଭୁବନେଶ୍ୱର, ୧୮।୭ (ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସଇ) ପରିଚାଳିତ ଯୁକ୍ତ ୨ ଇନ୍ଷ୍ଟାଣ୍ଟ ପରୀକ୍ଷାଫଳ ପ୍ରକାଶ ପାଇଛି। ଚଳିତବର୍ଷ ପାସହାର ୯୦.୫୭ପ୍ରତିଶତ ରହିଛି। ତନ୍ମଧ୍ୟରେ ଛାତ୍ରୀଙ୍କ ପାସହାର ୯୨.୯୧ପ୍ରତିଶତ ଥିବା ବେଳେ ଛାତ୍ରଙ୍କ ୮୮.୪୩ ପ୍ରତିଶତ ରହିଛି।

ପରୀକ୍ଷା ଦେଇଥିବା ୧୦୦୮ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯୧୩ ଜଣ କୃତକାର୍ଯ୍ୟ ହୋଇଛନ୍ତି। କଳାରେ ସର୍ବାଧିକ ୪୯୫ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୪୪୯ପାସ କରିଛନ୍ତି। ମୋଟ୍ ପାସହାର ୯୦.୫୦% ଥିବା ▶ପୃଷ୍ଠା-୭

## ୬୪ କୋଟିର ଦୁର୍ନୀତି ଧରିବାକୁ ୨୫୦ କୋଟି ଖର୍ଚ୍ଚ

■ ନୂଆଦିଲ୍ଲୀ, ୧୮।୭ (ଏଜେନ୍ସି): ୧୯୮୦ ଦଶକରେ ଭାରତୀୟ ରାଜନୀତିରେ ହଟଚମଟ ସୃଷ୍ଟି କରିଥିବା ବୋଫର୍ସ ଦୁର୍ନୀତି ଏବଂ ଏଥିପାଇଁ ଖର୍ଚ୍ଚ ହୋଇଥିବା ଅର୍ଥକୁ ନେଇ ଚାଞ୍ଚଲ୍ୟକର ତଥ୍ୟ ସାମନାକୁ ଆସିଛି। ସୁଇଡେନର ବୋଫର୍ସ କଂପାନୀରୁ ଟ୍ୟାଙ୍କ୍ କିଣିବା ଲାଗି ୧୫୩୭ ଟଙ୍କାର ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଭାରତ ସରକାର ଓ ବୋଫର୍ସ କଂପାନୀ ମଧ୍ୟରେ ମାର୍ଚ୍ଚ ୧୯୮୬ରେ ଏହି ଚୁକ୍ତି ହୋଇଥିଲା। ଚୁକ୍ତି ହେବାର ଗୋଟିଏ ବର୍ଷ ପରେ ଅଭିଯୋଗ ହୋଇଥିଲା ଯେ ଏହି ଚୁକ୍ତିରେ ୬୪ କୋଟି ଟଙ୍କାର କମିସନି କାରବାର ହୋଇଛି। ଏଥିରେ ନେତା, ଅଫିସର ଓ କିଛି ମଧ୍ୟସ୍ଥି ସଂପୃକ୍ତ ଥିଲେ ବୋଲି ଅଭିଯୋଗ ହୋଇଥିଲା। ଏଥିରେ ଇଟାଲୀୟ ବ୍ୟବସାୟୀ ଓଟ୍ଟାଭିଓ କ୍ୱା।ଟ୍ରୋଚିଙ୍କୁ ଅନ୍ୟତମ ପ୍ରମୁଖ ଅଭିଯୁକ୍ତ ଦର୍ଶାଯାଇଥିଲା। ତେବେ ସବୁଠାରୁ ଆଲୋଡ଼ନ ସୃଷ୍ଟି କରିଥିବା କଥାଟି ହେଲା ଯେ ମଧ୍ୟସ୍ଥିଙ୍କୁ ଧରିବା ପାଇଁ ହୋଇଥିବା ଖର୍ଚ୍ଚର ପରିମାଣ କମିସନି ଟଙ୍କାଠାରୁ ବଢ଼ିଯାଇଥିଲା। କୁହାଯାଇଥିଲା ଯେ ୬୪ କୋଟି ଟଙ୍କାର କମିସନି କାରବାର ପାଇଁ ମଧ୍ୟସ୍ଥିଙ୍କୁ ଧରିବା ଲାଗି ୨୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। କିନ୍ତୁ ପରିଣାମ ଶୂନ। ଅହୁରି ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଏହି କମିସନି କାରବାର ଏମିତି ବିସ୍ଫୋରକ ରୂପ ଧରିଥିଲା ଯେ କେନ୍ଦ୍ରରେ ସରକାର ବଦଳିଯାଇଥିଲା। ▶ପୃଷ୍ଠା-୭




# ମଙ୍ଗଳଗ୍ରହର ପଥର ୪୬ କୋଟିରେ ନିଲାମ



ନ୍ୟୁୟର୍କ, ୧୮ ।୭(ଏଜେନ୍ସି): ମଙ୍ଗଳ ଗ୍ରହରୁ ପୃଥିବୀକୁ ଆସିଥିବା ସବୁଠାରୁ ବଡ଼ ପଥରକୁ ନ୍ୟୁୟର୍କରେ ନିଲାମ କରାଯାଇଛି । ଏହି ପଥର ପାଖାପାଖି ୪୬ କୋଟି ଟଙ୍କାରେ ବିକ୍ରି ହୋଇଛି । ୨୫ କେଜି ଓଜନ ବିଶିଷ୍ଟ ଏହି ପଥରର ନାମ 'ଏନ୍‌ଡବ୍ଲ୍ୟୁଏ ୧୬୭୮୮' ରଖାଯାଇଛି । ୨୦୨୩ ନଭେମ୍ବରରେ ନାଇଜର ସାହରା ମରୁଭୂମିର ଅଗାଡେଜ କ୍ଷେତ୍ରରୁ ଏହାକୁ ଆବିଷ୍କାର କରାଯାଇଥିଲା । ଏକ ବିରାଟ ଉଲକା ପିଣ୍ଡ ମାଡ଼ ହେବା ଦ୍ୱାରା ମଙ୍ଗଳଗ୍ରହରୁ ଏହି ପଥର ଉଡ଼ି ଆସି ୨୨.୫ କୋଟି କିମି ଯାତ୍ରା କରି ପୃଥିବୀ ପୃଷ୍ଠରେ ପଡ଼ିଥିଲା । ଜଣେ ଉ୍‌ଲକାପିଣ୍ଡ ଅନୁସନ୍ଧାନକାରୀ ଏହି ପଥରର ସନ୍ଧାନ କରିଥିଲେ ।

## ମହାରାଷ୍ଟ୍ର ବିଧାନସଭାରେ ମାର୍‌ପିଟ୍



ମୁମ୍ବଇ, ୧୮ ।୭(ଏଜେନ୍ସି): ମହାରାଷ୍ଟ୍ର ବିଧାନସଭାରେ ଏକ ଅଭାବନୀୟ ଘଟଣା ଘଟିଛି । ବିଜେପି ଓ ଶରଦ ପାୱାରଙ୍କ ଏନ୍‌ସିପି ପାର୍ଟିର ବିଧାୟକମାନେ ଗୁରୁବାର ହାତାହାତି ହୋଇଛନ୍ତି । ଶୁକ୍ରବାର ଏ ନେଇ ମାମଲା ରୁଜୁ କରାଯାଇଛି । ଏହି ମାମଲାରେ ମୁମ୍ବଇ ପୁଲିସ ୨ ଜଣଙ୍କୁ ଗିରଫ କରିଛି । ବିଧାନସଭାରେ ଲାମ୍ବିର ବିଜେପି ବିଧାୟକ ଗୋପୀଚାନ୍ଦ ପଡଲକର ଓ ଏନ୍‌ସିପି (ଏସ୍‌ପି) ବିଧାୟକ ଜିତେନ୍ଦ୍ର ଆହ୍ୱାଡ୍‌ଙ୍କ ସମର୍ଥକ ହାତାହାତି ହୋଇଥିଲେ । ମାର୍‌ପିଟ୍‌ର ଏହି ଭିଡିଓ ସାମାଜିକ ଗଣମାଧ୍ୟମ ଭାଇରାଲ ହୋଇଛି । ଦୁଇ ବିଧାୟକଙ୍କ ସମର୍ଥକ ପରସ୍ପରକୁ ଗାଳି କରିଥିଲେ । ଏ ନେଇ ଏନ୍‌ସିପି ସମର୍ଥକ ଗୁରୁବାର ରାତିରେ ମେରାଇନ ଡ୍ରାଇଭ ଥାନା ସାମ୍ନାରେ ପ୍ରଦର୍ଶନ କରିଥିଲେ । ତେବେ ମାର୍‌ପିଟ୍‌ର କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ ।

## ପିଲା ସହ ରୁଷ୍ ମହିଳା ଭାରତରେ ନିଖୋଜ

ନୂଆଦିଲ୍ଲୀ, ୧୮ ।୭(ଏଜେନ୍ସି): ସନ୍ତାନର ହେପାଜତ ପାଇଁ ସ୍ୱାମୀ କରିଥିବା ଏକ ମାମଲାରେ ସୁପ୍ରିମକୋର୍ଟ ରୁଷ୍ ମହିଳା ଭିକ୍ଟୋରିଆଙ୍କ ବିରୋଧରେ ଲୁକ୍‌ଆଉଟ୍ ନୋଟିସ ଜାରି କରିଛନ୍ତି । ଗତ ମେ' ୭ ତାରିଖରୁ ଏହି ମହିଳା ନିଜ ପିଲା ସହ ନିଖୋଜ ଅଛନ୍ତି । ଉଭୟଙ୍କୁ ଖୋଜିବା ପାଇଁ କେନ୍ଦ୍ର ଓ ଦିଲ୍ଲୀ ସରକାରଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ମହିଳା ଦେଶ ଛାଡି ନ ଯିବା ଦରକାର । ସନ୍ଧାନ ମିଳିବା ପରେ ପିଲାକୁ ତା'ର ଭାରତୀୟ ପିତା ସେକତ ବାସୁଙ୍କୁ ହସ୍ତାନ୍ତର ପାଇଁ କୋର୍ଟ ଆଦେଶ ଦେଇଛନ୍ତି । ମହିଳା ଓ ପିଲା ଜଙ୍ଗଲରେ ନିଖୋଜ ହୋଇ ଯାଇଛନ୍ତି ବୋଲି କୋର୍ଟଙ୍କୁ କୁହାଯାଇଛି । ଭିକ୍ଟୋରିଆ ଭାରତରେ ଗୁପ୍ତଚର ଭାବେ କାର୍ଯ୍ୟକରି ରୁଷିଆ ପ୍ରତ୍ୟାବର୍ତ୍ତନ କରିବାକୁ ଚାହୁଁଥିଲେ ବୋଲି ସକେତ ଓ ତାଙ୍କ ପରିବାର ସନ୍ଦେହ କରୁଛନ୍ତି । ସେ ଏକ୍ସ-୧ ଭିସାରେ ଭାରତ ଆସିଥିଲେ ।

## ପଶ୍ଚିମବଙ୍ଗ ବିକାଶରେ ମମତା ବାଧକ: ମୋଦୀ

କୋଲକାତା, ୧୮ ।୭ (ଏଜେନ୍ସି): ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମ୍‌ସି ପଶ୍ଚିମବଙ୍ଗର ବିକାଶ ଆଗରେ ପ୍ରାଚୀର ଭାବେ ଛିଡ଼ା ହୋଇଛି । ଯେଉଁ ଦିନ ଏହି ପ୍ରାଚୀର ଭାଙ୍ଗିଯିବ ସେହିଦିନ ରାଜ୍ୟରେ ବିକାଶ ତୀବ୍ର ହେବ ଏବଂ ଅସଲ ପରିବର୍ତ୍ତନ ଆସିବ । ନିଜ ସ୍ୱାର୍ଥ ପାଇଁ ଟିଏମସି ପଶ୍ଚିମବଙ୍ଗରେ ଅନୁପ୍ରବେଶକୁ ମଧ୍ୟ ପ୍ରୋତ୍ସାହନ ଦେଉଛି । ଏଥିପାଇଁ ସମ୍ପୂର୍ଣ୍ଣ ବ୍ୟବସ୍ଥା ଗଠନ କରାଯାଉଛି । ଏହା ରାଜ୍ୟ, ଦେଶ ଏବଂ ବଙ୍ଗୀୟ ସଂସ୍କୃତି ପାଇଁ ବିପଦ । ଏବେ ଟିଏମ୍‌ସି ଅନୁପ୍ରବେଶକାରୀଙ୍କ ସପକ୍ଷରେ ନୂଆ ଅଭିଯାନ ଆରମ୍ଭ କରିଛି । କିନ୍ତୁ ଯିଏ ଭାରତୀୟ ନାଗରିକ ନୁହେଁ ଏବଂ ଅନୁପ୍ରବେଶ କରି ଆସିଛି ତା ବିରୋଧରେ ସମ୍ବିଧାନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ । ରାଜ୍ୟ ବିରୋଧୀ ଷଡ଼ଯନ୍ତ୍ରକୁ ବିଜେପି କଦାପି ସଫଳ ହେବାକୁ ଦେବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ସେ ଦୁର୍ଗାପୁରରେ ୫ ହଜାର କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପକୁ ଶୁକ୍ରବାର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରି ଏହି ମନ୍ତବ୍ୟ ଦେଇଛନ୍ତି । ମୋଦୀ ରାଜ୍ୟ ସରକାରଙ୍କୁ ସମାଲୋଚନା କରି କହିଛନ୍ତି ଯେ ଆଜି ରାଜ୍ୟରେ ହସ୍ପିଟାଲଗୁଡିକ ବି ସୁରକ୍ଷିତ ନାହିଁ । ଡାକ୍ତର ଝିଅ ସହ ଅତ୍ୟାଚାର ହେବା ପରେ ଟିଏମସି ଅପରାଧୀକୁ ବଞ୍ଚାଇବାକୁ ଲାଗିଯାଇଥିଲା ।

## ବିହାର ବଜ୍ରପାତରେ ୧୭ ମୃତ

ନୂଆଦିଲ୍ଲୀ, ୧୮ ।୭(ଏଜେନ୍ସି): ବଜ୍ରପାତରେ ଗତ ୨୪ ଘଣ୍ଟାରେ ବିହାରରେ ୧୭ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । କେବଳ ନାଳନ୍ଦାରେ ୫ଜଣ ପ୍ରାଣ ହରାଇଛନ୍ତି । ବୈଶାଳୀରେ ୪, ବାଙ୍କା ଓ ପାଟଣାରେ ୨ ଜଣ ଲେଖାଏଁ ବଜ୍ରପାତରେ ଜୀବନ ହରାଇଛନ୍ତି । ତେଣେ ପାଟନାରେ ଗଙ୍ଗାନଦୀ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି । ରାଜସ୍ଥାନ, ଉତ୍ତରପ୍ରଦେଶ, ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷା ଯୋଗୁଁ ବନ୍ୟାସ୍ଥିତି ଗମ୍ଭୀର ହୋଇଛି । ହିମାଚଳ ପ୍ରଦେଶରେ ବର୍ଷା ଜନିତ ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୧୧୦ ଲୋକ ମୃତ୍ୟୁବରଣ କଲେଣି । ସେହିପରି ଭୂସ୍ଖଳନ ଯୋଗୁଁ ସ୍ଥଗିତ ରହିଥିବା ଅମରନାଥ ଯାତ୍ରା ଶୁକ୍ରବାର ପୁଣି ଆରମ୍ଭ ହୋଇଛି ।

# ଟଙ୍କା ଜବତ ମାମଲା: ଜଷ୍ଟିସ୍ ବର୍ମା ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ




ନୂଆଦିଲ୍ଲୀ, ୧୮ ।୭(ଏଜେନ୍ସି): ଘରୁ ଟଙ୍କା ଜବତ ମାମଲାରେ ଆହ୍ଲାବାଦ ହାଇକୋର୍ଟର ବିଚାରପତି ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବା ଲାଗି ସଂସଦରେ ପ୍ରସ୍ତୁତି ଚାଲିଛି । ଏପରି ସମୟରେ ଜଷ୍ଟିସ ବର୍ମା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏହି ମାମଲାରେ କୋର୍ଟ କମିଟି ପକ୍ଷରୁ ଦିଆଯାଇଥିବା ରିପୋର୍ଟରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି । ତେବେ ସେ ଏହି ରିପୋର୍ଟକୁ ରଦ୍ଦ କରିବାକୁ ସୁପ୍ରିମକୋର୍ଟରେ ଆବେଦନ ଦାଖଲ କରିଛନ୍ତି । ସେ କହିଛନ୍ତି, ମୋ ବିରୋଧରେ ଯେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହା ନ୍ୟାୟିକ ସିଦ୍ଧାନ୍ତର ବିରୋଧୀ । ନିଜର କଥା ରଖିବାକୁ ଓ ନିର୍ଦ୍ଦୋଷ ସାବ୍ୟସ୍ତ କରିବାକୁ ମୋତେ କୌଣସି ସୁଯୋଗ ଦିଆଯାଇନାହିଁ । ଏହି କ୍ରମରେ ଜଣେ ବ୍ୟକ୍ତି ଓ ତାଙ୍କ ସାମ୍ବିଧାନିକ ଅଧିକାରରର ଉଲ୍ଲଂଘନ ହୋଇଛି ।

ଜୁଲାଇ ୨୧ରୁ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ସେ ଏହି ଆବେଦନ ଦାଖଲ କରିଛନ୍ତି । ଏହି ଅଧିବେଶନରେ ଜଷ୍ଟିସ୍ ବର୍ମାଙ୍କୁ ହଟାଇବା ପାଇଁ ମହାଭିଯୋଗ ପ୍ରସ୍ତାବ ପାରିତ କରିବାକୁ ପ୍ରସ୍ତୁତି କରାଯାଇଛି । ଆଇନ ଅନୁଯାୟୀ ଏହି ପଦକ୍ଷେପ ନିଆଯାଉଛି ବୋଲି ଆଇନମନ୍ତ୍ରୀ କହିଛନ୍ତି । ଏହି ପ୍ରସ୍ତାବକୁ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳଗୁଡିକ ସମର୍ଥନ ଓ ସ୍ୱାକ୍ଷର କରିବେ ବୋଲି ଘୋଷଣା କରିସାରିଛନ୍ତି । ନିଜର ସ୍ଥିତି ବିପଦରେ ଥିବା ହୃଦୟଙ୍ଗମ କରି ଜଷ୍ଟିସ୍ ବର୍ମା ଏବେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

ଉଲ୍ଲେଖଯୋଗ୍ୟ ଯେ, ଗତ ମାର୍ଚ୍ଚ ୧୪ରେ ଜଷ୍ଟିସ ବର୍ମାଙ୍କ ଦିଲ୍ଲୀ ଘରେ ରାତି ୧୧.୩୫ରେ ନିଆଁ ଲାଗିଥିଲା । ସେତେବେଳେ ବର୍ମା ବାହାରେ ଥିଲେ । କିନ୍ତୁ ତାଙ୍କ ବଙ୍ଗଳାରୁ ୧୫ କୋଟି ନଗଦ ଟଙ୍କା ମିଳିଥିଲା । ଏଥିମଧ୍ୟରୁ ଅଧିକାଂଶ ନୋଟ ଅଧା ଜଳିଯାଇଥିଲା । ଏହି ଅଧାଜଳା ଟଙ୍କା ନେଇ ଜଷ୍ଟିସ ବର୍ମାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ଓ ତଦନ୍ତ ପରେ ରିପୋର୍ଟ ପ୍ରକାଶ ପାଇଥିଲା । ସେତେବେଳେ ଜଷ୍ଟିସ ବର୍ମା ଦିଲ୍ଲୀ ହାଇକୋର୍ଟର ବିଚାରପତି ଥିଲେ ।

## ୨୧୭୪ କୋଟିର ମଦ ଦୁର୍ନୀତି ମାମଲା

# ଜନ୍ମଦିନରେ ବଘେଲଙ୍କ ପୁଅଙ୍କୁ ଗିରଫ କଲା ଇଡି



ରାୟପୁର, ୧୮ ।୭ (ଏଜେନ୍ସି): ମଦ ଦୁର୍ନୀତି ସମ୍ବନ୍ଧିତ ବହୁ କୋଟି ଟଙ୍କାର ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛି । ଶୁକ୍ରବାର ବଡ଼ି ଭୋର୍‌ରେ ଭିଲାଇ ସ୍ଥିତ ବାସଭବନରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ପୁଅ ତଥା ବ୍ୟବସାୟୀ ଚୈତନ୍ୟ ବଘେଲଙ୍କୁ ଗିରଫ କରାଯାଇଛି । ତାଙ୍କୁ ରାୟପୁରର ସ୍ୱତନ୍ତ୍ର କୋର୍ଟରେ ଉପସ୍ଥାପନ କରାଯାଇଛି । କୋର୍ଟ ଚୈତନ୍ୟଙ୍କୁ ୨୨ ତାରିଖ ପର୍ଯ୍ୟନ୍ତ ଇଡି ରିମାଣ୍ଡକୁ ପଠାଇ ଦେଇଛନ୍ତି । ଏହି ସମୟରେ କୋର୍ଟରେ ଭୂପେଶ ବଘେଲ, ଚରଣଦାସ ମହନ୍ତ, ମହମ୍ମଦ ଆକବର ସମେତ କଂଗ୍ରେସର ବହୁ ବଡ଼ ନେତା ଉପସ୍ଥିତ ଥିଲେ । ଏହି ଗିରଫକୁ ବିରୋଧ କରି କଂଗ୍ରେସ କର୍ମୀ ହଙ୍ଗାମା କରିଛନ୍ତି । ଗିରଫ ସମୟରେ ଇଡି ଗାଡ଼ିକୁ ଅଟକାଇବାକୁ ପ୍ରୟାସ କରିଥିଲେ । ପୁଲିସ ସହ ମୁହାଁମୁହିଁ ହୋଇଥିଲେ । ଏହା ସତ୍ତ୍ୱେ ଇଡି ଚୈତନ୍ୟଙ୍କୁ ଧରି କୋର୍ଟରେ ହାଜର କରିଥିଲା ।

ଜନ୍ମଦିନରେ ଆଜି ଚୈତନ୍ୟଙ୍କୁ ଗିରଫ କରାଯାଇଛି । ଏହାକୁ ନେଇ ବଘେଲ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ତାସ୍ସଲ୍ୟ କରିଛନ୍ତି । ପୂର୍ବରୁ ମୋ ଜନ୍ମଦିନରେ ପରାମର୍ଶଦାତା ଏବଂ ସ୍ୱତନ୍ତ୍ର ଦାୟିତ୍ୱରେ ଥିବା ଦୁଇ ଅଧିକାରୀ (ଓଏସ୍‌ଡି)ଙ୍କ ଘରେ ଇଡି ଚଢ଼ଉ କରାଯାଇଥିଲା । ଏବେ ପୁଅ ଜନ୍ମଦିନରେ ଯେଉଁ ଭଳି ଉପହାର ଦେଲେ ତାହା ବିଶ୍ୱର କୌଣସି ଗଣତନ୍ତ୍ରରେ ଦିଆଯାଇ ନ ଥିଲା । ଏଭଳି ଉପହାର ଦେଇଥିବାରୁ ମୋଦୀ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଧନ୍ୟବାଦ । ନିଜ ମାଲିକଙ୍କୁ ଖୁସି କରିବା ପାଇଁ ମୋଦୀ-ଶାହା ଇଡି ପଠାଇ ଦେଲେ । ଏହା ସାରା ଜୀବନ ମନେ ରହିବ । ବଘେଲ କେବେ ନଇଁନି କି ଡରିବନି । ଏହା ପୂର୍ବରୁ ବଘେଲ କହିଥିଲେ ଯେ ଆଜି ବିଧାନସଭା ଅଧିବେଶନର ଶେଷ ଦିନ । ତମନାରରେ ଆଦାନୀ କାଟୁଥିବା ଗଛ ପ୍ରସଙ୍ଗ ଆଜି ଗୃହରେ ଉଠା ଯାଇଥାନ୍ତା । କିନ୍ତୁ ଏହା ପୂର୍ବରୁ ଭିଲାଇ ଆବାସକୁ ସାହେବ ଇଡି ପଠାଇ ଦେଲେ ।

ସୂଚନା ଅନୁଯାୟୀ ଚୈତନ୍ୟ ରିୟଲ ଇଷ୍ଟେଟ ବ୍ୟବସାୟରେ ଜଡ଼ିତ ଥିଲେ । ତେବେ ସେ କଂଗ୍ରେସ ସଦସ୍ୟ ଅଛନ୍ତି । ମଦ ଦୁର୍ନୀତି ସହିତ କୋଲ୍ ଲେଭି, ମହାଦେବ ଆପ୍ ଏବଂ ହାୱାଲା ମାଧ୍ୟମରେ ମନି ଲଣ୍ଡରିଂ ଆଦି ମାମଲାରେ ଚୈତନ୍ୟଙ୍କ ନାମ ଆସିଛି । ୨୧୭୪ କୋଟିର ମଦ ଦୁର୍ନୀତି ମାମଲାର ଯାଞ୍ଚରୁ ଜଣାପଡ଼ିଛି ଯେ ଭୂପେଶଙ୍କ କାର୍ଯ୍ୟକାଳରେ ଆଇଏଏସ ଅଧିକାରୀ ଅନିଲ ଟୁଟେଜା, ଅବକାରୀ ବିଭାଗର ଏମଡି ଏପି ତ୍ରିପାଠୀ ଏବଂ ବ୍ୟବସାୟୀ ଅନୱର ଢେବରଙ୍କ ସିଣ୍ଡିକେଟ ମାଧ୍ୟମରେ ଦୁର୍ନୀତି ହୋଇଥିଲା । ଇଓଡବ୍ଲ୍ୟୁ ଆରୋପପତ୍ର ଅନୁଯାୟୀ ୧୩୯୨ କୋଟି ୪୫ ଲକ୍ଷ ୩୯ ହଜାର ଟଙ୍କା କେବଳ ନେତାମନ୍ତ୍ରୀଙ୍କୁ ବଣ୍ଟା ଯାଇଥିଲା । ୩ ମଦ ଯୋଗାଣକାରୀଙ୍କୁ ୩୫୮ କୋଟି ୬୫ ଲକ୍ଷ ୩୨ ହଜାର, ଅନୱର ଢେବର ଓ ଅନିଲ ଟୁଟେଜାଙ୍କୁ ୧୮୧ କୋଟି ୫୨ ଲକ୍ଷ ୮୫ ହଜାର, ଅବକାରୀ ବିଭାଗକୁ ୯୦ କୋଟି ୭୬ ଲକ୍ଷ ୪୨ ହଜାର ୫୦୦ ଟଙ୍କା, ଅରବିନ୍ଦ ସିଂହ ଏବଂ ବିକାଶ ଅଗ୍ରୱାଲଙ୍କୁ ୬୦ କୋଟି ୫୦ ଲକ୍ଷ ୯୫ ହଜାର, ଜିଲ୍ଲା ଅବକାରୀ ଅଧିକାରୀ ଏବଂ ମଦ ଦୋକାନର କର୍ମଚାରୀଙ୍କୁ ୯୦ କୋଟି ୭୬ ଲକ୍ଷ ୪୨ ହଜାର ୫୦୦ ଟଙ୍କା ବଣ୍ଟା ଯାଇଥିଲା ।

## ଇଣ୍ଡି ମେଣ୍ଟରୁ ଅଲଗା ହେଲେ କେଜ୍ରିୱାଲ

ନୂଆଦିଲ୍ଲୀ, ୧୮ ।୭(ଏଜେନ୍ସି): ଏକ ଉଲ୍ଲେଖନୀୟ ଘଟଣାକ୍ରମରେ ଆମ ଆଦମୀ ପାର୍ଟି (ଆପ୍) ବିରୋଧୀ ଇଣ୍ଡିଆ ମେଣ୍ଟରୁ ଅଲଗା ହୋଇଛି । ଦଳର ରାଜ୍ୟସଭା ସାଂସଦ ସଞ୍ଜୟ ସିଂ ଶୁକ୍ରବାର ଏହି ସୂଚନା ଦେଇଛନ୍ତି । ତେବେ ଏହା କୌଣସି ନୂଆ କଥା ନୁହଁ । ଲୋକସଭା ନିର୍ବାଚନ ପରେ ଆପ୍ ଇଣ୍ଡିଆ ମେଣ୍ଟରୁ ପ୍ରାୟତଃ ଅଲଗା ହୋଇସାରିଥିଲା । କେବଳ ଔପଚାରିକ ଘୋଷଣା ବାକିଥିଲା । ଦିଲ୍ଲୀ ନିର୍ବାଚନ ହାରିବା ପରେ ଆପ୍ ଇଣ୍ଡିଆ ମେଣ୍ଟ ସହ ରହିବ ବୋଲି ଅନୁମାନ କରାଯାଉଥିଲା । କିନ୍ତୁ ନିକଟରେ ହୋଇଥିବା ବିଧାନସଭା ଉପ- ନିର୍ବାଚନରେ ଆପ୍ ଗୁଜରାଟ ଓ ପଞ୍ଜାବରେ ଭଲ ପ୍ରଦର୍ଶନ କରିଥିଲା । ଫଳରେ ଆପ୍ ଏବେ ନିଶ୍ଚିହ୍ନ ହୋଇନାହିଁ ବୋଲି ସ୍ପଷ୍ଟ ହୋଇଛି । ଗୁଜରାଟ ନିର୍ବାଚନରେ ଭଲ ପ୍ରଦର୍ଶନ କରିବ ବୋଲି ଆପ୍ ଆଶାବାଦୀ ଅଛି । କଂଗ୍ରେସ ସହ ନିର୍ବାଚନ ଲଢିଲେ ଆପ୍ ବେଶି ଲାଭବାନ ହେବ ନାହିଁ ବୋଲି ହୃଦୟଙ୍ଗମ କରିଛି । ତେଣୁ ଆପ୍ ଇଣ୍ଡିଆ ମେଣ୍ଟରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଛି । ଏହି ମେଣ୍ଟ କେବଳ ୨୦୨୪ ଲୋକସଭା ନିର୍ବାଚନ ପାଇଁ ଉଦ୍ଦିଷ୍ଟ ଥିଲା । ଏହା ପରେ ଆମେ ଦିଲ୍ଲୀ ଓ ହରିୟାଣାରେ ଏକାକି ନିର୍ବାଚନ ଲଢିଥିଲୁ ବୋଲି ସଞ୍ଜୟ କହିଛନ୍ତି । ଏହିକ୍ରମରେ ସେ କଂଗ୍ରେସ ପାର୍ଟିକୁ ସମାଲୋଚନା କରିଛନ୍ତି । କଂଗ୍ରେସ ଇଣ୍ଡିଆ ମେଣ୍ଟର ନେତୃତ୍ୱ ନେବାରେ ବିଫଳ ହୋଇଛି । ଲୋକସଭା ନିର୍ବାଚନ ପରେ କଂଗ୍ରେସ ଇଣ୍ଡିଆ ମେଣ୍ଟର କୌଣସି ବୈଠକ ଡାକିନାହିଁ । ତେଣୁ ଏହା ଏକ ପିଲା ଖେଳ ନୁହେଁ ବୋଲି ସେ କହିଛନ୍ତି । ଏବେ ଆପ୍ ଏକାକୀ ନିର୍ବାଚନ ଲଢିବ ବୋଲି ସେ ସ୍ପଷ୍ଟ କରିଛନ୍ତି ।

# ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟ ଗଠନ ନ କଲେ ବିଚାରାଧୀନଙ୍କୁ ଜାମିନ ଦେବୁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୮।୭ (ଏଜେନ୍ସି): ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସି (ଏନଆଇଏ)କୁ ନେଇ ସୁପ୍ରିମକୋର୍ଟ ଶୁକ୍ରବାର କେନ୍ଦ୍ର ସରକାରଙ୍କୁ ବଡ଼ ଚେତାବନୀ ଦେଇଛନ୍ତି । ଏନ୍‌ଆଇଏ ମାମଲାର ଶୀଘ୍ର ଶୁଣାଣି ଲାଗି ଉପଯୁକ୍ତ ଭିତ୍ତିଭୂମି ସହିତ ଅଲଗା କୋର୍ଟ ଗଠନ କଲେ ବିଚାରାଧୀନ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିବୁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରିଦେଇଛନ୍ତି । କେତେ ଦିନ ପର୍ଯ୍ୟନ୍ତ ବିଚାରାଧୀନ ଅଭିଯୁକ୍ତଙ୍କୁ ହେପାଜତରେ ରଖିବ ବୋଲି କେନ୍ଦ୍ର ଏବଂ ସମ୍ବନ୍ଧିତ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି । ଏଭଳି ମାମଲାର ସମାଧାନ ଲାଗି ସ୍ୱତନ୍ତ୍ର କୋର୍ଟ ଗଠନ ନିମନ୍ତେ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟୋମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ କେନ୍ଦ୍ରକୁ ଶେଷ ସୁଯୋଗ ଦେଇଛନ୍ତି । ଦୀର୍ଘଦିନ ପର୍ଯ୍ୟନ୍ତ ଜେଲ୍‌ରେ ଥାଇ ଶୁଣାଣି ଆରମ୍ଭ ହୋଇ ନ ଥିବା ଜଣେ ଅଭିଯୁକ୍ତଙ୍କ ଆବେଦନର ବିଚାର କରି କୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି । ଖଣ୍ଡପୀଠ କହିଛନ୍ତି ଯେ ବର୍ତ୍ତମାନ ଥିବା ଅଦାଲତକୁ ଖାଲି ସ୍ୱତନ୍ତ୍ର କୋର୍ଟ ଘୋଷଣା କରିଦେଲେ ପର୍ଯ୍ୟାପ୍ତ ହେବ ନାହିଁ । ଏଭଳି କରିବା ଦ୍ୱାରା ବିଚାରାଧୀନ କଏଦୀ, ବୃଦ୍ଧ, ଗରିବ ଏବଂ ବୈବାହିକ ବିବାଦ ଭଳି ଅନ୍ୟ ଜରୁରୀ ମାମଲା ପ୍ରଭାବିତ ହେବ । ୟୁଏପିଏ ଏବଂ ଏମକୋକା ଭଳି ଗମ୍ଭୀର ମାମଲାରେ ତ୍ୱରିତ ଶୁଣାଣି ପାଇଁ ଅଲଗା ସ୍ୱତନ୍ତ୍ର କୋର୍ଟ ଆବଶ୍ୟକ । କୋର୍ଟ ଏନଆଇଏ ସଚିବଙ୍କ ସତ୍ୟପାଠ ଉପରେ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି । କହିଛନ୍ତି ଯେ ସରକାର ବିଚାରକୁ ତ୍ୱରାନ୍ୱିତ କରିବା ପାଇଁ କ'ଣ ଠୋସ୍ ପଦକ୍ଷେପ ନେଇଛନ୍ତି ତାହା ଏଥିରେ କୁହାଯାଇ ନାହିଁ । ଏନଆଇଏ ମାମଲା ଚଳାଇବାକୁ ଚାହୁଁଛି, କିନ୍ତୁ ଟ୍ରାଏଲ ଶୀଘ୍ର କରିବାକୁ ଚାହୁଁନାହିଁ । ଯଦି ପରବର୍ତ୍ତୀ ଶୁଣାଣି ସୁଦ୍ଧା ଏହା ଉପରେ ନିଷ୍ପତ୍ତି ନିଆ ନ ଯାଏ ତେବେ କୋର୍ଟ ଅଭିଯୁକ୍ତଙ୍କୁ ମୁକ୍ତ କରିଦେବେ ବୋଲି ସ୍ପଷ୍ଟ କରିଛନ୍ତି ।

## ପାକିସ୍ତାନୀ ଟିଆରଏଫ୍‌କୁ ଆତଙ୍କୀ ସଂଗଠନ ଘୋଷଣା କଲା ଆମେରିକା

ୱାସିଂଟନ, ୧୮ ।୭(ଏଜେନ୍ସି): ପାକିସ୍ତାନ ସମର୍ଥିତ ଦି ରେସିଷ୍ଟାନ୍ସ ଫ୍ରଣ୍ଟ (ଟିଆରଏଫ୍)କୁ ଆମେରିକା ଆତଙ୍କବାଦୀ ସଂଗଠନ ଘୋଷଣା କରିଛି । ଟିଆରଏଫ୍‌କୁ ଫରେନ ଟେରରିଷ୍ଟ ଅର୍ଗାନାଇଜେସନ (ଏଫ୍‌ଟିଓ) ଓ ସ୍ପେଶିଆଲି ଡେଜିଗନେଟେଡ ଗ୍ଲୋବାଲ ଟେରରିଷ୍ଟ (ଏସ୍‌ଡିଜିଟି) ତାଲିକାରେ ସାମିଲ କରିଛି । ଆମେରିକା ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଆ ଶୁକ୍ରବାର ଏହି ଘୋଷଣା କରିଛନ୍ତି । ଟିଆରଏଫ୍ ହେଉଛି ଲସ୍କର- ଇ- ତୋଇବା (ଏଲ୍‌ଇଟି)ର ଏକ ଛାମୁଆ ସଂଗଠନ । ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପାଇଁ ଟିଆରଏଫ୍ ନିଜକୁ ଦାୟୀ କରିଥିଲା । ଏଥିରେ ଧାର୍ମିକ ପରିଚୟ ପଚାରି ୨୬ ଜଣ ଲୋକଙ୍କୁ ଅତି ନିର୍ମମ ଭାବେ ଗୁଳି ମାରି ହତ୍ୟା କରାଯାଇଥିଲା ବୋଲି ରୁବିଆ କହିଛନ୍ତି । ଭାରତୀୟ ସେନା ଉପରେ କେତୋଟି ଆକ୍ରମଣ ଘଟଣାରେ ମଧ୍ୟ ଟିଆରଏଫ୍ ନିଜକୁ ଦାୟୀ କରିଛି । ଆତଙ୍କବାଦ ବିରୋଧରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କର କଡ଼ା ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି ବୋଲି ସେ କହିଛନ୍ତି ।

# ବୌଦ୍ଧ ଭିକ୍ଷୁଙ୍କୁ ଫସାଇ ୧୦୨ କୋଟି ଲୁଟ୍



ବ୍ୟାଙ୍କକ, ୧୮।୭ (ଏଜେନ୍ସି): ଧର୍ମ ପରାୟଣ ଥାଇଲାଣ୍ଡରେ ଏକ ସେକ୍ସ ସ୍କାଣ୍ଡାଲକୁ ନେଇ ଚାଞ୍ଚଲ୍ୟ ଖେଳି ଯାଇଛି । ଏହି ସ୍କାଣ୍ଡାଲରେ ବୌଦ୍ଧ ସନ୍ୟାସୀ ଫସିଛନ୍ତି । ଜଣେ ଯୁବତୀ ସୋସିଆଲ ମିଡିଆରେ ଆକାଉଣ୍ଟ ଖୋଲି ବୌଦ୍ଧ ସନ୍ୟାସୀଙ୍କ ସହ ବନ୍ଧୁତା କରୁଥିଲା । ନିଜ ମାୟାଜାଲରେ ଫସାଇ ସନ୍ୟାସୀଙ୍କ ବ୍ରହ୍ମଚର୍ଯ୍ୟ ଭଙ୍ଗ କରି ଶାରୀରୀକ ସମ୍ପର୍କ ରଖୁଥିଲା । ଗୋପନୀୟ ଭାବେ ଏହି ସମୟର ଫଟୋ ଏବଂ ଭିଡିଓ ରେକର୍ଡିଂ କରୁଥିଲା । ପରେ ଏହା ଆଧାରରେ ବୌଦ୍ଧ ସନ୍ୟାସୀଙ୍କୁ ବ୍ଲାକମେଲ୍ କରି କୋଟି କୋଟି ଟଙ୍କା ଏବଂ ସାମଗ୍ରୀ ଲୁଟି ନେଉଥିଲା । ଏହି ମାମଲାରେ ଥାଇଲାଣ୍ଡ ପୁଲିସ ଯୁବତୀ ୱିଲୱାନ ଏମସାୱତ (୩୦)ଙ୍କୁ ଗିରଫ କରିଛି । ଏହି ସ୍କାଣ୍ଡାଲରେ ଫସିଥିବା ୯ ମଠାଧୀଶ ଏବଂ ବରିଷ୍ଠ ଭିକ୍ଷୁଙ୍କ ମୁଖା ଖୋଲି ଯାଇଛି । ସେମାନଙ୍କୁ ଭିକ୍ଷୁ ପଦରୁ ବାହାର କରିଦିଆଯାଇଛି । ଏହା ଜଣାପଡ଼ିବା ପରେ ଥାଇ ରାଜା ନିଜ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ବୌଦ୍ଧ ସନ୍ୟାସୀଙ୍କୁ ଦେଇଥିବା ନିମନ୍ତ୍ରଣ ପ୍ରତ୍ୟାହାର କରି ନେଇଛନ୍ତି ।

ଏହି ମହିଳା ମିସ୍ ଗଲ୍ଫ ନାମରେ ପରିଚିତ ଥିଲେ । ତାଙ୍କ ଫୋନରୁ ବୌଦ୍ଧ ସନ୍ୟାସୀଙ୍କୁ ପଠା ଯାଇଥିବା ମେସେଜ ଏବଂ ଭିଡିଓ ମିଳିଛି । ୮୦ ହଜାର ଉଲଗ୍ନ ଫଟୋ ମଧ୍ୟ ଜବତ କରାଯାଇଛି । ସେ ନିଜ ଘରକୁ ଡକାଇ ବୌଦ୍ଧ ସନ୍ୟାସୀଙ୍କ ସହ ସମ୍ବନ୍ଧ ରଖୁଥିଲା । ସେ ବ୍ଲାକମେଲ୍ କରି ଗତ ତିନି ବର୍ଷ ମଧ୍ୟରେ ବୌଦ୍ଧ ଭିକ୍ଷୁଙ୍କଠାରୁ ୧୦୨ କୋଟି ଟଙ୍କା ଲୁଟି ନେଇଥିଲା । ଏହି ଅର୍ଥକୁ ଅନ୍‌ଲାଇନ ଜୁଆଖେଳରେ ଲଗାଉ ଥିଲା । କିଛି ବୌଦ୍ଧ ସନ୍ୟାସୀ ମଧ୍ୟ ମିସ୍ ଗଲ୍ଫଙ୍କ ସହ ସମ୍ପର୍କ ରଖିଥିବା ସ୍ୱୀକାର କରିଛନ୍ତି । ଜଣେ ଭିକ୍ଷୁଙ୍କୁ ସେ କାର୍ ଉପହାର ଦେଇଥିଲା । ମାତ୍ର ଅନ୍ୟ ଜଣେ ଭିକ୍ଷୁଙ୍କ ସହ ଦେଖିଦେବା ପରେ ମହିଳା ତାଙ୍କୁ ଟଙ୍କା ମାଗିଥିଲେ । ପ୍ରଥମେ ଜୁନ୍ ମଧ୍ୟଭାଗରେ ୱାଟ ତ୍ରି ଥୋଟସାଥିପ ମଠର ମଠାଧିଶ ନିଖୋଜ ହେବା ପରେ ଏହି ମାମଲା ସାମ୍‌ନାକୁ ଆସିଥିଲା ।

## ଦିଲ୍ଲୀର ୪୫, ବେଙ୍ଗାଲୁରୁର ୫୦ ସ୍କୁଲକୁ ବୋମା ଧମକ

ନୂଆଦିଲ୍ଲୀ, ୧୮ ।୭(ଏଜେନ୍ସି): ରାଜଧାନୀ ଦିଲ୍ଲୀ ଓ ବେଙ୍ଗାଲୁରୁରେ ଶୁକ୍ରବାର ସକାଳେ ୯୫ରୁ ଊର୍ଦ୍ଧ୍ୱ ସ୍କୁଲକୁ ବୋମାରେ ଉଡାଇଦେବାକୁ ଧମକ ମିଳିଛି । ଦିଲ୍ଲୀର ୪୫ରୁ ଅଧିକ ସ୍କୁଲକୁ ଉଡାଇଦେବାକୁ ଇମେଲ ଜରିଆରେ ଧମକ ମିଳିଛି । ଏଥିରେ ପୀତମପୁରା, ଦ୍ୱାରକା, ପଶ୍ଚିମବିହାର, ରୋହିଣୀ, ସଙ୍ଗମ ବିହାର ସମେତ ଅନ୍ୟସ୍ଥାନରେ ଥିବା ସ୍କୁଲ ସାମିଲ ରହିଛି । ସୂଚନା ମିଳିବା ପରେ ଦିଲ୍ଲୀ ପୁଲିସ୍, ବୋମା ନିଷ୍କ୍ରିୟ ଦଳ ଓ ଦମକଳ ବାହିନୀ ବିଭିନ୍ନ ସ୍କୁଲ୍‌ରେ ପହଞ୍ଚିଥିଲେ । ସ୍କୁଲଗୁଡିକୁ ତୁରନ୍ତ ଖାଲି କରିଦିଆଯାଇଥିଲା ଓ ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା । ସେହିପରି ଦିଲ୍ଲୀ ବିଶ୍ୱବିଦ୍ୟାଳୟର ୩ଟି କଲେଜକୁ ମଧ୍ୟ ସମାନ ଧମକ ମିଳିଥିଲା । ଗତ ୫ ଦିନ ମଧ୍ୟରେ ଚତୁର୍ଥ ଥର ପାଇଁ ଦିଲ୍ଲୀରେ ଇମେଲ ଜରିଆରେ ଏପରି ଧମକ ମିଳିଛି । ଏହାପୂର୍ବରୁ ଜୁଲାଇ ୧୪, ୧୫ ଓ ୧୬ ତାରିଖରେ ଏପରି ଧମକ ମିଳିଥିଲା । ସେହିପରି ବେଙ୍ଗାଲୁରୁର ୫୦ଟି ସ୍କୁଲକୁ ଇମେଲ ଜରିଆରେ ସମାନ ଧମକ ମିଳିଛି । ସୂଚନା ମିଳିବା ପରେ ହିଁ ପୁଲିସ ଓ ବୋମା ନିଷ୍କ୍ରିୟ ଦଳ ଭିନ୍ନ ଭିନ୍ନ ସ୍କୁଲରେ ପହଞ୍ଚି ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଥିଲେ ।

ଧନୀ ବ୍ୟବସାୟୀଙ୍କୁ ଲୋଭ ଦେଖାଇ ଲୁଟ୍ /

# ୫୦୦ କୋଟି ଠକେଇର ସୂତ୍ରଧର ଗିରଫ



ବେଙ୍ଗାଲୁରୁ, ୧୮।୭ (ଏଜେନ୍ସି): ଧନ ସମ୍ପତ୍ତିର ଲୋଭ ମଣିଷକୁ ଅନ୍ଧ କରିଦିଏ । ପାଖରେ ଯେତେ ଧନ ଥିଲେ ବି ଅଧିକରୁ ଅଧିକ ଅର୍ଜନ କରିବାର ଆଶା ବିପଦ ସୃଷ୍ଟି କରିଥାଏ । ଠକ ଏହାର ସୁଯୋଗ ନେଇ ଠକେଇ କରିଥାନ୍ତି । ଏଭଳି ଏକ ଠକେଇ ମାମଲା ମାଙ୍ଗାଲୁରୁ ସହରରୁ ସାମ୍‌ନାକୁ ଆସିଛି । ଅଧିକ ଟଙ୍କାର ଋଣ ଲୋଭ ଏବଂ ଜମି ଚୁକ୍ତି କରିଦେବାକୁ କହି ଧନୀ ବ୍ୟବସାୟୀଙ୍କୁ ନିଶାଣ କରୁଥିଲା । ବ୍ୟାଙ୍କ ସହ ଚିହ୍ନା ପରିଚୟ ଥିବା ଦର୍ଶାଇ ଆସ୍ଥା ଭାଜନ ହେଉଥିଲା । ପରେ ବ୍ୟବସାୟ ବଢ଼ାଇବା ପାଇଁ ୫୦୦ରୁ ୬୦୦ କୋଟି ଋଣ କରିଦେବାକୁ କହୁଥିଲା । ରାଜି ହେବା ପରେ ପ୍ରୋସେସିଂ ଫି, ଆଇନଗତ କାର୍ଯ୍ୟ କରିବାକୁ କହି ୫୦ ଲକ୍ଷ ଟଙ୍କାରୁ ୪ କୋଟି ପର୍ଯ୍ୟନ୍ତ ଅଗ୍ରୀମ ମାଗୁଥିଲା । ଆଉ ଟଙ୍କା ପାଇବା ପରେ ଫୋନ ସ୍ୱିଚ୍‌ଅଫ୍ କରି ଦେଉଥିଲା । ବ୍ୟବସାୟୀଙ୍କ ସହ କୌଣସି ଯୋଗାଯୋଗ ରଖୁ ନ ଥିଲା । ଗାଏବ ହେଇ ଯାଉଥିଲା । ଜଣେକି ଦୁଇ ଜଣ ନୁହେଁ, ଦେଶର ଅନେକ ଧନୀ ବ୍ୟବସାୟୀଙ୍କଠାରୁ ୫୦୦ କୋଟିରୁ ଅଧିକ ଟଙ୍କା ଠକି ନେଇଥିବା ଠକ ରୋହନ ସାଲ୍‌ଦାନାକୁ ମାଙ୍ଗାଲୁରୁ ସହର ପୁଲିସ ଗିରଫ କରିଛି ।

ପୁଲିସ କମିଶନର ସୁଧୀର କୁମାର ରେଡ୍ଡୀ ଏବଂ ଏସିପି ରବୀଶ ନାୟକଙ୍କ ନେତୃତ୍ୱାଧୀନ ଟିମ୍ ରାତି ଅଧରେ ଅଭିଯାନ ଚଳାଇ ଜେପିନାମୋଗାରୁ ଅଞ୍ଚଳରୁ ତାକୁ ଗିରଫ କରିଛନ୍ତି । ଏହି ଠକ ନିଜେ ରହିବା ଏବଂ କଳା କାରବାରକୁ ଲୁଚାଇବା ପାଇଁ ମହଲ ଗଢ଼ି ଗୁପ୍ତ କୋଠରୀ ବନାଇ ଥିଲା । ଏହା ଦେଖି ପୁଲିସ ଅବାକ ହୋଇ ଯାଇଥିଲା । ସେ କବାଟ ପଛରେ ଥିବା ଗୋପନୀୟ ପ୍ରକୋଷ୍ଠରେ ରହୁଥିଲା । ଠକେଇ ଟଙ୍କାରେ ଅୟସ କରୁଥିଲା । ମହଙ୍ଗା ସାମଗ୍ରୀ କିଣି ସଜେଇ ରଖିଥିଲା । ଏହା ଭିତରେ ବାର୍‌ଠାରୁ ଆରମ୍ଭ କରି ସବୁ ସୁବିଧା ଥିଲା । ବାହାରିବା ପାଇଁ ଗୁପ୍ତ ପଥ ରହିଥିଲା । ଆଗନ୍ତୁକଙ୍କ ଉପରେ ନଜର ରଖିବା ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା କରିଥିଲା । ଉଚ୍ଚ କ୍ଷମତା ସମ୍ପନ୍ନ ସିସିଟିଭି ଲଗାଇ ଥିଲା । ଆଉ ଏହା ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ଥିଲା । ପୁଲିସ ଯାଞ୍ଚରୁ ଜଣାପଡ଼ିଛି ଯେ ଗତ ତିନି ମାସରେ ତାର ଖାତାରେ ୪୦ କୋଟି ଟଙ୍କାର କାରବାର ହୋଇଛି । ତା' କୋଠାରେ ୩ରୁ ୫ ଲକ୍ଷ ଟଙ୍କା ମୂଲ୍ୟର ବିରଳ ସାମଗ୍ରୀ ଜବତ କରାଯାଇଛି । ମଦ ଭଣ୍ଡାର ମଧ୍ୟ ରହିଛି । ଆର୍ଥିକ ପ୍ରତିଷ୍ଠାନ ସହ ସମ୍ପର୍କ ଥିବା ଦର୍ଶାଇ ସେ ଦେଶର ଅନେକ ବ୍ୟବସାୟୀଙ୍କୁ ଠକିଥିଲା । ସେ ପୀଡ଼ିତଙ୍କୁ ପ୍ରଥମେ ନିଜ କ୍ଷମତା ଦେଖାଉ ଥିଲା । ପରେ ଠକି ଚାଲି ଯାଉଥିଲା । ଏବେ ସେ କେମିତି ଏହି କାରବାର କରୁଥିଲା ତାହା ଜାଣିବା ପାଇଁ ତଦନ୍ତ ଜାରି ରହିଛି ।

**ଅସହିଷ୍ଣୁ ହୋଇ ବନ୍ଦ କରିଥିଲେ ‘୫-ଟି’ ଓ ‘ମୋ ସରକାର’**

# ଜୀବନ ଗଲା ପରେ ଚେତା ପଶିଲା

ଭୁବନେଶ୍ୱର, ୧୮।୭(ସମିସ): ସାଧାରଣ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣାଣି ନିମନ୍ତେ ପୂର୍ବ ସରକାର କରିଥିଲେ ‘୫-ଟି’ ଓ ‘ମୋ ସରକାର’ ବ୍ୟବସ୍ଥା। ପ୍ରଶାସନକୁ ଶୃଙ୍ଖଳିତ କରିବା ପାଇଁ ପୂର୍ବ ସରକାରଙ୍କ ଏହି ଦୁଇ ବ୍ୟବସ୍ଥା ଅଭୂତପୂର୍ବ ସଫଳତା ପାଇଥିଲା, ସାରା ଦେଶରେ ଆଦୃତି ଲାଭ କରିଥିଲା। ‘ମୋ ସରକାର’ରେ ଲୋକମାନଙ୍କଠାରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସିଧାସଳଖ ଆପତ୍ତି ଅଭିଯୋଗ ଶୁଣୁଥିଲା ଓ ସ୍ଥଳବିଶେଷରେ ନିଜଆଡ଼ୁ ଫୋନ୍ କରାଯାଇ ସାଧାରଣ ଲୋକଙ୍କଠାରୁ ମତାମତ ନିଆଯାଉଥିଲା। ମାତ୍ର ସରକାର ପରିବର୍ତ୍ତନ ପରେ ସରକାରୀ ଅସହିଷ୍ଣୁତାର ଶିକାର ହୋଇଥିଲା ଏହି ଦୁଇ କାର୍ଯ୍ୟକ୍ରମ। ଦୁଇଟି ବ୍ୟବସ୍ଥାକୁ ବନ୍ଦ କରି ଦିଆଯାଇଥିଲା। ମାତ୍ର ଏବେ ସୌମ୍ୟାଶ୍ରୀଙ୍କ ଆତ୍ମଦାହ ଘଟଣା ପରେ ସରକାରଙ୍କ ଚେତା ପଶିଛି। ପ୍ରତ୍ୟେକ ସରକାରୀ ବିଭାଗ ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମ ‘ଏକ୍ସ’ରେ ନିଜକୁ ସକ୍ରିୟ କରିଛି ଓ ଆପତ୍ତି ଅଭିଯୋଗ ଶୁଣାଣି ପାଇଁ ପଥ ପରିଷ୍କାର କରିଛି। ‘ଏକ୍ସ’ ମାଧ୍ୟମରେ ହେଉଥିବା ଅଭିଯୋଗଗୁଡ଼ିକୁ ସମ୍ପୃକ୍ତ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ତୁରନ୍ତ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଉଛନ୍ତି। ବର୍ତ୍ତମାନ ସମୟରେ ସରକାର ଅଭିଯୋଗଗୁଡ଼ିକୁ ଯେଉଁଳି ଗମ୍ଭୀରତାର ସହ ନିରୀକ୍ଷଣ କରୁଛନ୍ତି, ଗତ ୧ ତାରିଖରେ

### ଅଭିଯୋଗ ଶୁଣିଥିଲେ ଆଜି ବଞ୍ଚିଥାନ୍ତେ ସୌମ୍ୟାଶ୍ରୀ

ସୌମ୍ୟାଶ୍ରୀ କରିଥିବା ଅଭିଯୋଗକୁ ଯଦି ସେତିକି ଗୁରୁତ୍ୱ ଦେଇଥା’ନ୍ତେ, ତେବେ ଜଣେ ନିରୀହ ଛାତ୍ରୀଙ୍କର ଏଭଳି ଯନ୍ତ୍ରଣାସିକ୍ତ ମୃତ୍ୟୁ ହୋଇନଥା’ନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି।

ସରକାରଙ୍କର ୪୦ଟି ସରକାରୀ ବିଭାଗ ରହିଛି। ଏହି ସମସ୍ତ ବିଭାଗର ‘ଏକ୍ସ’, ‘ଫେସ୍‌ବୁକ୍’, ‘ଇନ୍‌ଷ୍ଟାଗ୍ରାମ୍’ ଆଦି ସାମାଜିକ ଗଣମାଧ୍ୟମ ଆକାଉଣ୍ଟ୍ ଅଛି। ଏହି ଆକାଉଣ୍ଟର ପରିଚାଳନା ପାଇଁ ରାଜକୋଷରୁ ମାସକୁ ଲକ୍ଷଲକ୍ଷ ଟଙ୍କା ବ୍ୟୟ ହେଉଛି। ଏଥିପାଇଁ ନିର୍ଦ୍ଦିଷ୍ଟ ସଂସ୍ଥାଙ୍କୁ ନିଯୁକ୍ତି ଦିଆଯାଇଛି। ହେଲେ ସେମାନେ ସାଧାରଣ ଲୋକଙ୍କ ମୌଳିକ ଦାବିକୁ ଅଣଦେଖା କରି କେବଳ ସରକାରୀ ପ୍ରଚାର ପ୍ରସାରରେ ମାତିଛନ୍ତି ବୋଲି ସାଧାରଣଲୋକ ଅଭିଯୋଗ କରିଛନ୍ତି। ପୂର୍ବ ସରକାର ସମୟରେ ଏହି ମାଧ୍ୟମରେ ଆସୁଥିବା ଅଭିଯୋଗଗୁଡ଼ିକର ଗୁରୁତ୍ୱର ସହ ନିଆଯାଉଥିଲା। ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ହୋଇଥିବା ଏକାଧିକ ନଜିର୍ ରହିଛି। ମାତ୍ର ସରକାର ବଦଳିବାରେ ଅନ୍ୟ ବ୍ୟବସ୍ଥା ପରି ସାମାଜିକ ଗଣମାଧ୍ୟମରେ ହେଉଥିବା ଆପତ୍ତି ଓ ଅଭିଯୋଗ ବ୍ୟବସ୍ଥା ବି ସ୍ଥାଣୁ ପାଲଟି ଯାଇଛି। ଏହାର ନଗ୍ନ ଉଦାହରଣ ମଧ୍ୟ ସୌମ୍ୟାଶ୍ରୀଙ୍କ ଘଟଣାରେ ଦେଖିବାକୁ ମିଳିଛି।

ଅପରପକ୍ଷେ, ବିଭାଗୀୟ ମନ୍ତ୍ରୀମାନଙ୍କର ସାମାଜିକଗଣମାଧ୍ୟମରେବିଭିନ୍ନପ୍ଲାଟ୍‌ଫର୍ମରେ ଆକାଉଣ୍ଟ୍ ରହିଛି। ସେଠି ସେମାନେ ଏକାଧିକ ସୂଚନା ପ୍ରଦାନ କରିବା ସହ ନିଜ ସଭା ସମିତିର ଫଟୋ ଆଦି ଅପ୍‌ଲୋଡ୍ କରୁଛନ୍ତି। ମାତ୍ର ସେମାନଙ୍କୁ ଟ୍ୟାଗ୍ କରି କୌଣସି ଏକ ବିଷୟରେ ନ୍ୟାୟ ମାଗିଲେ, ସେମାନେ ଏହାର ଉତ୍ତର ମିଳୁନାହିଁ। ମନ୍ତ୍ରୀମାନଙ୍କ ଆକାଉଣ୍ଟ୍ ପାଇଁ ମଧ୍ୟ ବିଭାଗୀୟ ଦପ୍ତରରୁ ଟଙ୍କା ଖର୍ଚ୍ଚ ହେଉଛି; ହେଲେ ଏହା ଲୋକଙ୍କ ହିତରେ କମ୍ ଓ ମନ୍ତ୍ରୀଙ୍କ ପ୍ରଚାରରେ ଅଧିକ ବ୍ୟବହାର ହେଉଥିବା ଅଭିଯୋଗ ହେଉଛି। ପୂର୍ବ ସରକାରରେ ‘ମୋ ସରକାର’ ପ୍ରଶାସନକୁ କ୍ରିୟାଶୀଳ କରିଥିଲା। ସରକାରୀ ବାବୁମାନେ ଏହାକୁ ଗୁରୁତ୍ୱ ଦେଉଥିଲେ। ସାମାଜିକ ଗଣମାଧ୍ୟମରେ ଆସୁଥିବା ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନେଉଥିଲେ। ବିଶେଷକରି ‘୫-ଟି’ ବ୍ୟବସ୍ଥାରେ ଭିତରେ ସାମାଜିକ ଗଣମାଧ୍ୟମରେ ଅଭିଯୋଗ ସମାଧାନର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ଥିଲା। ମାତ୍ର ବର୍ତ୍ତମାନର ସରକାର ଅସହିଷ୍ଣୁ ହୋଇ ଏସବୁ ବ୍ୟବସ୍ଥା ବନ୍ଦ କରିଦେବା ସାଧାରଣ ଲୋକଙ୍କ ଯନ୍ତ୍ରଣାକୁ ବଢ଼ାଇ ଦେଇଛି ଓ ପ୍ରଶାସନିକ ବ୍ୟବସ୍ଥାକୁ ଅନ୍ଧ-ମୂକ-ବଧିର କରିଦେଇଥିବା ଅଭିଯୋଗ ହୋଇଛି।

# ୨୧ରେ ସବୁ ଆର୍‌ଡିସି ଅଫିସ୍ ଘେରିବ ବିଜେଡି



**‘ସୌମ୍ୟାଶ୍ରୀଙ୍କୁ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ’**

**ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଓ ବିଚାର ବିଭାଗୀୟ ତଦନ୍ତ ଦାବିରେ ଦଳ ଅଟଳ**

ଭୁବନେଶ୍ୱର, ୧୮।୭ (ସମିସ): ଫକୀରମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଘଟଣା ପାଇଁ ସରକାରୀ ବ୍ୟବସ୍ଥାଗତ ବିଫଳତାକୁ ଦାୟୀ କରିଛି ବିଜେଡି। ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଦଳ ପକ୍ଷରୁ ବିଭିନ୍ନ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଜାରି ରହିଛି। ଏହି କ୍ରମରେ ଆସନ୍ତା ଜୁଲାଇ ୨୧ରେ ଦଳ ତରଫରୁ ରାଜ୍ୟର ସମସ୍ତ ଆରଡିସି ଅଫିସ୍ ଘେରାଉ କରାଯିବ ବୋଲି ଶୁକ୍ରବାର ବିଜେଡି ପକ୍ଷରୁ ସୂଚନା ଦିଆଯାଇଛି।

ଶଙ୍ଖ ଭବନଠାରେ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ଏହି ଘଟଣା ସମଗ୍ର ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ପୀଡ଼ିତା ଛାତ୍ରୀଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବିରେ ବିଜୁ ଜନତା ଦଳ ପ୍ରତିବାଦ କାର୍ଯ୍ୟକ୍ରମ କରିଆସୁଛି। ୧୪ ତାରିଖ ବିଳମ୍ବିତ ରାତିରେ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘୋଷଣା କରାଯାଇଥିଲା ବେଳେ ତା’ ପରଦିନ ସକାଳୁ ଅର୍ଥାତ୍ ଜୁଲାଇ ୧୫ ତାରିଖରେ ବିଜୁ ଛାତ୍ର ଓ ଯୁବ ଜନତା ଦଳ ତରଫରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ଆରମ୍ଭ ହୋଇଥିଲା। ୧୬ ତାରିଖ ଦିନ ବିଜୁ ଜନତା ଦଳ ତରଫରୁ ଲୋକସେବା ଭବନ ଘେରାଉ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯେଉଁଥିରେ ସରକାରଙ୍କ ନିର୍ଦ୍ଦେଶରେ ପୁଲିସ୍ ଆନ୍ଦୋଳନକାରୀଙ୍କ ଉପରେ ଆକ୍ରମଣ କରିଥିଲା। ରାଜ୍ୟ ସରକାରଙ୍କ ଦାୟିତ୍ୱହୀନତା ଓ ସମ୍ବେଦନହୀନତା ଲାଗି ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଏବଂ ଏହାର ତଦନ୍ତ ଉଚ୍ଚ ନ୍ୟାୟାଳୟରେ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ବିଚାର ବିଭାଗୀୟ ତଦନ୍ତ ପାଇଁ ବିଜେଡି ଦାବି କରିଛି। ସୌମ୍ୟାଶ୍ରୀଙ୍କୁ ନ୍ୟାୟ ନ ମିଳିବା ଯାଏ ବିଜୁ ଜନତା ଦଳ ଏହି ଆନ୍ଦୋଳନକୁ ତୀବ୍ରତର କରିବ। ଆସନ୍ତା ୨୧ ତାରିଖରେ ରାଜ୍ୟର ସବୁ ଆରଡିସି ଅଫିସ୍ ସାମ୍ନାରେ ଦଳ ବିକ୍ଷୋଭ ପ୍ରଦର୍ଶନ କରିବ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଗୌତମବୁଦ୍ଧ ଦାସ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ ଓ ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ଉପସ୍ଥିତ ଥିଲେ।

**ଏଫ୍‌ଏମ୍ ଛାତ୍ରୀ ଆତ୍ମଦାହ ଘଟଣା**

# ଗାନ୍ଧୀ ମୂର୍ତ୍ତି ନିକଟରେ ବିଜେଡିର ମୌନବ୍ରତ

ଭୁବନେଶ୍ୱର, ୧୮।୭(ସମିସ): ବାଲେଶ୍ୱରର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣା ପ୍ରତିବାଦରେ ଆଜି ଜନତା ମଇଦାନ ନିକଟସ୍ଥ ଗାନ୍ଧୀ ପାର୍କସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ବିଜୁ ଜନତା ଦଳର ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ପକ୍ଷରୁ ଅଭିନବ ପ୍ରତିବାଦ କରାଯାଇଛି। ବିଜେଡି ନେତା ଓ କର୍ମୀ ମୁହଁରେ କଳା ପଟି ବାନ୍ଧି ମୌନବ୍ରତ କରିଛନ୍ତି। ଏହି ଅବସରରେ ବିଜେଡି ପକ୍ଷରୁ କୁହାଯାଇଛି ଯେ ସରକାରଙ୍କ ନିଷ୍କ୍ରିୟତା ଓ ଦାୟିତ୍ୱହୀନତା ଲାଗି ଗୋଟିଏ ନିରୀହ ଝିଅର ଜୀବନ ଦୀପ ଅକାଳରେ ଚାଲିଗଲା। ଏହାର ପ୍ରତିବାଦ କରିବା ବେଳେ ସରକାରଙ୍କ ନିର୍ଦ୍ଦେଶରେ ପୁଲିସ ବିଜେଡି ନେତା ଓ କର୍ମୀଙ୍କୁ ବର୍ବରୋଚିତ ଆକ୍ରମଣ କରିଛି। ତେଣୁ ଭୁବନେଶ୍ୱର ବିଜୁ ଜନତା ଦଳ ପକ୍ଷରୁ ସରକାରଙ୍କୁ ସଦ୍‌ବୁଦ୍ଧି ପ୍ରଦାନ ଉଦ୍ଦେଶ୍ୟରେ ଏହି ଅଭିନବ ପ୍ରତିବାଦ କରାଯାଇଛି। ଭୁବନେଶ୍ୱର ବିଜେଡି ଜିଲ୍ଲା ସଭାପତି ଅଶୋକ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର,ସଞ୍ଜୟ କୁମାର ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଜେନା, ଡଃ ଅମର ପଟ୍ଟନାୟକ, ଟୁକୁନି ସାହୁ, ପ୍ରଦୀପ ଅମାତ, ପ୍ରଣବ ବଳବନ୍ତରାୟ, ପ୍ରଦୀପ ମାଝୀ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ମିଡିଆ ସଂଯୋଜକ ଡଃ ପ୍ରିୟବ୍ରତ ମାଝୀ, ଭୃଗୁ ବକ୍ସିପାତ୍ର, ଲୋପାମୁଦ୍ରା ବକ୍ସିପାତ୍ର, ବିଜୟ ନାୟକ, ଶର୍ମିଷ୍ଠା ସେଠୀ, ଡଃ ଲେଖାଶ୍ରୀ ସାମନ୍ତସିଂହାର, ରାଜଶ୍ରୀ ମଲ୍ଲିକ, ଧୃତିରଞ୍ଜନ ମାର୍ଥା, ରଶ୍ମିରଞ୍ଜନ ଦାସ, ଇପ୍ସିତା ସାହୁ, ସୋଫିଆ ଆଲାମଙ୍କ ସମେତ ବହୁ ନେତା ଓ ନେତ୍ରୀ ଉପସ୍ଥିତ ଥିଲେ।



# ପତ୍ନୀ ହତ୍ୟାକାରୀକୁ ଆଜୀବନ କାରାବାସ

କେନ୍ଦୁଝର, ୧୮।୭ (ସମିସ): ୨୦୨୧ ମସିହାରେ ସଂଘଟିତ ଏକ ହତ୍ୟା ମାମଲାର ବିଚାର କରି କେନ୍ଦୁଝର ଜିଲ୍ଲା ଓ ଦୌରାଜଜ୍ ଗୋପାଳଚନ୍ଦ୍ର ବେହେରା ଅଭିଯୁକ୍ତ ସଦାଶିବ ସାମଲ ଓରଫ୍ ଟିକି(୩୯)କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ଏବଂ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ୮ ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି କୋର୍ଟ ଉପରୋକ୍ତ ରାୟ ଶୁଣାଇଛନ୍ତି।

ସଦାଶିବର ଘର ଯାଜପୁର ଜିଲ୍ଲା ସାନ୍ତରାଗାଡ଼ିଆ ନିକଟସ୍ଥ ବାଙ୍ଗରାକଟ୍ ଗ୍ରାମରେ। ସେ କେନ୍ଦୁଝର ଜିଲ୍ଲା ଦୈତାରୀ ଥାନାଞ୍ଚଳରେ ସନ୍ଧ୍ୟା କିନ୍ନର (୩୦)ଙ୍କୁ ବିବାହ କରିଥିଲେ। ପ୍ରାୟ ୬ ବର୍ଷ ଏକାଠି ରହିବା ପରେ ଉଭୟଙ୍କ ସଂପର୍କରେ ଫାଟ ଦେଖାଦେଇଥିଲା। ସନ୍ଧ୍ୟାଙ୍କୁ ଛାଡ଼ି ସଦାଶିବ ଅନ୍ୟତ୍ର ରହିଥିଲେ। ଏହାର ମାସେ ପରେ ୨୦୨୧ଅକ୍ଟୋବର ୧୯ ତାରିଖରେ ସନ୍ଧ୍ୟାଙ୍କ ଘରକୁ ସଦାଶିବ ଆସିଥିଲେ। ସେଠାରେ ଦୁହିଁଙ୍କ ମଧ୍ୟରେ ପାଟିତୁଣ୍ଡ ହେବାରୁ ଏଥିରେ ଉତ୍‌କ୍ଷିପ୍ତ ହୋଇ ସଦାଶିବ ଘରକୋଣରେ ଥିବା ଏକ କୋଦାଳରେ ସନ୍ଧ୍ୟାଙ୍କ ମୁଣ୍ଡକୁ ହାଣି ଦେଇଥିଲେ। ଏଥିରେ ଘଟଣାସ୍ଥଳରେ ସନ୍ଧ୍ୟାଙ୍କ ମୃତ୍ୟୁ ହୋଇଯାଇଥିଲା। ଏ ସଂପର୍କରେ ବିନିତା କିନ୍ନରଙ୍କ ଅଭିଯୋଗ ଆଧାରରେ ଦୈତାରୀ ପୁଲିସ୍ ଏକ ହତ୍ୟା ମାମଲା ରୁଜୁ କରି ସଦାଶିବଙ୍କୁ ଗିରଫ କରିଥିଲା। କେନ୍ଦୁଝର ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟରେ ବିଚାରାଧୀନ ଥିଲା। ପିପି ପ୍ରଦୀପ କୁମାର ଦାଶ ଏହି ମାମଲା ପରିଚାଳନା କରୁଥିଲେ।

**■ ଯୁବତୀଙ୍କୁ ଅସଦାଚରଣ ଓ ନିର୍ଯାତନା**

# ଅନୁଗୋଳ ବିଜେପି ଜିଲ୍ଲା ସଂପାଦକ ଗିରଫ

ଅନୁଗୋଳ,୧୮।୭(ସମିସ): ଯୁବତୀଙ୍କୁ ଅସଦାଚରଣ ଓ ଧମକ ଅଭିଯୋଗରେ ଅନୁଗୋଳ ଜିଲ୍ଲା ବିଜେପି ସଂପାଦକ ସୁଦୀପ୍ତ ସ୍ୱାଇଁଙ୍କୁ ବନ୍ତଲା ଥାନା ପୁଲିସ ଗିରଫ କରିଛି। ସୁଦୀପ୍ତ ଦୀର୍ଘ ଦିନ ଧରି ବନ୍ତଲା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ସହ ଅସଦାଚରଣ କରି ଆସୁଥିଲେ।

### ଦଳରୁ ନିଲମ୍ବିତ କଲେ ରାଜ୍ୟ ସଭାପତି

ଖାଲି ସେତିକି ନୁହେଁ, ଫୋନ୍ କରି ତାଙ୍କ ପରିବାରଲୋକଙ୍କୁ ଗାଳିଗୁଲଜ କରିବା ସହ ଘର ବାହାରେ ମାରଣାସ୍ତ୍ର ଧରି ଭୟଭୀତ କରାଉଥିଲେ। ଏପରିକି, ଯୁବତୀଜଣଙ୍କ ବ୍ୟାଙ୍କ୍ କର୍ମଚାରୀ ହୋଇଥିବାରୁ ସେ ବ୍ୟାଙ୍କ୍ ଯିବା ସମୟରେ ସୁଦୀପ୍ତ ତାଙ୍କୁ ଅସଦାଚରଣ କରୁଥିଲେ ବୋଲି ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୁଲିସ୍ ସୁଦୀପ୍ତଙ୍କ ବିରୋଧରେ ବିଏନ୍‌ଏସ୍‌ର ଦଫା ୨୯୬, ୩୫୧ (୨), ୭୮ରେ ମାମଲା ରୁଜୁ କରି ତାଙ୍କୁ କୋର୍ଟଚାଲାଣ କରିଛି।

ଅପରପକ୍ଷେ, ବିଜେପି ହେଭିୱେଟ୍ ନେତାଙ୍କ ଚାପରେ ପୁଲିସ ଦଫା କୋହଳ କରିଥିବା ଅଭିଯୋଗ ହୋଇଛି। କିନ୍ତୁ ମାଜିଷ୍ଟ୍ରେଟ୍ ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରି ବିଏନ୍‌ଏସ୍ ଦଫା ୭୫ ଯୋଡ଼ିବାକୁ ନିର୍ଦ୍ଦେଶ ଦେଇଥିବା ତଦନ୍ତ ଅଧିକାରୀ ଶୁଭକାନ୍ତ ସ୍ୱାଇଁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେହିପରି ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ବିଜେପି ପକ୍ଷରୁ ସଂଧାରେ ସୁଦୀପ୍ତଙ୍କୁ ନିଲମ୍ବିତ କରାଯାଇଛି। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ ଜିଲ୍ଲା ସଭାପତି ପୃଥକ୍ ପୃଥକ୍ ଭାବେ ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଥିବା ନେଇ ସୂଚନା ଦେଇଛନ୍ତି।

ସୁଦୀପ୍ତ ବିଜେପିର ବହୁ ହେଭିୱେଟ ନେତାଙ୍କ ସହ ବସାଉଠା କରୁଥିବା ଦର୍ଶାଇ ସ୍ଥାନୀୟ ଅଞ୍ଚଳରେ ଉତ୍ପାତ କରୁଥିଲେ।



ଝିଅ-ବୋହୂଙ୍କୁ କମେଣ୍ଟ ମାରିବା ସହ ରାସ୍ତାରେ ଗଲା ବେଳେ ଅଶ୍ଳୀଳ ଇଙ୍ଗିତ କରୁଥିବା ଅଞ୍ଚଳବାସୀ ଅଭିଯୋଗ କହିଛନ୍ତି। ତେବେ ବହୁ ବଡ଼ ବଡ଼ ନେତାଙ୍କ ହାତ ତାଙ୍କ ମୁଣ୍ଡ ଉପରେ ଥିବାରୁ କେହି ଥାନାରେ ଅଭିଯୋଗ କରୁନଥିଲେ। କିନ୍ତୁ ଯୁବତୀଜଣଙ୍କୁ ସେ ଅତ୍ୟଧିକ ନିର୍ଯାତନା ଦେବା ଦ୍ୱାରା ସେ ଅତିଷ୍ଠ ହୋଇ ଆଇନର ଆଶ୍ରୟ ନେଇଥିବା କହିଛନ୍ତି।

ନାରୀ ସୁରକ୍ଷାକୁ ନେଇ ବିଜେପି ରାଜ୍ୟରେ ଡିଣ୍ଡିମ ପିଟୁଥିବା ବେଳେ ପ୍ରତିଦିନ ବିଭିନ୍ନ ସ୍ଥାନରୁ ନାରୀନିର୍ଯାତନା ଓ ନାରୀ ବିରୋଧୀ ଅତ୍ୟାଚାର, ହିଂସାର ଖବର ସାମ୍ନାକୁ ଆସୁଛି। ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣବଳାତ୍କାରଠାରୁ ଆରମ୍ଭ କରି ବାଲେଶ୍ୱର ଏଫଏମ କଲେଜ୍ ଛାତ୍ରୀ ତଥା ଏବିଭିପି ସଦସ୍ୟାଙ୍କ ଆତ୍ମାହୁତି ଭଳି ଅନେକ ଘଟଣା ମନରୁ ନ ଲିଭୁଣୁ ଖୋଦ୍ ଜଣେ ବିଜେପି ନେତାଙ୍କ ଏଭଳି କାରନାମା ସମସ୍ତଙ୍କୁ ବ୍ୟଥିତ କରିଛି।

**■ ନିଶାସକ୍ତ ଯୁବକଙ୍କ ଉନ୍ମତ୍ତକାଣ୍ଡ**

# ଜିଅନ୍ତା ନାଗକୁ ଚୋବାଇଦେଲେ

ବଲାଙ୍ଗିର,୧୮।୭(ସମିସ): ନିଶାସକ୍ତ ଅବସ୍ଥାରେ ଜଣେ ବ୍ୟକ୍ତି ଏକ ଜିଅନ୍ତା ନାଗ ସାପକୁ ଖାଇଦେବା ଭଳି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ବଲାଙ୍ଗିର ଜିଲ୍ଲା ତୁଷୁରା ଥାନା ଅଧୀନ ତେନ୍ତୁଲିଖୁଣ୍ଟି ଗ୍ରାମରେ ଏହି ଘଟଣା ଘଟିଛି। ତାଙ୍କୁ ଗୁରୁତର ଅବସ୍ଥାରେ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନାନୁସାରେ, ଗ୍ରାମର ଉକ୍ତ ବ୍ୟକ୍ତିଜଣଙ୍କ ପ୍ରାୟ ସମୟ ନିଶାଗ୍ରସ୍ତ ରୁହନ୍ତି। ଆଜି ସେ ନିଶାସକ୍ତ ଅବସ୍ଥାରେ ଥିବା ବେଳ ଏକ ଜୀବନ୍ତ ନାଗସାପକୁ ଧରି ପାଟିରେ ଚୋବାଇ ଦେଇଥିଲେ। ଏହା ଦେଖି ସ୍ଥାନୀୟ ଲୋକ ତାଙ୍କୁ ବାରଣ କରି ଘରକୁ ପଠାଇଥିଲେ। କିନ୍ତୁ ଏହାର କିଛି ସମୟ ପରେ ସେ ଗୁରୁତର ହୋଇପଡ଼ିବାରୁ ପରିବାରଲୋକେ ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ତାଙ୍କ ଦେହରେ ବିଷର ପ୍ରଭାବ ଅଧିକ ରହିଥିବା ଡାକ୍ତର ସୂଚନା ଦେଇଛନ୍ତି। ଅବସ୍ଥା ସଂକଟାପନ୍ନ ରହିଛି।



# ଏନ୍‌କାଉଣ୍ଟର୍‌ରେ ୬ ମାଓବାଦୀ ନିହତ

ମାଲକାନଗିରି, ୧୮।୭ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ଯବାନଙ୍କୁ ବଡ଼ ସଫଳତା ମିଳିଛି। ଛତିଶଗଡ ଅବୁଝମାଡ଼ ଜଙ୍ଗଲରେ ଯବାନଙ୍କ ଏନ୍‌କାଉଣ୍ଟର୍‌ରେ ୬ ମାଓବାଦୀ ନିହତ ହୋଇଛନ୍ତି। ଅପରେସନ୍ ଜାରି ରହିଥିବାରୁ ମୃତ୍ୟୁ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି। ଅପରପକ୍ଷେ, ଘଟଣାସ୍ଥଳରୁ ଏକେ-୪୭, ଏସଏଲଆର୍ ବନ୍ଧୁକ ସହ ବିପୁଳ ବିସ୍ଫୋରକ ଓ ମାଓ ସାମଗ୍ରୀ ଜବତ କରାଯାଇଛି। ସୂଚନାନୁଯାୟୀ, ଅବୁଝମାଡ଼ ଜଙ୍ଗଲରେ କିଛି ମାଓବାଦୀ ଆତ୍ମଗୋପନ କରିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିବା ପରେ ଆଜି ନାରାୟଣପୁର ପୁଲିସ୍ ଓ ଯବାନଙ୍କ ପକ୍ଷରୁ ମିଳିତ ସର୍ଚ୍ଚ ଅପରେସନ୍ କରାଯାଇଥିଲା। ଏହି ସମୟରେ ଯବାନଙ୍କୁ ଦେଖି ମାଓବାଦୀମାନେ ଅତର୍କିତ ଗୁଳିମାଡ଼ କରିଥିଲେ। ଯବାନଙ୍କ ପକ୍ଷରୁ ଏହାର ପାଲଟା ଜବାବ ଦିଆଯାଇଥିଲା। ଏଥିରେ ୬ ମାଓବାଦୀ ନିହତ ହୋଇଥିବା ବେଳେ କିଛି ମାଓବାଦୀ ଛତ୍ରଭଙ୍ଗ ଦେଇ ଅନ୍ୟତ୍ର ପଳାଇଥିବା ଜଣାଯାଇଛି। ସେମାନଙ୍କୁ ଖୋଜିବା ପାଇଁ ଅପରେସନ୍‌କୁ ଆହୁରି ଜୋରଦାର କରିଦିଆଯାଇଛି। ସେହିପରି ଯବାନମାନେ ଫେରିବା ପରେ ମୃତ୍ୟୁ ସଂଖ୍ୟା ସଂପର୍କରେ ଅଧିକ କିଛି ସ୍ପଷ୍ଟ ହୋଇପାରିବ ବୋଲି କୁହାଯାଉଛି।

# ସୌମ୍ୟାଶ୍ରୀଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ଦିବସ ପାଳିବ ଇଣ୍ଡିଆ ମେଣ୍ଟ



**ନିର୍ଯ୍ୟାତିତ ମହିଳାଙ୍କ ଲାଗି ସ୍ୱତନ୍ତ୍ର ସେଲ ଖୋଲିବ ପିସିସି**

**ସଂସଦରେ ଉଠିବ ସୌମ୍ୟାଶ୍ରୀ ପ୍ରସଙ୍ଗ: ପ୍ରଭାରୀ**


ଭୁବନେଶ୍ୱର,୧୮।୭(ସମିସ): ଆସନ୍ତା ୨୪ ତାରିଖ ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଦିବଂଗତ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଏକାଦଶାହ। ଏହି ଦିନକୁ ଶ୍ରଦ୍ଧାଞ୍ଜଳି ଦିବସ ଭାବେ ପାଳନ କରିବା ପାଇଁ ଇଣ୍ଡିଆ ମେଣ୍ଟର କଂଗ୍ରେସ ସମେତ ୮ଟି ଦଳ ନିଷ୍ପତ୍ତି ନେଇଛନ୍ତି। ସାରା ରାଜ୍ୟରେ ମହିଳା କଂଗ୍ରେସ ସମେତ ଆଠଟି ଦଳର ମହିଳା ସେଲ୍ ଏଥିରେ ସାମିଲ ହେବେ। କେବଳ ବାଲେଶ୍ୱର ପୀଡ଼ିତା ନୁହନ୍ତି; ନିର୍ଯାତନାର ଶିକାର ହୋଇ ପ୍ରାଣ ହରାଇଥିବା ଅନ୍ୟ ମହିଳା ଓ ଝିଅଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଦିଆଯିବ ବୋଲି ଶୁକ୍ରବାର କଂଗ୍ରେସ ସମେତ ୮ଟି ସମଭାବାପନ୍ନ ଦଳ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଏଥିପାଇଁ ରାଜ୍ୟର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରିବା ପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ ନିବେଦନ କରିଛନ୍ତି।

ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଭକ୍ତ କହିଛନ୍ତି ଯେ ରାଜ୍ୟରେ ନିର୍ଯାତିତ ମହିଳାଙ୍କ ଲାଗି ମହିଳା ସେଲ୍ ଖୋଲିବ ପିସିସି। ସେମାନେ ଆପ୍ ମାଧ୍ୟମରେ ଅଭିଯୋଗ କରିବା ପରେ ପିସିସି ଅନୁଧ୍ୟାନ କରି ତଦନ୍ତରେ ସହଯୋଗ କରିବ। ରାଜନୈତିକ ବ୍ୟାପାର କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ୍ କହିଛନ୍ତି, ସୌମ୍ୟାଶ୍ରୀଙ୍କ ପ୍ରସଙ୍ଗ ଆଗାମୀ ଦିନରେ ବିଧାନସଭାରେ ଉଠିବ। ଆଗରୁ ନାରୀ ସୁରକ୍ଷା ପ୍ରସଙ୍ଗ କଂଗ୍ରେସ ଗୃହରେ ଉଠାଇଥିଲା। ହେଲେ ରାଜ୍ୟ ସରକାର ଶୁଣି ନ ଥିଲେ। ଯେ ପର୍ଯ୍ୟନ୍ତ ଝିଅ ନ୍ୟାୟ ନ ପାଇଛି, ଆନ୍ଦୋଳନ ଜାରି ରହିବ ବୋଲି କାଡ଼ାମ କହିଛନ୍ତି। ଓଡିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଥିଲେ, ଆସନ୍ତାକାଲି ଦିଲ୍ଲୀରେ ଇଣ୍ଡିଆ ବ୍ଲକ ବୈଠକ ବସିବ। ଏହି ବୈଠକରେ ବାଲେଶ୍ୱର ପୀଡ଼ିତାଙ୍କ ପ୍ରସଙ୍ଗ ଉଠିବ। ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗ ସଂସଦରେ ଉଠାଇବେ। ଘଟଣାରେ ନ୍ୟାୟିକ ତଦନ୍ତ ପାଇଁ କଂଗ୍ରେସ ଦାବି କରୁଛି। ଉଚ୍ଚ ନ୍ୟାୟାଳୟର ଜଣେ କାର୍ଯ୍ୟକାରୀ ବିଚାରପତିଙ୍କ ଦ୍ୱାରା ତଦନ୍ତ ହେଉ ଏବଂ ଉଚ୍ଚତମ ନ୍ୟାୟାଳୟ ତଦାରଖ କରନ୍ତୁ। ଏଥିସହିତ ତୁରନ୍ତ ରାଜ୍ୟ ସରକାର ମହିଳା କମିଶନ ନିଯୁକ୍ତି କରନ୍ତୁ ବୋଲି କଂଗ୍ରେସ ପ୍ରଭାରୀ ଶ୍ରୀ ଲଲ୍ଲୁ କହିଛନ୍ତି। ଆଗାମୀ ଦିନରେ ମହିଳା ସୁରକ୍ଷା ପାଇଁ ଆନ୍ଦୋଳନ ଜାରି ରହିବ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି।

**ସୌମ୍ୟାଶ୍ରୀ ଆତ୍ମଦାହ ଘଟଣାରେ ସରକାରଙ୍କୁ ବିଜୟଙ୍କ ସମାଲୋଚନା**

# କୁଶାସନ ଚରମ ସୀମାରେ; ସୁଶାସନ କେଉଁଠାରେ?

ଭୁବନେଶ୍ୱର,୧୮।୭(ସମିସ): ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣାରେ ସରକାରଙ୍କ ଉପରେ ବର୍ଷିଛନ୍ତି ବରିଷ୍ଠ ନେତା ବିଜୟ ମହାପାତ୍ର। ଏକ ସାମ୍ବାଦିକ ସମ୍ମିଳନୀରେ ବିଜୟ ଏହି ପ୍ରସଙ୍ଗରେ ସରକାରଙ୍କ ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇବା ସହ ଗତ ୩୫ ବର୍ଷ ମଧ୍ୟରେ ଏପରି ଘଟଣା ଘଟିନାହିଁ ବୋଲି କହିଛନ୍ତି। ଜଣେ ଝିଅ କଲେଜ କ୍ୟାମ୍ପସରେ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କେବେ କରିନାହାନ୍ତି। ସାରା ଭାରତରେ ଏଥିପାଇଁ ଓଡ଼ିଶାକୁ ଲଜ୍ଜିତ ଓ ନିନ୍ଦିତ ହେବାକୁ ପଡ଼ିଛି। ଏହାକୁ କେବେ ଲିଭାଇ ହେବ ନାହିଁ। ଏହି ଘଟଣା ସବୁବେଳେ ସରକାରଙ୍କ ମୁଣ୍ଡ ଉପରେ ଖଣ୍ଡା ଭଳି ଝୁଲି ରହିବ। ଯଦି ସରକାର ଏହି ଘଟଣାକୁ ସାମାନ୍ୟ ଗୁରୁତ୍ୱ ଦେଇଥାଆନ୍ତେ; ତେବେ ଏଭଳି ଘଟଣା ଆଦୌ ଘଟିନଥାନ୍ତା ବୋଲି ଶ୍ରୀ ମହାପାତ୍ର କହିଛନ୍ତି।



**ଚାରି ଦଶନ୍ଧି ମଧ୍ୟରେ ସବୁଠାରୁ ଅଭାବନୀୟ ଘଟଣା**

**ସରକାରଙ୍କ ମୁଣ୍ଡ ଉପରେ ଖଣ୍ଡା ଭଳି ଝୁଲି ରହିବ ଏହି ଘଟଣା**

**କୋର୍ଟଙ୍କ ନିରୀକ୍ଷଣରେ ତଦନ୍ତ ହେଲେ ମିଳିପାରିବ ସଠିକ ତଥ୍ୟ**

ସେ କହିଛନ୍ତି ଯେ ବିଜେପି ଯେତେବେଳେ ବିରୋଧୀ ଦଳରେ ଥିଲା, ସେତେବେଳେ ପ୍ରତ୍ୟେକ କଥାରେ ସିବିଆଇ ତଦନ୍ତ ଦାବି କରୁଥିଲା। ଏବେ କ’ଣ ପାଇଁ ସିବିଆଇକୁ ନିରପେକ୍ଷ ତଦନ୍ତ ପାଇଁ ସରକାର କହୁନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ତେଣୁ ଏଥିରୁ ନିରପେକ୍ଷ ତଦନ୍ତ ପାଇଁ ସରକାରଙ୍କ ଆଗ୍ରହ ନ ଥିବା ମନେ ହେଉଛି। ଏହି ଘଟଣାକୁ ସରକାର ଗୁରୁତ୍ୱର ସହ ନେବାକୁ ଆଦୌ ରାଜି ନୁହନ୍ତି। ଏହି ଘଟଣା ସମସ୍ତଙ୍କ ଜ୍ଞାତସାରରେ ଘଟିଛି। ଛାତ୍ରୀଜଣଙ୍କ ଜିଲ୍ଲା ପ୍ରଶାସନଠୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଏ ସମ୍ପର୍କରେ ଜଣାଇଛନ୍ତି; କିନ୍ତୁ ଏହି ଘଟଣା କୁଆଡ଼େ ଯାଉଛି କେହି ଆକଳନ କରିପାରିଲେନି। ଯଦି ଆକଳନ ଠିକ୍ କରିଥାନ୍ତେ, ହୁଏତ ଛାତ୍ରୀଜଣଙ୍କର ଜୀବନ ରକ୍ଷା ହୋଇଯାଇଥା’ନ୍ତା। ଏବେ ରାଜ୍ୟରେ ସୁଶାସନ ଦିବସ ପାଳନ ନେଇ ପ୍ରଚାର ହେଉଛି। ହେଲେ ଯେଉଁଠି କୁଶାସନ ଚରମ ସୀମାରେ ପହଞ୍ଚିଛି, ସେଠି କିପରି ସୁଶାସନ ଦିବସ ପାଳନ କରିବାର କୌଣସି ମାନେ ନାହିଁ। ବିଜେଡି ଶାସନ ବେଳେ ବିଭିନ୍ନ ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତକୁ ବିରୋଧ କରି ବିଜେପି ନେତାମାନେ ସିବିଆଇ ତଦନ୍ତ ଦାବି କରୁଥିଲେ। ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମଧ୍ୟ ବିଧାନସଭାରେ ବିଭିନ୍ନ ଘଟଣାରେ ସିବିଆଇ ତଦନ୍ତ ଦାବି କରିଥିଲେ। ଏବେ ଏହି ମାମଲାରେ କିପରି କ୍ରାଇମବ୍ରାଞ୍ଚ ସଠିକ୍ ତଦନ୍ତ କରିବ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ତେଣୁ ସରକାର ଏହି ମାମଲାକୁ କୋର୍ଟଙ୍କ ନିରୀକ୍ଷଣରେ ତଦନ୍ତ ପାଇଁ ଆବେଦନ କରିପାରିବେ। ଏହାଦ୍ୱାରା କ୍ରାଇମବ୍ରାଞ୍ଚ ମନଇଚ୍ଛା ତଦନ୍ତ କରିପାରିବ ନାହିଁ। ଫଳରେ ରାଜ୍ୟବାସୀଙ୍କ ମନରେ ମଧ୍ୟ କିଛି ଦ୍ୱନ୍ଦ୍ୱ ରହିବ ନାହିଁ ବୋଲି ସେ କହିଛନ୍ତି।

ଏହି ଅବସରରେ ଶ୍ରୀ ମହାପାତ୍ର ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଏକ ସାମ୍ବାଦିକ ସମ୍ମିଳନୀରେ ଦେଇଥିବା ମନ୍ତବ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟପାଳ ରାଜ୍ୟର ସମସ୍ତ ଆଇସିସି ସମ୍ପର୍କିତ ତଥ୍ୟ ୨ମାସ ଧରି ସମୀକ୍ଷା କରିଥିବା ସାଂସଦ ସାମ୍ବାଦିକ ସମ୍ମିଳନୀରେ କହିଥିବା କଥାକୁ ନେଇ ବିଜୟ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ ଯଦି ସାଂସଦଙ୍କ କଥା ସତ ହୁଏ, ତେବେ ରାଜ୍ୟପାଳ ବାଲେଶ୍ୱର ଘଟଣା କଥା ନିଶ୍ଚିତ ଜାଣିଥିବେ। ତେଣୁ ରାଜ୍ୟପାଳ ଏହି ତଦନ୍ତ କରିଛନ୍ତି କି ନାହିଁ, ତାହା ସ୍ପଷ୍ଟ ହେବା ଓ ଏହି ତଦନ୍ତର ନିଷ୍କର୍ଷ କ’ଣ ବାହାରିଲା ତାହା ଲୋକଙ୍କୁ ଅବଗତ କରିବା କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗଣ୍ଡଗୋଳ; ଜଣେ ମୃତ



କଣାସ,୧୮।୭(ସମିସ): ପୁରୀ ଜିଲ୍ଲା କଣାସ ବ୍ଲକ୍ ଗଡିଶାଗୋଦା ଥାନା ହରଷପଡ଼ା ଗ୍ରାମରେ ଗତକାଲି ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗଣ୍ଡଗୋଳ ଘଟିଛି। ଏଥିରେ କେଶବ ଦଳେଇ (୫୫ବର୍ଷ) ଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ରାତି ପ୍ରାୟ ୧୦ଟା ଏହି ଗଣ୍ଡଗୋଳ ଘଟିଥିଲା। ଗଣ୍ଡଗୋଳ ପରେ କେଶବ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ପରିବାର ଲୋକେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଥିସହିତ ଗଡ଼ିଶାଗୋଦା ଥାନାକୁ ଖବର ଦେଇଥିଲେ। ଥାନା ଅଧିକାରୀ ସୁଧୀର ଦାସ, ପୁରୀ ସଦର ଏସ୍‌ଡିପିଓ ରବିନାରାୟଣ ଭଞ୍ଜ ଏବଂ ସାଇଣ୍ଟିଫିକ୍ ଟିମ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦନ୍ତ କରିଥିଲେ। କେଶବଙ୍କ ପତ୍ନୀ ସଜନୀ ଦଳେଇ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ସେ ଦର୍ଶାଇଛନ୍ତି ଯେ ତାଙ୍କ ସ୍ୱାମୀଙ୍କୁ ବାବୁଲି ବିଶ୍ୱାଳ, ଗୌରାଙ୍ଗ ବିଶ୍ୱାଳ, ଚୈତନ୍ୟ ବିଶ୍ୱାଳ, ରମେଶ ବିଶ୍ୱାଳ, ନିରୁ ବିଶ୍ୱାଳ, ଦିଲ୍ଲୀପ ବିଶ୍ୱାଳ ମାରିଦେଇଛନ୍ତି। ଅଭିଯୋଗ ପାଇବା ପରେ ଥାନାଧିକରୀ କେସ ନମ୍ବର ୧୧୬/୨୦୨୫ ରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହିତ ୨ଜଣଙ୍କୁ ଅଟକ ରଖିଛନ୍ତି।

# ଥାନା ଆଗରେ ଧାରଣାଦେଲେ ନାବାଳିକାଙ୍କ ପରିବାର



ଅସ୍ତରଙ୍ଗ,୧୮।୭(ସମିସ): ଜୁଲାଇ ୧୦ ତାରିଖରେ ଅସ୍ତରଙ୍ଗ ଥାନା ନିକଟବର୍ତ୍ତୀ ଏକ ଗ୍ରାମରୁ ଜଣେ ନାବାଳିକା ଟ୍ୟୁସନ ଯାଇ ଫେରୁଥିବାବେଳେ ଥାନା ନିକଟ ଅସ୍ତରଙ୍ଗ ପାର୍କ ରାସ୍ତାରେ ୨ ଜଣ ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରିଥିଲେ। ସେ ମୁଖା ଲଗାଇବା ସହ ଏକ କଳା ପଲସର୍‌ରେ ଆସି ଏଭଳି ଆକ୍ରମଣ କରିଥିଲେ। ଯାହାକୁ ନେଇ ଉକ୍ତ ଯୁବତୀଙ୍କ ପକ୍ଷରୁ ଅସ୍ତରଙ୍ଗ ଥାନାରେ ଏତଲା ଦିଆଯାଇଥିଲା। ମାତ୍ର ଘଟଣାକୁ ୧୦ ଦିନ ବିତିଯାଇଥିଲେ ବି ଦୁର୍ବୃତ୍ତଙ୍କ ପରିଚୟ ମିଳି ପାରିନି। ଯାହାକୁ ନେଇ ଯୁବତୀଙ୍କ ମା' ଓ ଅନ୍ୟ ପରିବାର ସଦସ୍ୟ ଶୁକ୍ରବାର ଅସ୍ତରଙ୍ଗ ଥାନାକୁ ଆସି ନ୍ୟାୟ ଦାବିରେ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାର ସିଂ କହିଛନ୍ତି ଆମେ ଏ ସଂକ୍ରାନ୍ତରେ ତଦନ୍ତ କରୁଛୁ। ଅପରପକ୍ଷେ ଝିଅ ଏବଂ ତାଙ୍କ ମା'ଙ୍କୁ ନ୍ୟାୟ ନ ମିଳିଲେ ସେ ଆତ୍ମାହୁତି ଦେବା ପାଇଁ ଚେତାବନୀ ଦେଇଛନ୍ତି।

# ଦିବ୍ୟାଙ୍ଗଙ୍କୁ ସୁଷମ ଖାଦ୍ୟ ବଣ୍ଟନ, ଚାରା ରୋପଣ



ନିମାପଡ଼ା,୧୮।୭(ସମିସ): ଏହି ବ୍ଲକ୍ ଅନ୍ତର୍ଗତ ୩୨ଟି ଗ୍ରାମ ପଞ୍ଚାୟତର ଶହେରୁ ଉର୍ଦ୍ଧ୍ୱ ଜନସେବା କେନ୍ଦ୍ର ଅଧିକାରୀ ନିମାପଡ଼ା ପୂର୍ଣ୍ଣେଶ୍ୱର ମନ୍ଦିର ଠାରୁ ଏକ ବାଇକ୍ ରାଲି କରି ପତିତପାବନ ସେବା ସଂଘ ପର୍ଯ୍ୟନ୍ତ ଯାଇଥିଲେ। ଟଂରପଦା ନିକଟସ୍ଥ ପତିତପାବନ ସେବା ସଂଘରେ ରହୁଥିବା ଦିବ୍ୟାଙ୍ଗ ଅସହାୟ ବ୍ୟକ୍ତି ସୁଷମ ଖାଦ୍ୟ ବାଣ୍ଟିବା ସହ ଚାରା ରୋପଣ କରିଥିଲେ। ଏଥିସହ ସେମାନଙ୍କ ଗହଣରେ କେକ୍ କାଟି ସିଏସ୍‌ସି ଦିବସ ପାଳନ କରିଥିଲେ। ପୁରୀ ସିଏସ୍‌ସି ଅଧିକାରୀ ସୁନୀଲ କୁମାର ସାହୁ ଓ ପତିତପାବନ ସେବା ସଂଘର ସଞ୍ଚାଳକ ପ୍ରାକ୍ତନ ଅଧ୍ୟାପକ ଜଗତ ପ୍ରସାଦ ସାବୁତଙ୍କ ସମେତ ସତ୍ୟ ରଞ୍ଜନ ରାଉତରାୟ, ଦେବାଶିଷ ପାତ୍ର, ନିରୁପମା ଛାଟୋଇ, ଜ୍ଞାନେଶ କୁମାର ସ୍ୱାଇଁ, ଅଶୋକ କୁମାର ମହାନ୍ତିଙ୍କ ସମେତ ଶହେରୁ ଉର୍ଦ୍ଧ୍ୱ ପଞ୍ଚାୟତସ୍ତରୀୟ ଜନ ସେବା କେନ୍ଦ୍ର ଅଧିକାରୀ ଉପସ୍ଥିତ ଥିଲେ।

# ରାସ୍ତାରେ ଭାସୁଛି ନର୍ଦ୍ଦମା ପାଣି

ଗମ୍ଭାରୀପଦା,୧୮।୭(ସମିସ): କାକଟପୁରର ମୁଖ୍ୟ ବଜାର କହିଲେ ଲକ୍ଷ୍ମୀ ବଜାରକୁ ବୁଝାଇଥାଏ। ଏଠାରୁ ମା' ମଙ୍ଗଳା ମନ୍ଦିର ମାତ୍ର ୫୦୦ ମିଟର ଦୂର। କାକଟପୁର-ଅସ୍ତରଙ୍ଗ ମୁଖ୍ୟ ରାସ୍ତାରେ ଏହି ବଜାର ପଡୁଥିବାବେଳେ ଏହି ବାଟ ଦେଇ ଭକ୍ତମାନେ ମା' ମଙ୍ଗଳାଙ୍କ ଦର୍ଶନ ପାଇଁ ଯାଇଥାନ୍ତି। ଏହା ବ୍ୟତୀତ ସାଧାରଣ ଲୋକେ ମଧ୍ୟ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ମାତ୍ର ପରିତାପର ବିଷୟ



ଏହି ବଜାର ରାସ୍ତାରେ ବର୍ଷତମାମ ନର୍ଦ୍ଦମା ପାଣି ଭାସୁଥିଲେ ବି ଏହା ଉପରେ କାହାରି ନଜର ପଡୁନି। ଫଳରେ କାକଟପୁର ମା' ମଙ୍ଗଳାଙ୍କ ନିକଟକୁ ଦର୍ଶନ ପାଇଁ ଯାଉଥିବା ଭକ୍ତ ଏହି ନର୍ଦ୍ଦମା ପାଣିରେ ପଶି ଯିବାକୁ ବାଧ ହେଉଛନ୍ତି। ଏଥିସହ ବଜାରକୁ ଆସୁଥିବା ସ୍ଥାନୀୟଲୋକେମଧ୍ୟଏହିଆବର୍ଜନାପାଣିମାଡ଼ିଯାତାୟାତକରୁଛନ୍ତି।ଏସମ୍ପର୍କରେ ସ୍ଥାନୀୟ ଲୋକେ ଅଭିଯୋଗ କରିବା ସହ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିଲେ ହେଁ କିଛି ସୁଫଳ ମିଳୁନି। ଯାହା ଫଳରେ ଆଗାମୀ ଦିନରେ ଏହା ଏକ ଜନ ଅସନ୍ତୋଷ ସୃଷ୍ଟି କରୁଛି। ଆଗାମୀ ଦିନରେ ଏହା ଆନ୍ଦୋଳନର ରୂପ ନେବ ବୋଲି କେତେକ ବୁଦ୍ଧିଜୀବୀ ତଥା ସ୍ଥାନୀୟ ବ୍ୟବସାୟୀ କହିଛନ୍ତି।

# ଶିରେଇ ସଂଯୁକ୍ତ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଚାରା ରୋପଣ



କଣାସ,୧୮।୭(ସମିସ): କଣାସ ବ୍ଲକ୍ ଶିରେଇ ଗ୍ରାମପଞ୍ଚାୟତର ଶିରେଇ ଗ୍ରାମରେ ଥିବା ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଜି 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଣାସ ମଣ୍ଡଳ ଉନ୍ନୟନ ଅଧିକାରୀ ସୌମ୍ୟ ରଞ୍ଜନ ସ୍ୱାଇଁ, ଡେଲାଙ୍ଗ କଣାସ ବନବିଭାଗ ରେଞ୍ଜର ଜୟକୃଷ୍ଣ ପଣ୍ଡା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନାରାୟଣ ପ୍ରଧାନ, ଶିରେଇ ସରପଞ୍ଚ ପ୍ରତିନିଧି ଦେବଦତ୍ତ ପରିଡ଼ାଙ୍କ ସମେତ ଆହୁରି ଅନେକ ଅତିଥି ଯୋଗଦେଇ ପ୍ରତ୍ୟେକ ଛାତ୍ରଛାତ୍ରୀ ପ୍ରତ୍ୟେକ ବର୍ଷ ଗୋଟିଏ ଗୋଟିଏ ଗଛ ଲଗାଇ ତା'ର ଯତ୍ନ ନେଲେ ଧ୍ୱଂସାଭିମୁଖୀ ପରିବେଶ ବଦଳିଯାଇପାରିବ ବୋଲି ପରାମର୍ଶ ଦେଇଥିଲେ। ଶେଷରେ ଅତିଥିମାନେ ବିଦ୍ୟାଳୟ ପରିସରରେ କେତୋଟି ବୃକ୍ଷ ଚାରା ଲଗାଇ ତା'ର ନିୟମିତ ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ସାକ୍ଷୀଗୋପାଳ ମନ୍ଦିରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ



ସାକ୍ଷୀଗୋପାଳ,୧୮।୭(ସମିସ): ଗୋବର୍ଦ୍ଧନ ପୀଠ ପୁରୀ ପକ୍ଷରୁ ସାକ୍ଷୀଗୋପାଳ ମନ୍ଦିରରେ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲାର ବିଭିନ୍ନ ମନ୍ଦିରରେ କରାଯିବ ବୋଲି ସୂଚନା ଦିଆଯାଇଛି। ସକାଳ ୭ଟାରୁ ଗୋବର୍ଦ୍ଧନ ପୀଠର ସେବକମାନେ ରଙ୍ଗ, ତୂଳୀ, ବାଲି, ସିମେଣ୍ଟ ଏବଂ ବିଭିନ୍ନ ମରାମତି ସାମଗ୍ରୀ ସହିତ ସାକ୍ଷୀଗୋପାଳ ମନ୍ଦିରରେ ପହଞ୍ଚି ବେଢ଼ା ଭିତରେ ସଫେଇ କରିବା ସହିତ ମନ୍ଦିରର ରୋଷ ଘରେ ମରାମତି ଓ ସଫେଇ କରିଥିଲେ। ଶ୍ରୀଶ୍ରୀ ସାକ୍ଷୀଗୋପାଳ ସେବାୟତ ସଂଘ ଏବଂ ଗୋବର୍ଦ୍ଧନ ପୀଠ ଆଦିତ୍ୟ ବାହିନୀ ମିଳିତ ସହଯୋଗରେ ସେବକ ସାହିସ୍ଥିତ ଜାଗେଶ୍ୱରୀ ମଣ୍ଡପରେ ଏକ ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରାଯାଇଥିଲା। ଏଥିରେ ଅସ୍ଥିଶଲ୍ୟ, ଫିଜିଓଥେରାପି, ଭେଷଜ, ଆକ୍ୟୁପ୍ରେସର୍, ଯୋଗ ପ୍ରାଣାୟାମ ଆଦି ଆଶୁଚିକିତ୍ସା ଯୋଗାଇ ଦେବା ସହିତ ଔଷଧ ଯୋଗାଇ ଦିଆଯାଇଥିଲା। ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ସିଦ୍ଧାର୍ଥ ସାହୁ, ଡାକ୍ତର ସୌମ୍ୟ ଷଡ଼ଙ୍ଗୀ, ଡାକ୍ତର ଦେବାଶିଷ କାନୁନ୍‌ଗୋ ପ୍ରମୁଖ ୧୧୫ ଜଣ ରୋଗୀଙ୍କୁ ସେବା ପ୍ରଦାନ କରିଥିଲେ। ଆଦିତ୍ୟ ବାହିନୀର ରାଜ୍ୟ ସଭାପତି ପଣ୍ଡିତ ମାତୃ ପ୍ରସାଦ ମିଶ୍ର, ଗୋବର୍ଦ୍ଧନ ମଠ ପରିଚାଳକ ବ୍ରହ୍ମଚାରୀ ସୁୟଶ ପ୍ରଶାନ୍ତଜୀ, ବରିଷ୍ଠ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ପ୍ରଶାନ୍ତ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ସେବାୟତ ସଂଘ ସମ୍ପାଦକ ପ୍ରତାପ କୁମାର ମହାପାତ୍ର, ସଞ୍ଜୟ କୁମାର ନନ୍ଦ, ଶ୍ୟାମସୁନ୍ଦର ମହାପାତ୍ର, ସଂଯୋଜକ ଆଲୋକ ଖୁଣ୍ଟିଆ ପ୍ରମୁଖ ପରିଚାଳନା କରିଥିଲେ।

**ଘରୋଇ ଶିକ୍ଷାନୁଷ୍ଠାନ ଦଖଲରେ ଗୋଚର ଜମି**

# 'ଉଚ୍ଛେଦ ହେବ ଜବରଦଖଲ; ଭଙ୍ଗାଯିବ କୋଠା'



ନୟାହାଟ,୧୮।୭(ସମିସ): ଏକ ଘରୋଇ ଶିକ୍ଷାନୁଷ୍ଠାନ ଦ୍ୱାରା ଗୋଚର ଜମି ଜବରଦଖଲ ହୋଇଥିବାବେଳେ ଏଠାରେ କୋଠା ନିର୍ମାଣ କରାଯାଇଛି। ନୟାହାଟ ଫାଣ୍ଡି ଜଙ୍ଗଲବୋରୀ ଆର୍‌ଆଇ ସର୍କଲର ଖାଣିପିପୁର ମୌଜା ପ୍ଲଟ୍ ନମ୍ବର ୪୨୨ରେ ୫୭ ଡିସିମିଲ ଗୋଚର ଜମିକୁ ଏକ ଘରୋଇ ଶିକ୍ଷାନୁଷ୍ଠାନ ଗତ କିଛିବର୍ଷ ଧରି ଜବରଦଖଲ କରିଥିବା ଦେଖିବାକୁ ମିଳିଛି। ଏପରିକି ଏହି ଜମିର ଚତୁଃପାଶ୍ୱର୍ରେ ବାଡ଼ ବନ୍ଦୀ କରି ଗତ କିଛି ବର୍ଷ ହେଲା ଅବରୋଧ କରାଯାଇଛି। ସେ ସମୟରେ ଏହାକୁ ଉଚ୍ଛେଦ କରିବାକୁ ରାଜ୍ୟ ସରକାରଙ୍କ ଚିଠି ନମ୍ବର ୩୮୬ ତା ୭/୨/୨୦୨୩ ରେ ଗୋପ ତହସିଲଦାରଙ୍କୁ ନିର୍ଦ୍ଦେଶ ଆସିଥିଲା। ମାତ୍ର କୌଣସି କାରଣବଶତଃ ଆଜି ପର୍ଯ୍ୟନ୍ତ ଉଚ୍ଛେଦ ହୋଇପାରିନାହିଁ। ଫଳରେ ଏହି ଘରୋଇ ଶିକ୍ଷାନୁଷ୍ଠାନ ତାହା ମଧ୍ୟରେ ଏକ ବେଆଇନ କୋଠା ନିର୍ମାଣ କରିଛି। ଏ ସମ୍ପର୍କରେ ଜଙ୍ଗଲବୋରୀ ଆର୍‌ଆଇ ଉମାଶଙ୍କର ମାନସିଂହଙ୍କୁ ପଚାରିବାରେ ସେ କହିଲେ ଯେ, ମୁଁ ମନା କରିଥିଲି ଛାତ ପକାଇବା ପାଇଁ। ଗୋପ ତହସିଲଦାର ଅନୀଲ କୁମାର ମହାନ୍ତିଙ୍କୁ ପଚାରିବାରେ ସେ କହିଥିଲେ ଯେ, ଆଜି ଓଡ଼ିଶା ବନ୍ଦ ଥିଲା ତାହାର ଫାଇଦା ନେଇ ଉକ୍ତ ଘରୋଇ ଶିକ୍ଷାନୁଷ୍ଠାନ ଏହିଭଳି କାର୍ଯ୍ୟ କରିଛି। ମୁଁ ଜଙ୍ଗଲବୋରୀ ଆରଆଇଙ୍କୁ ଘଟଣାସ୍ଥଳକୁ ପଠାଇଛି। ସେ ରିପୋର୍ଟ ଦେଲାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି। ସେହିପରି ଗୋପ ତହସିଲଦାର ଶ୍ରୀ ମହାନ୍ତି କହିଛନ୍ତି ଯେ, ତଦନ୍ତ ପରେ ଜବରଦଖଲ ଉଚ୍ଛେଦ ହେବ ଓ କୋଠା ଭଙ୍ଗାଯିବ। ସ୍ଥାନୀୟ ଜନସାଧାରଣ କହିଛନ୍ତି ଯେ ଯଦି ତହସିଲ ପ୍ରଶାସନ ଉଚ୍ଛେଦ କରିବାକୁ ବିଳମ୍ବ କରେ, ତେବେ ଆମେ ବାଧ ହୋଇ ହାଇକୋର୍ଟ ଯିବୁ।

# ବ୍ରହ୍ମଗିରିରେ ବନ୍ଦ ପାଳିଲା କଂଗ୍ରେସ

ବ୍ରହ୍ମଗିରି,୧୮।୭(ସମିସ): ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ଗୁରୁବାର ବନ୍ଦ ଡାକରା ବ୍ରହ୍ମଗିରି ବ୍ଲକ୍‌ରେ ସଫଳ ହୋଇଛି ବୋଲି ଦଳ ପକ୍ଷରୁ କୁହାଯାଇଛି। ସକାଳ ୬ରୁ ସନ୍ଧ୍ୟା ୬ ଯାଏ ବ୍ଲକ୍‌ର ସମସ୍ତ ସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ, ବ୍ୟାଙ୍କ ସମେତ ସବୁ ଦୋକାନ ବନ୍ଦ ରହିଥିଲା। କଂଗ୍ରେସ ନେତା ଉମାକାନ୍ତ ବରାଳ, ଯୁବ କଂଗ୍ରେସ ସଭାପତି ଦେବାଶିଷ ସାହୁ, ଛାତ୍ର କଂଗ୍ରେସ ସଭାପତି ନକୁଳ ବେହେରା, ସୁଶୀଲ କୁମାର ଦଳାଇ, ସୁଧାକର ଦଳାଇ, ପ୍ରସନ୍ନ କୁମାର ପାତ୍ର, ବିରଞ୍ଚି ସ୍ୱାଇଁ, କୃଷ୍ଣ ପ୍ରଧାନ, ବିକ୍ରମ ପାତ୍ର, ଭୀମସେନ ସ୍ୱାଇଁ, ଷ୍ଟାଲିନ୍ ପାଇକରାୟ, ରମେଶ ବାରିକ, ସୁରେନ୍ଦ୍ର ଦଳାଇ, ବିଦ୍ୟାଧର ଦଳାଇ, ପୀତବାସ ବେହେରା, ବନମାଳୀ ସାହୁ, ଗୋପାଳ ପ୍ରଧାନଙ୍କ ସମେତ ବହୁ ବରିଷ୍ଠ ନେତା ଓ କର୍ମୀ ଆନ୍ଦୋଳନରେ ସାମିଲ୍ ହୋଇଥିଲେ।




# ବର୍ଷା ନାହିଁ; ଚାଷକାର୍ଯ୍ୟ ବାଧାପ୍ରାପ୍ତ

ସାକ୍ଷୀଗୋପାଳ,୧୮।୭(ସମିସ): ପୁରୀ ଜିଲ୍ଲା ସତ୍ୟବାଦୀ ଅଞ୍ଚଳରେ ନିଅଣ୍ଟିଆ ବର୍ଷା ଯୋଗୁଁ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଜୁନ୍ ପ୍ରଥମ ସପ୍ତାହରୁ ମୌସୁମୀ ଆସିଥିବାବେଳେ ପର୍ଯ୍ୟାପ୍ତ ବର୍ଷା ହେଉନଥିବାରୁ ବ୍ଲକ୍‌ର ଅଧିକାଂଶ ପଞ୍ଚାୟତରେ ଚାଷ କାର୍ଯ୍ୟ ହୋଇପାରୁନାହିଁ। ବିଳମ୍ବିତ ବର୍ଷା ଯୋଗୁଁ ଲୋକେ ତଳିଘେରା ପ୍ରସ୍ତୁତ କରିବାରେ ସମସ୍ୟା ଦେଖାଦେଇଥିଲା। କିଛି କିଛି ବର୍ଷା ହେବା ପରେ ଲୋକେ ତଳି ପକାଇ ରୁଆ କାର୍ଯ୍ୟ କରିବାକୁ ଅପେକ୍ଷା କରିଥିଲେ ହେଁ ବର୍ଷା ନହେବାରୁ ଲୋକେ ହାତବାନ୍ଧି ବସିଛନ୍ତି। ବିଶେଷକରି ନୂଆ ସୋମେଶ୍ୱରପୁର, ବନପୁର, କେତକୀପାଟଣା, ଅଳଗୁମ୍, ଶାଣ୍ଢରା, କାଦୁଆ ଆଦି ଅଞ୍ଚଳରେ ଏଭଳି ସମସ୍ୟା ଦେଖାଦେଇଛି। ଏଥିସହିତ ନିଅଣ୍ଟିଆ ବର୍ଷାର ମୁକାବିଲା କରିବା ସ୍ଥିତିରେ କେନାଲ ପ୍ରସ୍ତୁତ ହୋଇନଥିବାରୁ ପାଣି ଆସିବା ମଧ୍ୟ ସମ୍ଭବ ନୁହେଁ। ତେଣୁ କିଛିଦିନ ମଧ୍ୟରେ ବର୍ଷା ନହେଲେ ଚାଷୀ ହୀନସ୍ତା ଭୋଗିବା ସାର ହେବ ବୋଲି କେତେକ ଚାଷୀ କହିଛନ୍ତି।

# ବାଇକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

ନିମାପଡ଼ା,୧୮।୭(ସମିସ): ଗୁରୁବାର ରାତିରେ ଏକ ବାଇକ୍ ଧକ୍କାରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ନିମାପଡ଼ା-ପିପିଲି ରାସ୍ତାରେ ଥିବା ଏକ ମଣ୍ଡପରେ କ୍ୟାଟରିଂ କାମ ସାରି ପାଟପୁର ନାୟକ ସାହିର ଚନ୍ଦନ ନାୟକ (୨୪) ବାଇକ୍ ଯୋଗେ ଘରକୁ ଆସୁଥିବା ବେଳେ ଗଡ଼ଅଣ୍ଟିଆ ନିକଟ କେନାଲବନ୍ଧ ପୂର୍ବପଟ ରାସ୍ତାରେ ପଛପଟୁ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ଚନ୍ଦନ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିମାପଡ଼ା ସାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ଚନ୍ଦନଙ୍କୁ ମୃତ ଘୋଷଣା କରିଥିଲେ। ଚନ୍ଦନଙ୍କ ବାପା ନିମାପଡ଼ା ଥାନାରେ ଅଭିଯୋଗ କରିବାପରେ ପୁଲିସ ମାମଲା ରୁଜୁକରି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି।

**ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାନାନ୍ତରକୁ ବିରୋଧ**

# ବ୍ଲକ୍ ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା

ସାକ୍ଷୀଗୋପାଳ,୧୮।୭(ସମିସ): ସତ୍ୟବାଦୀ ବ୍ଲକ୍ ମହୁରା ପଞ୍ଚାୟତର ଖରିଜାସାହିରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାନାନ୍ତରକୁ ଗ୍ରାମବାସୀ ବିରୋଧ କରିବା ସହ ଅନ୍ୟତ୍ର ନିର୍ମାଣ ହେଉଥିବା ଅଙ୍ଗନବାଡ଼ି ଗୃହ କାମକୁ ବିରୋଧ କରିଥିଲେ। ଏହା ବିରୋଧରେ ସତ୍ୟବାଦୀ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନିଜ ଗ୍ରାମ ଖରିଜା ସାହିରେ ଥିବା ଏହି ଅଙ୍ଗନବାଡ଼ି କେନ୍ଦ୍ରର ନୂତନ ଗୃହ ପାଖ ଗାଁକୁ ସ୍ଥାନାନ୍ତର ହେଉଥିବାରୁ ଖରିଜା ସାହି ଗ୍ରାମବାସୀ ବିରୋଧ କରିଥିଲେ। ସେମାନେ କହିଛନ୍ତି ଯେ ଦୀର୍ଘ ୧୩ ବର୍ଷ ଧରି ଖରିଜାସାହିରେ ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାପିତ ହୋଇଛି। ଏହି କେନ୍ଦ୍ର ଉପରେ ୩୦ରୁ ଅଧିକ କୋମଳମତି ଶିଶୁ ଅଧ୍ୟୟନ କରିଆସୁଥିଲେ। ଅଙ୍ଗନବାଡ଼ିର ନିଜସ୍ୱ ଗୃହ ନଥିବା ହେତୁ ନୂତନ ଗୃହ ପାଇଁ ନିର୍ମାଣ ନିମନ୍ତେ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରି ଆସୁଥିଲେ। ମାତ୍ର ପ୍ରଶାସନ ଖରିଜା ସାହିରେ ସ୍ଥାପିତ



ଏହି ଅଙ୍ଗନବାଡ଼ି କେନ୍ଦ୍ରକୁ ଏଠାରୁ ସ୍ଥାନାନ୍ତର କରି ମହୁରା ଦଳେଇ ସାହିରେ ନିର୍ମାଣ କରୁଛନ୍ତି। ତେଣୁ ଗ୍ରାମବାସୀ ଅଭିଯୋଗ କରି ଏହି ଗଣଧାରଣା ଦେଇଥିଲେ। ଖରିଜା ସାହିରେ ପ୍ରତିଷ୍ଠିତ ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ପୁରୁଣା ସ୍ଥାନ ଖରିଜା ସାହିରେ ନିର୍ମାଣ ନ କରି କାହିଁକି ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି ବୋଲି ଗ୍ରାମବାସୀ ପ୍ରଶାସନ ନିକଟରେ ଅନେକ ଥର ଅଭିଯୋଗ କରିଥିଲେ। ମାତ୍ର ପ୍ରଶାସନ ତରଫରୁ କୌଣସି ସହଯୋଗ ନ ମିଳିବାରୁ ଆଜି ବାଧ ହୋଇ ଗ୍ରାମବାସୀ ସତ୍ୟବାଦୀ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଗଣଧାରଣା ଓ ଅଙ୍ଗନବାଡ଼ି ଗୃହ ସ୍ଥାନାନ୍ତର ସମ୍ପର୍କରେ ସତ୍ୟବାଦୀ ବିଡିଓ ଦେବାଶିଷ ନାୟକ ଆନ୍ଦୋଳକାରୀ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ବିଡିଓ ଶ୍ରୀ ନାୟକ ଏହି ଅଙ୍ଗନବାଡ଼ି ଗୃହ ସ୍ଥାନାନ୍ତର ଅଭିଯୋଗ ସମ୍ପର୍କରେ ବିଡିଓ ଶ୍ରୀ ନାୟକ ଓ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ମିଳିତ ଭାବେ ପରିଦର୍ଶନ କରିବେ। ଯୁଗ୍ମ ପରିଦର୍ଶନ ଓ ତଦାରଖ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆନ୍ଦୋଳନକାରୀ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

୧୮/୭/୨୦୨୫ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୩,୭୮,୬୯୫/- ସୁନା: ୦୨.୫୫୦ ଗ୍ରାମ୍ ରୁପା: ୧୩.୬୦୦ ଗ୍ରାମ୍



## ଆକ୍ରମଣ କରି ରିକ୍ସା ଚାଳକ ଗିରଫ

ପୁରୀ,୧୮।୭(ସମିସ): ଜଣେ ରିକ୍ସାଚାଳକଙ୍କୁ ଆଉ ଦୁଇଜଣ ରିକ୍ସା ଚାଳକ ମରଣାନ୍ତକ ଆକ୍ରମଣ କରିଥିଲେ। ଘଟଣାଦିନ ଟାଉନ ଥାନା ପୁଲିସ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟଜଣେ ଅଭିଯୁକ୍ତ ଫେରାର୍ ଥିଲା। ଗୁରୁବାର ପୁଲିସ ତାଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ମାର୍କେଟ ଛକରେ ରହୁଥିବା ଭଦ୍ରକର ରାଜୁ ମହାଲିକ (୪୭)। ପୁଲିସ ସୂଚନା ଅନୁଯାୟୀ, ଅଭିଯୋଗକାରୀ ଗଞ୍ଜାମ ହିଞ୍ଜିଳିକୋଟର ନାରାୟଣ ଗୌଡ଼ (୩୦)ଙ୍କୁ ଗତ ମେ ୧୨ ତାରିଖ ରାତିରେ ଅଭିଯୁକ୍ତ ରାଜୁ ଏବଂ ଅନ୍ୟଜଣେ ରିକ୍ସା ଚାଳକ ଅରକ୍ଷିତ ଦାସ ନିଶା ଖାଇ ପାଟିତୁଣ୍ଡ କରିଥିଲେ। ଏହାର ପ୍ରତିବାଦ କରିବାରୁ ନାରାୟଣଙ୍କୁ ଦୁଇ ଅଭୀଯୁକ୍ତ ଏକ ଲୁହାରଡରେ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଏହା ପରଦିନ ସେ ଟାଉନ ଥାନାରେ ଅଭିଯେଗ କରିଥିଲେ। ପୁଲିସ ଏକ ମାମଲା (ନଂ.୧୮୩/୨୫) ରୁଜୁ କରି ସେହିଦିନ ଅରକ୍ଷିତଙ୍କୁ ଗିରଫ କରିଥିଲା। ହେଲେ ରାଜୁ ଫେରାର୍ ହୋଇଥିଲେ। ଗୁରୁବାର ପୁଲିସ ରାଜୁକୁ ମାର୍କେଟ ଛକରୁ ଗିରଫ କରି ଶୁକ୍ରବାର ତାକୁ କୋର୍ଟଚାଲାଣ କରିଛି।

## ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ପୁରୀ,୧୮।୭(ସମିସ): ସୁନୀଲ ମିଶ୍ର ଫାଉଣ୍ଡେଶନ ଓ ପୁରୀ ଜିଲ୍ଲା ସ୍କୁଲର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ମେଧାବୀ ଛାତ୍ରଛାତ୍ରୀଙ୍କ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଫାଉଣ୍ଡେଶନ ପକ୍ଷରୁ ୨୦୨୪ ଓ ୨୦୨୫ ମାଟ୍ରିକ ପରୀକ୍ଷାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ୭ ଜଣ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ, ଟ୍ରଫି ସହିତ ୭,୦୦୦, ୬,୦୦୦ ଓ ୫,୦୦୦ ଟଙ୍କା ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଫାଉଣ୍ଡେଶନର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଫାଉଣ୍ଡେଶନ ପୁରୀ ଜିଲ୍ଲା ସ୍କୁଲର ୧୯୮୪ ମାଟ୍ରିକ ବର୍ଷର ମେଧାବୀ ଛାତ୍ର ସୁନିଲ ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗଠନ ହୋଇ ପ୍ରତିବର୍ଷ ସ୍କୁଲରୁ ମାଟ୍ରିକ ପରୀକ୍ଷାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଉଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରିଆସୁଛି। ତେବେ ଶୁକ୍ରବାର ସଭାକୁ ୧୯୮୪ ମାଟ୍ରିକ ବ୍ୟାଚର ପୁରାତନ ଛାତ୍ର ତଥା ଫାଉଣ୍ଡେଶନର ସଭାପତି ଶୁଭେନ୍ଦୁ ପଟ୍ଟନାୟକ, ସମ୍ପାଦକ ରବି ସାହୁ, ସଭ୍ୟ ପୂର୍ଣ୍ଣ ଚନ୍ଦ୍ର ମହାନ୍ତି, ସିଦ୍ଧାର୍ଥ ମହାନ୍ତି, ବିଶ୍ୱନାଥ ପଣ୍ଡା, ସିମାଞ୍ଚଳ ପାତ୍ର, ରାଜେନ୍ଦ୍ର ଡୋରା, ଦିଲୀପ ଦେ, ଆଶିଷ ଚକ୍ରବର୍ତ୍ତୀ, ଘନ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

## ୨୧ରେ ନିମାପଡ଼ା ବ୍ଲକ୍‌ରେ ଅଭିଯୋଗ ଶୁଣାଣି

ପୁରୀ,୧୮।୭(ସମିସ): ପୁରୀ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଚଳିତ ମାସ ୨୧ ତାରିଖରେ ନିମାପଡା ବ୍ଲକ ସମ୍ମିଳନୀ ଗୃହରେ ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହେବ। ସେହିପରି ୨୮ ତାରିଖ ପୂର୍ବାହ୍ନ ୧୦ଟାରେ କୃଷ୍ଣପ୍ରସାଦ ବ୍ଲକ ସମ୍ମିଳନୀ ଗୃହରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହେବ। ଏଥିରେ ଜନସାଧାରଣ ସେମାନଙ୍କ ଆପତ୍ତି ଅଭିଯୋଗ ଜଣାଇପାରିବେ ବୋଲି ଜିଲ୍ଲା ଅଭିଯୋଗ ଶୁଣାଣି ଅଧିକାରୀ ସୂଚନା ଦେଇଛନ୍ତି।

## ଜିଲ୍ଲା ସ୍କୁଲରେ ଆଇନ ସଚେତନତା ଶିବିର

ପୁରୀ,୧୮।୭(ସମିସ): ପୁରୀ ଜିଲ୍ଲା ଆଇନ ସେବା ପ୍ରାକରଣ ଅଧକ୍ଷା ତଥା ଜିଲ୍ଲା ଓ ଦୌରାଜଜ୍ ଅଜନ୍ତା ଷଡଙ୍ଗୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଶୁକ୍ରବାର ଶିଶୁ ସୁରକ୍ଷା ଆଇନ ଏବଂ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମ ଉପରେ ପୁରୀ ଜିଲ୍ଲା ସ୍କୁଲରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପ୍ରାଧିକରଣର ସଚିବ ପରିତୋଷ କୁମାର ସେଠୀ ପରିଚାଳନା କରିଥିଲେ। ଏହାକୁ ସଚିବ ଶ୍ରୀ ସେଠୀ ଉଦ୍‌ଘାଟନ କରିବା ସହ ନିଜ ବକ୍ତବ୍ୟରେ ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ ରେ ଥିବା ବିଭିନ୍ନ ବିଧି ବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, ନିଶୁଳ୍କ ଆଇନ ସେବା ଯୋଗ୍ୟ ହିତାଧିକାରୀ, ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର, ନ୍ୟାୟ ସଂଯୋଗ, ୧୫୧୦୦ ଏବଂ ସମ୍ମୁଖ କାର୍ଯ୍ୟାଳୟ ବିଷୟରେ ଅବଗତ କରାଇବା ସହ ଆଇନ ସେବା କ'ଣ ଏବଂ ଆଇନ ସେବା ପାଇବା ପାଇଁ କେଉଁ କେଉଁମାନେ ଯୋଗ୍ୟ ତା' ଉପରେ ଆଲୋଚନା କରିଥିଲେ। ଶିଶୁ ମାନଙ୍କର ଯତ୍ନ, ଶିଶୁ ସୁରକ୍ଷା ଆଇନ ସମ୍ପର୍କରେ ତଥା ଶିଶୁ ମାନଙ୍କର ଅଧିକାର ସୁରକ୍ଷା ଏବଂ ବାଧ୍ୟତାମୂଳକ ଶିକ୍ଷା ଅଧିକାର ନିରାକରଣ ଆଇନ ସୁଚାରୁ ରୂପେ ପରିଚାଳନା ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡିକ କିପରି ନିଷ୍ଠାପର ଭାବେ କାର୍ଯ୍ୟ କରିବା ଉଚିତ ସେ ବିଷୟରେ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଏସ୍‌ପି ସଚିନ କୁମାର ପଟେଲ, ପ୍ରଧାନଶିକ୍ଷକ ବିଶ୍ୱନାଥ ବାନାର୍ଜୀ, ଶିଶୁ ମଙ୍ଗଳ କମିଟି ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ଶିକ୍ଷକ ବିଦ୍ୟାଧର ମିଶ୍ର, ଅର୍ଜୁନ ଭଟ୍ଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଉପସ୍ଥିତ ଥିବା ପୁରୀ ଜିଲ୍ଲା ସ୍କୁଲ କର୍ମଚାରୀ ବୃନ୍ଦ ଓ ଛାତ୍ରଛାତ୍ରୀମାନଙ୍କୁ ଆଇନ ସେବା ପ୍ରାଧିକରଣ ତରଫରୁ ଧନ୍ୟବାଦ ଅର୍ପଣ ସହ ଆଇନ ସେବାର ଉପଯୋଗିତା ଓ ଉପାଦେୟତାକୁ ଜନସାଧାରଣଙ୍କ ମଧ୍ୟରେ ପ୍ରଚାର କରିବା ଆହ୍ୱାନ ଦିଆଯାଇଥିଲା।

### ତଞ୍ଚକତାର ଶିକାର ଠାକୁର

# ଶ୍ରାବଣରେ ନ୍ୟାୟ ମାଗୁଛନ୍ତି ମହାଦେବ

ପୁରୀ,୧୮।୭(ସମିସ)

ତଞ୍ଚକତାର ଶିକାର ହୋଇଛନ୍ତି ଠାକୁର। ହଁ, ଏହା କାହାକୁ ଅଡୁଆ ଲାଗୁଥାଇପାରେ, କିନ୍ତୁ କଥାଟି ସତ। ଆଉ ସମସ୍ୟାର ଶିକାର ହୋଇଛନ୍ତି ନରେନ୍ଦ୍ରକୋଣସ୍ଥିତ ବାବା ବାଲିକପିଳେଶ୍ୱର ମହାଦେବ। ମଣିଷ ଦ୍ୱାରା ତଞ୍ଚକତାର ଶିକାର ହୋଇ ପବିତ୍ର ଶ୍ରାବଣ ମାସରେ ନ୍ୟାୟ ମାଗୁଛନ୍ତି ଠାକୁର। ବାଲିକପିଳେଶ୍ୱର ମହାଦେବଙ୍କ ନାମରେ ଥିବା ପଟ୍ଟାକୁ ତଞ୍ଚକତାପୂର୍ବକ ଖାରଜ କରିଦିଆଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ମନ୍ଦିର ଟ୍ରଷ୍ଟବୋର୍ଡ ସଦସ୍ୟ ଜିଲ୍ଲା ପ୍ରଶାସନକୁ ଜଣାଇଥିଲେ। ହେଲେ ସେଠାରୁ ନିରାଶ ହେବା ପରେ ଶେଷରେ ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି କରିଛନ୍ତି। ଏବେ ଦେଖିବାକୁ ବାକି ରହିଲା ମୁଖ୍ୟମନ୍ତ୍ରୀ ଏହା ଉପରେ କେତେ ସମ୍ବେଦନଶୀଳ ହୋଇ ନ୍ୟାୟ ପ୍ରଦାନ କରୁଛନ୍ତି।

ଟ୍ରଷ୍ଟବୋର୍ଡ ସଦସ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ବାବା ବାଲିକପିଳେଶ୍ୱର ମହାଦେବଙ୍କ ପଛ ପାର୍ଶ୍ୱରେ ଥିବା ଏରିଆ ୦.୦୦୫.୩୫ ଡେସିମିଲ ରାଜେଶ କୁମାର ମହାନ୍ତି ନିଜ ନାମରେ ୨୦୧୯ ଡିସେମ୍ବର ୩୧ରେ କ୍ରୟ କରିଥିଲେ। ପୁନଶ୍ଚ ଏହି ଜମିକୁ ଶ୍ରୀଶ୍ରୀ ବାବା ବାଲିକପିଳେଶ୍ୱର ଦେବ ମନ୍ଦିର ଟ୍ରଷ୍ଟ ବୋର୍ଡକୁ ଦାନ କରିଥିଲେ। ପରବର୍ତ୍ତୀ ସମୟରେ ମନ୍ଦିର ନିକଟସ୍ଥ ଜନୈକ ବ୍ୟକ୍ତି ଏହା ଉପରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ପାଇବା ପରେ ଶ୍ରୀ ମହାନ୍ତି ତାଙ୍କ ପକ୍ଷ ରଖିଥିଲେ। ଏ ନେଇ ରାଜସ୍ୱ ନିରୀକ୍ଷକ ପୁରୀ ତହସିଲ୍‌ଦାରଙ୍କ ନିକଟକୁ ଏହି ମ୍ୟୁଟେସନ କେସ୍‌ର ଫଇସଲା ନିମନ୍ତେ ରିପୋର୍ଟ ପଠାଇଥିଲେ। ତହସିଲ୍‌ଦାରଙ୍କ ଅଦାଲତରେ ମ୍ୟୁଟେସନ କେସ୍ ନଂ.୨୧୯୯/୨୦୨୦ ବିଚାରାଧୀନ ଥିବାବେଳେ ତରବରିଆ ଭାବେ ପ୍ରତିପକ୍ଷ ପୁନଶ୍ଚ ଉପଜିଲ୍ଲାପାଳଙ୍କ ଅଦାଲତରେ ଅପିଲ୍ କେସ୍ ଫାଇଲ୍ କରିଥିଲେ। ଏହାପରେ ଶ୍ରୀ ମିଶ୍ରଙ୍କ ପାଖକୁ ନୋଟିସ୍ ଆସିଥିଲା। ଏହାର ଜବାବରେ ସେ ପକ୍ଷ ରଖିଥିଲେ ଯେ, ମ୍ୟୁଟେସନ୍ କେସ୍ ବର୍ତ୍ତମାନ ସୁଦ୍ଧା ଫଇସଲା ହୋଇନାହିଁ। ତେଣୁ ଅପିଲ୍ କେସ୍‌ର ଆବଶ୍ୟକତା ନାହିଁ।

## ମୁଖ୍ୟମନ୍ତ୍ରୀଙ୍କୁ ଗୁହାରିକଲେ ମନ୍ଦିର ଟ୍ରଷ୍ଟ ବୋର୍ଡ ସଦସ୍ୟ

ଅନ୍ୟପକ୍ଷରେ ଟ୍ରଷ୍ଟ ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଯେ, ମ୍ୟୁଟେସନ କେସ୍ ତହସିଲ୍‌ଦାରଙ୍କ ଅଦାଲତରେ ବିଚାରାଧୀନ ଥିବାବେଳେ କିପରି ଅପିଲ୍ କେସ୍ କରାଯାଇପାରିବ? ପୁରୀ ଉପଜିଲ୍ଲାପାଳଙ୍କ ଅଦାଲତରେ ଅପିଲ୍ କେସ୍ ଗ୍ରହଣ କଲେ କିପରି? ମ୍ୟୁଟେସନ କେସ୍ ତହସିଲ୍‌ଦାରଙ୍କ ଅଦାଲତରେ ଫଇସଲା ହୋଇ ୨୦୨୧ ମେ' ୨୭ରେ ଠାକୁରଙ୍କ ନାମରେ ପଟ୍ଟା ପ୍ରଦାନ କରିଛନ୍ତି। ହେଲେ ଉପଜିଲ୍ଲାପାଳଙ୍କ ଅଦାଲତରେ ପୂର୍ବରୁ ଅପିଲ୍ କେସ୍ ସାହାରା ନେଇ ସ୍ଥଗିତ ଥିବା ମୋକଦ୍ଦମାକୁ ପୁନରାୟ ଆରମ୍ଭ କରାଯାଇଛି। ଏକତରଫା ଭାବେ ଏହାର ଶୁଣାଣି କରି ଠାକୁରଙ୍କ ନାମରେ ଥିବା ପଟ୍ଟାକୁ ଖାରଜ କରିଦିଆଯାଇଛି। ଏହା ସମ୍ପୂର୍ଣ୍ଣ ଭାବେ ଅସାମ୍ବିଧାନିକ। ଏଣୁ ସହୃଦୟପୂର୍ବକ ବିଚାର କରି ପୁରୀ ଜିଲ୍ଲା ପ୍ରଶାସନକୁ ଶ୍ରୀବାବା ବାଲିକପିଳେଶ୍ୱର ମହାଦେବ (ସାବାଳକ)ଙ୍କ ସ୍ଥିତିବାନ ପଟ୍ଟାକୁ ପୁନରାୟ ଠାକୁରଙ୍କ ନାମରେ କରିବା ପାଇଁ ଟ୍ରଷ୍ଟ ବୋର୍ଡ ସଦସ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।



### ଜିଲ୍ଲା ରାଜସ୍ୱ ବୈଠକ

# ରାଜସ୍ୱ ଆଦାୟ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ନିର୍ଦ୍ଦେଶ



ପୁରୀ,୧୮।୭(ସମିସ)

ସ୍ଥାନୀୟ ସର୍କିଟ ହାଉସ୍ ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲ୍ଲାସ୍ତରୀୟ ରାଜସ୍ୱ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଚଞ୍ଚଳ ରାଣା ଅଧ୍ୟକ୍ଷତା କରିବା ସହ ରାଜସ୍ୱ ଆଦାୟର ଧାର୍ଯ୍ୟ ଲକ୍ଷ୍ୟକୁ ପୂରଣ ପାଇଁ ସମସ୍ତ ରାଜସ୍ୱ ଅଧିକାରୀ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ରାଜସ୍ୱ ମାମଲା ଗୁଡ଼ିକର ତ୍ୱରିତ ସମାଧାନ, ସାଧାରଣ ଲୋକଙ୍କୁ ଉପଯୁକ୍ତ ସମୟ ଅବଧିରେ ବିବିଧ ରାଜସ୍ୱ ପ୍ରମାଣପତ୍ର ପ୍ରଦାନ ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ସରକାରୀ ଜମିର ସୁରକ୍ଷା, ଭୂମିହୀନଙ୍କୁ ଚିହ୍ନଟ, ବିଭିନ୍ନ ପ୍ରକଳ୍ପ ପାଇଁ ଭୂମି ଚିହ୍ନଟ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ନିର୍ମାଣ ପାଇଁ ଜମି ଚିହ୍ନଟ, ମୋଟର ଯାନ ରାଜସ୍ୱ ସଂଗ୍ରହ, ଅବକାରୀ ରାଜସ୍ୱ, ଷ୍ଟାମ୍ପ ଡ୍ୟୁଟି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ଜମି ଚିହ୍ନଟ ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯିବା ସହ ରାଜସ୍ୱ ଅଧିକାରୀଙ୍କୁ ଉପଯୁକ୍ତ ପଦକ୍ଷେପ ପାଇଁ ପରାମର୍ଶ ଦିଆଯାଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଉପ ଜିଲ୍ଲାପାଳ ନୀଳମାଧବ ମାଝୀ, ପିକେଡିଏ ସଚିବ ଦିଲ୍ଲୀପ ମହାରଣା, ରାଜସ୍ୱ ଡେପୁଟି କଲେକ୍ଟର ସହଦେବ ସାହୁ, ଜିଲ୍ଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

## ସାହିତ୍ୟିକ ପ୍ରସନ୍ନ ମହାନ୍ତିଙ୍କ ସ୍ମୃତିସଭା

ପୁରୀ,୧୮।୭(ସମିସ)

ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ ପକ୍ଷରୁ ସାହିତ୍ୟିକ, ଗାଳ୍ପିକ ଓ କବି ପ୍ରସନ୍ନ ମହାନ୍ତିଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସାଧାରଣ ସମ୍ପାଦକ ଶିବସୁନ୍ଦର ମିଶ୍ରଙ୍କ ଖୁଣ୍ଟିଆ ସାହିସ୍ଥିତ ସୁନାମଣି ଅଣୁ ପାଠାଗାରରେ ସଭାପତି ସଦାଶିବ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ମହାନ୍ତି ଏକାଧାରାରେ କବି, ଗାଳ୍ପିକ, ନାଟ୍ୟକାର, ଔପନ୍ୟାସିକ, ପ୍ରାବନ୍ଧିକ ଓ ସମାଲୋଚକ ଭାବେ ସାରସ୍ୱତ ଜଗତରେ ବେଶ୍ ସୁନାମ ଅର୍ଜନ କରିଥିଲେ। ତାଙ୍କ ଉଦ୍ୟମରେ ୧୯୮୯ରେ ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ ପ୍ରତିଷ୍ଠିତ ହୋଇଥିଲା। ଅନୁଷ୍ଠାନର ପ୍ରଥମ ସଭାପତି ଭାବେ ସେ ଦାୟିତ୍ୱ ନିଭାଇଥିଲେ। ପରେ ସମ୍ପାଦକ ଓ ଉପଦେଷ୍ଟା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସ୍ୱର୍ଗତ ମହାନ୍ତିଙ୍କୁ ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ପକ୍ଷରୁ ଗାଳ୍ପିକ ସମ୍ମାନ ପ୍ରଦାନ କରାଯାଇଥିଲା। ସଙ୍ଗଠକ ଭାବେ ତାଙ୍କ ଭୂମିକା ଅବିସ୍ମରଣୀୟ ହୋଇ ରହିବ ବୋଲି ବକ୍ତାମାନେ କହିଥିଲେ। ସ୍ମୃତିସଭାରେ କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ମିଶ୍ର, ଉପସଭାପତି କୃଷ୍ଣଚନ୍ଦ୍ର ରଥ, ଅନାମ ଚନ୍ଦ୍ର ସାହୁ, ସହ ସମ୍ପାଦକ ଅନ୍ନପୂର୍ଣ୍ଣା ଦେବୀ, ଅଧ୍ୟାପକ ଭାରତୀ ଭୂଷଣ ଦାସ, ସଙ୍ଗଠନ ସମ୍ପାଦକ ସୁରେଶ କୁମାର ପଟ୍ଟନାୟକ, ଡ. ବିଜୟଲକ୍ଷ୍ମୀ ମିଶ୍ର, ଡ. ରୂପଶ୍ରୀ ମିଶ୍ର, କମଳିନୀ ପାଣିଗ୍ରାହୀ, ଉପଦେଷ୍ଟା ବିଜୟଲକ୍ଷ୍ମୀ ଦାଶ, କୋଷାଧ୍ୟକ୍ଷ ଦିନବନ୍ଧୁ ଦାଶ ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କର ସ୍ମୃତିଚାରଣ କରିଥିଲେ। ରବୀନ୍ଦ୍ରନାଥ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଶଙ୍କରାଚାର୍ଯ୍ୟଙ୍କୁ ଦର୍ଶନ କଲେ କେ.ଭି. ସିଂହଦେଓ

## ପଞ୍ଚବଟୀ ଗୋଶାଳା ପରିଦର୍ଶନ କଲେ



ପୁରୀ,୧୮।୭(ସମିସ)

ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ଦର୍ଶନ ସହିତ ଆଶୀର୍ବାଦ ଲାଭ କରିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଗୋବର୍ଦ୍ଧନ ମଠକୁ ଯାଇ ଶଙ୍କରାଚାର୍ଯ୍ୟଙ୍କୁ ଦର୍ଶନ କରିଛନ୍ତି। ଶଙ୍କରାଚାର୍ଯ୍ୟଙ୍କ ସହିତ ମଠର ଜମିଜମା ସମ୍ପର୍କିତ ସମସ୍ୟାର ସମାଧାନ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଖୁବ୍‌ଶୀଘ୍ର ଜମିଜମା ସମସ୍ୟାର ସମାଧାନ ନେଇ ରାଜ୍ୟ ସରକାର ପଦକ୍ଷେପ ନେବେ ବୋଲି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ।

ଏହା ପୂର୍ବରୁ ଉପମୁଖ୍ୟମନ୍ତ୍ରୀ ପୁରୀ ସଦର ଚନ୍ଦନପୁରସ୍ଥିତ ପଞ୍ଚବଟୀ ଗୋଶାଳା ପରିଦର୍ଶନ କରିବା ସହିତ ବିଭିନ୍ନ ଉନ୍ନତିକରଣ ଓ ଆଲୋକୀକରଣ କାର୍ଯ୍ୟର ଉଦ୍‌ଘାଟନ କରିଥିଲେ। ରାଜ୍ୟରେ ଗୋ ସମ୍ପଦ ର ସୁରକ୍ଷା, ଜୈବିକ କୃଷି ଓ କୃଷକଙ୍କୁ ପ୍ରଶିକ୍ଷଣ ଦିଗରେ ଉପମୁଖ୍ୟମନ୍ତ୍ରୀ ଗୋଶାଳାର ଭୂମିକା ଉପରେ ଆଲୋକପାତ କରିଥିଲେ। ସେପଟେ ରାଜ୍ୟ ସରକାର ପୁରୀକୁ ସବୁବେଳେ ବିଶେଷ ଗୁରୁତ୍ୱ ଦେଇ ଆସୁଛନ୍ତି। ସରକାରରେ ଯେ କେହି ବି ରୁହନ୍ତୁ ପୁରୀର ଉନ୍ନତି ସମସ୍ତଙ୍କର ମୁଖ୍ୟ ଦାୟିତ୍ୱ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ତେବେ ରଥଯାତ୍ରା ସମୟରେ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ଗୋବର୍ଦ୍ଧନ ପୀଠ ଆସି ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ଆଶୀର୍ବାଦରୁ ବଞ୍ଚିତ ହୋଇଥିବା ବେଳେ ଆଜି ଗୁରୁଜୀଙ୍କ ଦର୍ଶନ ସହିତ ଆଶୀର୍ବାଦ ନେଇ ନିଜକୁ ଭାଗ୍ୟବାନ ମନେ କରିଥିବା କହିଛନ୍ତି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ।

# ଶିଳ୍ପୀଙ୍କ କାନ୍‌ଭାସରେ ବିଶ୍ୱନିୟନ୍ତା: ରଙ୍ଗ ତୂଳୀରେ ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥଙ୍କ କଥା

ପୁରୀ,୧୮।୭(ସମିସ)

ଶ୍ରୀମନ୍ଦିରରେ ଶୁଭୁଥିଲା ଭକ୍ତଙ୍କ କୋଳାହଳ। ଆନନ୍ଦ ବଜାରରୁ ମହକି ଆସୁଥିଲା ମହାପ୍ରସାଦର ମହ ମହ ବାସ୍ନା। ଜୟ ଜଗନ୍ନାଥ ଧ୍ୱନିରେ ଗୁଞ୍ଜରିତ ହେଉଥିଲା ପରିକ୍ରମା ପ୍ରକଳ୍ପ ପରିସର। ଏମିତି ଏକ ମନଲୋଭା ପରିବେଶରେ ଦେଶ ବିଦେଶର ଶିଳ୍ପୀ ଏକାଠି ହୋଇଥିଲେ ଶ୍ରୀକ୍ଷେତ୍ର ମାଟିରେ। ଶ୍ରୀମନ୍ଦିର ଉତ୍ତର ଦ୍ୱାର ପରିକ୍ରମା ପ୍ରକଳ୍ପ ପରିସରରେ ସମବେତ ହୋଇଥିଲେ ଦେଶ ବିଦେଶର ନାମୀଦାମୀ ଚିତ୍ରଶିଳ୍ପୀ। ରଙ୍ଗ ତୂଳୀରେ ଆଙ୍କି ଦେଇଥିଲେ ଭକ୍ତି ନୈବେଦ୍ୟର ଚିତ୍ର। କାନ୍‌ଭାସରେ ତୋଳି ଧରିଥିଲେ ଶ୍ରୀମନ୍ଦିର ଆଉ ଶ୍ରୀଜଗନ୍ନାଥଙ୍କ କଥା। ମେଘନାଦ ପାଚେରୀ, ବଡ଼ଦେଉଳ, ନୀଳଚକ୍ର ସାଙ୍ଗକୁ ଶ୍ରୀମନ୍ଦିରର ସୌନ୍ଦର୍ଯ୍ୟ ଏବଂ ଭକ୍ତଙ୍କ ଆବେଗ ସବୁ ଜୀବନ୍ତ ଲାଗୁଥିଲା କାନ୍‌ଭାସରେ। ଜଳେଶ୍ୱର ଆର୍ଟ ଫାଉଣ୍ଡେଶନ ସହଯୋଗରେ ଏଭଳି ଏକ ଅବସର ଆଣି ଦେଇଥିଲେ ଓଡିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟ। ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ଆରମ୍ଭ ହୋଇଛି ଦୁଇଦିନିଆ ଅନ୍ତର୍ଜାତୀୟ ଚିତ୍ରକଳା ଶିବିର। ଏହାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଦୁର୍ଗାମାଧବ କର ଏବଂ ଚିତ୍ରଶିଳ୍ପୀ ବ୍ରଜ ଷଡଙ୍ଗୀ ଉଦ୍‌ଘାଟନ କରିଥିଲେ। ଏଥିରେ ଭାରତର ବିଭିନ୍ନ ରାଜ୍ୟ ଏବଂ ଦେଶ ବାହାରୁ ୨୮ ଜଣ ଶିଳ୍ପୀ ଭାଗ ନେଇଛନ୍ତି। ଏହି ଚିତ୍ର ଶିଳ୍ପୀଙ୍କ ମଧ୍ୟରେ ନେପାଳର ଉଦ୍ଧବ ଗୁରୁଙ୍ଗଙ୍କ, ଦୁର୍ଗାମାଧବ, ବ୍ରଜଙ୍କ ସମେତ ନୀଳାଦ୍ରି, ମୁକ୍ତିପଦ ନନ୍ଦୀ, ପ୍ରିୟବଲ୍ଲଭ ସାହୁ, ଭୂପତି ସୂର, ସନ୍ତୋଷ କାମିଲା, ପରମେଶ୍ୱର ମେହେର, ପ୍ରଣୟ ଜେନା, ପ୍ରସନ୍ନ ସ୍ୱାଇଁ, ସେ?ମ୍ୟରଂଜନ ପାତ୍ର, କୂଳଧୂପ ବର୍ମା, ସ୍ମିତାରାଣୀ ବିଶ୍ୱାଳ, ଶ୍ରଦ୍ଧା ସୁମନ ସାହୁ, ତନିଶା ପଣ୍ଡା, ଜିତେନ୍ଦ୍ର ସାହୁ, ମେଘାଶ୍ରୀ ଦାସ, ଆସାମରୁ ଅଜୟ ଦେ ଓ ଅନନ୍ୟା ପାଲ, ମଧ୍ୟପ୍ରଦେଶରୁ ଅନାମିକା ଓ ଆରାଧନା, ଉତ୍ତରପ୍ରଦେଶରୁ ରେଣୁ ପାଞ୍ଜିୱାଲ, ରାଜସ୍ଥାନରୁ ନିଲୁ ଶର୍ମା ଏବଂ କୋଲକାତାରୁ ମାରିୟମ ପ୍ରମୁଖ ସାମିଲ ଥିଲେ। ଶନିବାର ଏହି ଶିବିର ଉଦ୍‌ଯାପିତ ହେବ।





# ସମ୍ପାଦକୀୟ



ପୁରାଣ ଓ କିମ୍ବଦନ୍ତୀ ଆମ ପରିଚୟର ଅଂଶ ଓ ଅସ୍ତିତ୍ୱର ଆଧାର
-ସୁଧାମୂର୍ତ୍ତି

ସକାଳ
THE SAKALA

## ଅସ୍ଥିର ବିଶ୍ୱ

ରୁଷ ଓ ୟୁକ୍ରେନ ଯୁଦ୍ଧ ଆମେରିକା ଓ ନାଟୋ ସହଯୋଗୀଙ୍କ ପାଇଁ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି। ସମସ୍ତ ସାମରିକ ସହଯୋଗ ସତ୍ତ୍ୱେ ୟୁକ୍ରେନର ପ୍ରତିରୋଧ ଶକ୍ତି ଦିନକୁ ଦିନ ଊଣା ହେଉଛି। ଅପରପକ୍ଷରେ ରୁଷର ପ୍ରତିପତ୍ତି ଓ ସାମର୍ଥ୍ୟ ବୃଦ୍ଧି ପାଉଛି। ରୁଷ–ୟୁକ୍ରେନ ଶାନ୍ତି ପ୍ରତିଷ୍ଠା ବା ବୁଝାମଣା ସକାଶେ ଟ୍ରମ୍ପଙ୍କ ପକ୍ଷରୁ ହେଉଥିବା ଉଦ୍ୟମରୁ କୌଣସି ସୁଫଳ ମିଳୁନି। ଆମେରିକା ଓ ନାଟୋ ରୁଷ–ୟୁକ୍ରେନ ଯୁଦ୍ଧରେ କେବଳ ପରାଜିତ ନୁହନ୍ତି, ରୁଷର ପ୍ରାଧାନ୍ୟ ସେମାନଙ୍କ ପାଇଁ ଅସହ୍ୟ ହୋଇପଡ଼ିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ତେଣୁ ଆମେରିକା ଓ ନାଟୋ ସହଯୋଗୀମାନେ ବିଚଳିତ ହେବା ସ୍ୱାଭାବିକ। ଏହି ପୃଷ୍ଠଭୂମିରେ ପରିବର୍ତ୍ତିତ ରଣନୀତି ଅନୁଯାୟୀ ଆର୍ଥିକ ଦୃଷ୍ଟିରୁ ରୁଷକୁ ଦୁର୍ବଳ କରିବାର ଯୋଜନା ପ୍ରସ୍ତୁତ ହୋଇଛି। ବିଭିନ୍ନ ଆର୍ଥିକ ପ୍ରତିବନ୍ଧକ ଲଗାଇ ରୁଷକୁ ଜବତ କରିବାକୁ ନାଟୋ ଚାହୁଁଛି। ଆମେରିକାର ସିନେଟରେ ମଧ୍ୟ ଏହା ଆଲୋଚନା ପରିସରକୁ ଆସିଛି। ଏହି ପ୍ରସ୍ତାବକୁ ୮୪ ସିନେଟର ସମର୍ଥନ କରିଥିବାରୁ ତାହା ଖୁବ୍ ଶୀଘ୍ର ଅନୁମୋଦନ ଲାଭ କରିବ ବୋଲି ଅନୁମାନ କରାଯାଉଛି। ଆହୁରି ମଧ୍ୟ ରୁଷ ସହ ବାଣିଜ୍ୟ ସଂପର୍କ ରଖୁଥିବା ରାଷ୍ଟ୍ର ବିରୋଧରେ ୫୦୦ % ଟାରିଫ ଲାଗୁ କରିବାକୁ ଆମେରିକା ଧମକ ଦେଇଛି। ବିଶେଷକରି ରୁଷରୁ ତୈଳ ଓ ଗ୍ୟାସ ସଂଗ୍ରହ କରୁଥିବା ଭାରତ, ଚୀନ ଓ ବ୍ରାଜିଲ ବିରୋଧରେ ୧୦୦ ପ୍ରତିଶତ ଟାରିଫ ଲାଗୁ କରିବାକୁ ନାଟୋର ସଚିବ ମାର୍କରୁଟ୍ ଧମକ ଦେଇଛନ୍ତି। ପରୋକ୍ଷରେ ରୁଷ ସହ ବାଣିଜ୍ୟ କାରବାର ରଦ୍ଦ କରିବାକୁ ଏହାକୁ ଏକ ଚେତାବନୀ ରୂପେ ଗ୍ରହଣ କରାଯାଇପାରେ।

ଇତିମଧ୍ୟରେ ଯୁଦ୍ଧ ସମାପ୍ତି ପ୍ରସଙ୍ଗରେ କୌଣସି ବୁଝାମଣାରେ ଉପନୀତ ହେବା ପାଇଁ ରାଷ୍ଟ୍ରପତି ଟ୍ରମ୍ପଙ୍କ ପକ୍ଷରୁ ରୁଷକୁ ୫୦ ଦିନ ସମୟ ଦିଆଯାଇଛି। କୂଟନୈତିକ ପର୍ଯ୍ୟବେକ୍ଷକ ମନେ କରନ୍ତି ଯେ ବ୍ରିକ୍ସ ସମ୍ମିଳନୀରେ ଗୃହୀତ ମିଳିତ ପ୍ରସ୍ତାବ ଟ୍ରମ୍ପଙ୍କୁ କ୍ଷୁବ୍ଧ କରିଛି। ଆଗକୁ ରୁଷ, ଚୀନ ଓ ଭାରତ ମଧ୍ୟରେ ସୁସଂପର୍କ ପ୍ରତିଷ୍ଠାର ପଥ ପରିଷ୍କାର ହେବାକୁ ଯାଉଥିବା ପାଶ୍ଚାତ୍ୟ ରାଷ୍ଟ୍ରଗୋଷ୍ଠୀ ଅନୁମାନ କରୁଛନ୍ତି। ଏହି ତିନି ରାଷ୍ଟ୍ର ମଧ୍ୟରେ ନବେ ଦଶକରେ ଆର୍ଥିକ, ସାମରିକ ଓ ରାଜନୈତିକ ସଂପର୍କ ସୁଦୃଢ଼ କରିବା ପାଇଁ ଆରମ୍ଭ ହୋଇଥିବା 'ଆରଆଇସି' ନୂଆ ରୂପ ନେଇ ପାରେ। ବେଜିଂରେ ସାଂଘାଇ ସହଯୋଗ ସଂଗଠନ (ଏସସିଓ) ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଚୀନ୍ ପ୍ରତିପକ୍ଷ ଓ ବୈଦେଶିକ ମନ୍ତ୍ରୀଙ୍କ ସହିତ ସ୍ୱତନ୍ତ୍ର ସାକ୍ଷାତ ଆଲୋଚନା ଏବଂ ନିକଟରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ ଚୀନ୍ ରାଷ୍ଟ୍ରପତି ସି.ଜିନପିଙ୍ଗଙ୍କ ସହ ଆଲୋଚନା ଏଥିଲାଗି ପାଶ୍ଚାତ୍ୟ ରାଷ୍ଟ୍ର ଜଗତରେ ଚର୍ଚ୍ଚାର ଖୋରାକ ଯୋଗାଇଛି।

ଅପରପକ୍ଷରେ ସଂପ୍ରତି ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇଥିବା ରୁଷ୍ ପୁଣି ଆରଆଇସି ସଂପର୍କ ଗଢ଼ିବା ଉଦ୍ୟମରେ କେତେଦୂର ଆନ୍ତରିକତା ପ୍ରକାଶ କରିବ ସେ ନେଇ ମଧ୍ୟ ସନ୍ଦେହ ରହିଛି। ପୁଣି ଏ କ୍ଷେତ୍ରରେ ପ୍ରମୁଖ ବାଧକ ହେଉଛି ଚୀନ୍‌ର ପରିବର୍ତ୍ତିତ ଭାରତ ବିରୋଧୀ ଆଭିମୁଖ୍ୟ। 'ଅପରେସନ ସିନ୍ଦୂର'ରେ ଚୀନ୍ ପାକିସ୍ତାନକୁ ଉପଗ୍ରହରୁ ସଂଗୃହୀତ ତଥ୍ୟ ଯୋଗାଇବା ସହ ସାମରିକ ସହାୟକ ମଧ୍ୟ ଯୋଗାଇଛି। ସେହିଭଳି ନିଜର ୬୨ ବିଲିୟନ ଡଲାର ମୂଲ୍ୟର ମହତାକାଂକ୍ଷୀ ଯୋଜନାକୁ ସାକାର କରିବା ସକାଶେ ଅଧିକୃତ କାଶ୍ମୀର ଉପରେ ଭାରତର ଦାବିକୁ ପ୍ରତିହତ କରିବା ସହ ଅକ୍ସାଇ ଚୀନକୁ ଦଖଲ ମଧ୍ୟ କରିଛି। ଭାରତର ଶକ୍ତି, ସାମର୍ଥ୍ୟ ଓ ସମୃଦ୍ଧିର ଗତିରୋଧ କରିବାରେ ଚୀନର ନାକାରାତ୍ମକ ଭୂମିକା ବିଶ୍ୱବାସୀଙ୍କୁ ବେଶ୍ ଜଣା। ଭାରତର ସମସ୍ତ ପଡ଼ୋଶୀ ରାଷ୍ଟ୍ରଙ୍କୁ ନିଜ ଅକ୍ତିଆରରେ ରଖି ଚୀନ ସେମାନଙ୍କୁ ନିଜ ସ୍ୱାର୍ଥ ରକ୍ଷା ସକାଶେ ପ୍ରୟୋଗ କରିଚାଲିଛି। ସି.ଜିନପିଙ୍ଗଙ୍କ ସହ ଆମ ବୈଦେଶିକ ମନ୍ତ୍ରୀଙ୍କ ସାକ୍ଷାତ ଓ ଆଲୋଚନାରୁ ସେଭଳି କିଛି ଅନୁକୂଳ ସଂପର୍କ ନେଇ ବାର୍ତ୍ତା ମଧ୍ୟ ମିଳିନାହିଁ। ଏଥିପୂର୍ବରୁ ମଧ୍ୟ ଏକାଧିକ ଥର ମୋଦୀ-ଜିନପିଙ୍ଗ ଭେଟ ହୋଇଛି, କିନ୍ତୁ ଚୀନ୍‌ର ଆଭିମୁଖ୍ୟ ଅପରିବର୍ତ୍ତିତ ରହିଛି। ତେଣୁ ଆରଆଇସିର ପୁନଃଗଠନ ଏତେ ସହଜ ନୁହେଁ ବୋଲି ଅନୁମାନ କରାଯାଉଛି।

ଏଭଳି ଅସ୍ଥିର ବିଶ୍ୱରେ ଭାରତ ପାଇଁ କିନ୍ତୁ ଏକ ବଡ଼ ଆଶ୍ୱାସନାର ବିଷୟ ହେଲା ଏହାର ବିଶାଳ ବଜାର ବ୍ୟବସ୍ଥା। ବଜାର ଅର୍ଥନୀତି ଆଉ ମୁକ୍ତ ନୁହେଁ। ବିଶ୍ୱବାଣିଜ୍ୟ ସଂଗଠନ ଭୂମିକା ଦିନକୁ ଦିନ କ୍ଷୁର୍ଣ୍ଣ ହେଉଛି। ଏସବୁ ସତ୍ତ୍ୱେ ୧୪୬ କୋଟି ଲୋକସଂଖ୍ୟା ବିଶିଷ୍ଟ ଭାରତର ବୃହତ ବଜାର ତାହାର ପ୍ରାଧାନ୍ୟ ହରାଇନି। ବଜାର ଯେଉଁଠି ଅଛି ସେଠାରେ ବିପଣନ ହେବ। ତେଣୁ ନିଜ ନଜର ବ୍ୟବସାୟିକ ସ୍ୱାର୍ଥରକ୍ଷା ସକାଶେ ମେଣ୍ଟ ଓ ଗୋଷ୍ଠୀ ନିର୍ବିଶେଷରେ ସେମାନେ ଆମ ସହ ସଂପର୍କ ରକ୍ଷା କରିବେ। ସମୟ ଓ ସୁବିଧାକୁ ଅପେକ୍ଷା କରିବା ହେଉଛି ବୁଦ୍ଧିମାନର କାମ। ସେହିଭଳି ରୁଷର ଅଶୋଧିତ ତୈଳ ଓ ଗ୍ୟାସ ଆମଦାନୀ ନ କଲେ ଯେ ଭାରତ ବଡ଼ ଧରଣର କ୍ଷତି ସହିବ ଏକଥା ନୁହେଁ। ଏଥିମଧ୍ୟରେ ଓପେକ୍ ରାଷ୍ଟ୍ରସମୂହ ତୈଳ ଉତ୍ପାଦନ ବଢ଼ାଇଛନ୍ତି। ଏହାର ପ୍ରଭାବରେ ରୁଷ ମଧ୍ୟ ରିହାତି ଘୋଷଣା କରିଛି। ଭାରତ ସେଭଳି ଚାପର ସମ୍ମୁଖୀନ ହେଲେ ୟୁଏଇ କିମ୍ବା ମଧ୍ୟପ୍ରାଚ୍ୟରୁ ତୈଳ ଆମଦାନୀ କରିପାରେ। ଏହାଛଡ଼ା ଭାରତ ପାଇଁ ଆଉ ଏକ ଆଶ୍ୱାସନାର ବିଷୟ ହେଉଛି ଆମେରିକାରେ ପ୍ରବାସୀ ଭାରତୀୟଙ୍କ ଲବି। ଟ୍ରମ୍ପଙ୍କ ଅସ୍ଥିର ମତିଗତି ଭାରତ ପାଇଁ କେତେକାଂଶରେ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିଥିଲେ ମଧ୍ୟ ହଠାତ୍ ଦିଗ ବଦଳାଇବାର ସମ୍ଭାବନା କମ୍। କାରଣ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଓ ପ୍ରତିଷ୍ଠା ଅର୍ଜନ କରିଥିବା ଭାରତୀୟଙ୍କ ଆମେରିକାରେ ପ୍ରଭାବଶାଳୀ ଲବି ରହିଛି। ବାଜପେୟୀଙ୍କ ପ୍ରଧାନମନ୍ତ୍ରିତ୍ୱ ଅମଳରେ ପୋଖରାନ୍ ଆଣବିକ ପରୀକ୍ଷଣକୁ ନେଇ ଉପୁଜିଥିବା ବିବାଦୀୟ ପରିସ୍ଥିତିର ସମାଧାନ ସେହି ପ୍ରବାସୀ ଭାରତୀୟଙ୍କ ଲବି ଯୋଗୁଁ ହୋଇପାରିଥିଲା। ତେଣୁ ଟ୍ରମ୍ପଙ୍କ ୪ ବର୍ଷର ଶାସନ ଶେଷକଥା ନୁହେଁ। ଆମେରିକା ସହିତ ସଂପର୍କକୁ ଆହୁରି ସୁଦୃଢ଼ କରିବାର ଆହ୍ୱାନ ହିଁ ବଡ଼ କଥା।

ଏବେ ବିଶ୍ୱ ଏକ ବିଚିତ୍ର ପରିସ୍ଥିତି ଦେଇ ଗତି କରୁଛି। ରୁଷ-ୟୁକ୍ରେନ୍ ଯୁଦ୍ଧ ସମାପ୍ତ ପାଇଁ ଯେଉଁ ତତ୍ପରତା ପ୍ରକାଶ ପାଇଛି, ତାହା ଗାଜାରେ ଇସ୍ରାଏଲ କରୁଥିବା ନରସଂହାର କ୍ଷେତ୍ରରେ ଦେଖିବାକୁ ମିଳୁନି। ସେହିଭଳି ଇସ୍ରାଏଲ ଅଘୋଷିତ ଆଣବିକ ଅସ୍ତ୍ର ମହଜୁଦ୍ ରଖିଥିବା ବେଳେ ଇରାନ ନାଲି ଆଖିର ସମ୍ମୁଖୀନ ହେଉଛି? ନେତାନ୍ୟାହୁ ଓ ଟ୍ରମ୍ପଙ୍କ ସଂପର୍କର ଅର୍ଗଳିରେ ଏସବୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଓ ପ୍ରସଙ୍ଗ ନିଷ୍ପ୍ରଭ ହୋଇପଡୁଛି। ଇହୁଦୀଙ୍କ ପ୍ରାଧାନ୍ୟ ଓ ପତିଆରା ନିକଟରେ ଆମେରିକାର କ୍ଷମତା ଲବି ନିଷ୍ପ୍ରଭ କି? ଏହି ପ୍ରଶ୍ନ ମଧ୍ୟ ଉଠୁଛି, ଯାହାର ଗୂଢ଼ ରହସ୍ୟ ଆଜି ନହେଲେ ମଧ୍ୟ କାଲି ଉନ୍ମୋଚନ ହେବ। ଇତିମଧ୍ୟରେ ନାଟୋଠାରୁ ଦୂରେଇ ଯାଇଥିବା ଟ୍ରମ୍ପ ଏବେ ବ୍ରିକ୍ସର କ୍ରମବର୍ଦ୍ଧିଷ୍ଣୁ ପ୍ରଭାବକୁ ପ୍ରତିହତ କରିବା ପାଇଁ ପୁଣି ଥରେ ସଂଗଠନକୁ କୋଳେଇ ନେବାକୁ ଉଦ୍ୟତ ହେଉଛନ୍ତି। ହୁଏତ ତା'ଭିତରେ ପୁଣି ଆଉ ଏକ ସମୀକରଣ ସୃଷ୍ଟି ହୋଇପାରେ। ଆଞ୍ଚଳିକ ସ୍ୱାର୍ଥ ଓ ପ୍ରସଙ୍ଗ ଭିତ୍ତିରେ ବିଭିନ୍ନ ଆଞ୍ଚଳିକ ଓ ବହୁପାକ୍ଷିକ ସଂଗଠନର ପୁନର୍ଗଠନ, ଜନ୍ମ ଓ ବିଲୟର ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦେଇ ହେବ ନାହିଁ। ତେଣୁ ଅସ୍ଥିର ବିଶ୍ୱରେ ସମୟର ଆହ୍ୱାନକୁ ପ୍ରତିହତ କରିବା ପାଇଁ ଭାରତ ନିଜେ ହିଁ ନିଜକୁ ମୁକୁଳାଇବାର ବାଟ ଖୋଜିବାକୁ ପଡ଼ିବ।

## ପାଣିପାଗ ପ୍ରାକସୂଚନା କେତେ ଜରୁରୀ

**ଡ.ମାନସ ରଞ୍ଜନ ଶତପଥୀ**



ଓଡ଼ିଶାରେ ଦୁଇ-ତୃତୀୟାଂଶରୁ ଅଧିକ ଚାଷଜମି ଜଳସେଚନ ରହିତ। ତେଣୁ ଏଠାର ଚାଷୀକୁଳ ମୌସୁମୀ ବର୍ଷା ଉପରେ ବିଶେଷ ନିର୍ଭରଶୀଳ। ଏ ଦିଗରେ ସଠିକ ପାଣିପାଗ ସମ୍ବନ୍ଧୀୟ ପ୍ରାକ୍‌ସୂଚନା ସହାୟକ ହୋଇଥାଏ। ପାଣିପାଗ ବିଭାଗ ଆଜିକାଲି ନିୟମିତ ଭାବେ ଜନସାଧାରଣଙ୍କ ସୁବିଧା ଓ ସତର୍କତା ପାଇଁ ପ୍ରାକ ସୂଚନା ଦେଉଛି, ଯେଉଁଥିରେ ମୌସୁମୀ ବର୍ଷା, ଖରା, ଶୀତ, ଲଘୁଚାପ, ଅଦିନିଆ ବର୍ଷା, ବାତ୍ୟା, ଘଡ଼ଘଡ଼ି ଓ ବିଜୁଳି ସମ୍ପର୍କିତ ଖବର ଅନ୍ତର୍ଭୁକ୍ତ। ଏସବୁ ଖବର ଟିଭି, ରେଡିଓ ସହିତ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥା ତରଫରୁ ମୋବାଇଲରେ ମେସେଜ ପହଞ୍ଚୁଛି। ଏପରି ପାଣିପାଗର ପ୍ରାକ ସୂଚନା କୃଷି କାର୍ଯ୍ୟ ସହିତ ଶସ୍ୟ ଅମଳ, ଗସ୍ତ ସୂଚୀ, ଗୃହ ନିର୍ମାଣ, ଶୁଭ କାର୍ଯ୍ୟ, ଇତ୍ୟାଦି ସମାପନ କରିବାରେ ଜନତାଙ୍କୁ ବିଶେଷ ସହାୟକ ହୋଇଥାଏ। ତଥାପି ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଯୋଗୁଁ ବର୍ଷାରେ ବିଶେଷ ଅନିୟମିତତା ଅପାଠୁଆ ଚାଷୀଙ୍କୁ ହନ୍ତସନ୍ତ କରୁଛି।

ଓଡ଼ିଶା ଉପକୂଳବର୍ତ୍ତୀ ରାଜ୍ୟ ହୋଇଥିବାରୁ ସାଧାରଣ ଭାବେ ପ୍ରାକୃତିକ ବିପତ୍ତି ଯୋଗୁଁ ବିଶେଷ କ୍ଷତିଗ୍ରସ୍ତ ହୋଇଥାଏ। ୧୯୯୯ ମହାବାତ୍ୟାରେ ସଠିକ ପ୍ରାକ ସୂଚନା ଅଭାବରୁ ଅସଂଖ୍ୟ ଜନଜୀବନ ସହ ଅମାପ କ୍ଷତି ହେବା ଅସ୍ୱୀକାର କରାଯାଇ ନ ପାରେ। ସରକାର ଏହାକୁ ହୃଦବୋଧ କରିପାରି କିପରି ବିପର୍ଯ୍ୟୟର ଉଚିତ ମୁକାବିଲା କରିହେବ ସେନେଇ ପରିକଳ୍ପନା କରି ବିଭିନ୍ନ ଜ୍ଞାନୀ ଗୁଣୀ ଏପରିକି ଆଇଆଇଟିର ସହାୟତା ନେଇ ରଣନୀତି ଓ ଖସଡ଼ା ପ୍ରସ୍ତୁତ କରିଥିଲେ। ଏହି କ୍ରମରେ ଅତ୍ୟାଧୁନିକ ଡପ୍‌ଲାର ରାଡାର ୨୦୧୫ ମସିହାରେ ଗୋପାଳପୁର ଓ ପାରାଦ୍ୱୀପ ଠାରେ ପ୍ରତିଷ୍ଠା କରିଥିଲେ। ଏହି ରାଡାର ବିକଶିତ ରାଷ୍ଟ୍ରମାନେ ପାଣିପାଗ ସୂଚନା ପାଇଁ ବ୍ୟବହାର କରୁଥିବା ବେଳେ ଏହାର ବଜାର ଦର ବର୍ତ୍ତମାନ ୧୫ ରୁ ୨୦ କୋଟି ଟଙ୍କା। ବାର୍ଷିକ ଏହାର ରକ୍ଷଣାବେକ୍ଷଣ ଖର୍ଚ୍ଚ ପ୍ରାୟ ୨୦-୪୦ ଲକ୍ଷ ଟଙ୍କା। ଡପ୍‌ଲାର ସୂଚନା ପ୍ରଣାଳୀକୁ ଆହୁରି ମଜବୁତ କରିବା ଉଦ୍ଦେଶ୍ୟରେ ବାଲେଶ୍ୱର ଓ ସମ୍ବଲପୁରଠାରେ ୨୦୨୬ ମସିହା ସୁଦ୍ଧା ଆଉ ଦୁଇଟି ରାଡାର ପ୍ରତିଷ୍ଠା କରିବାକୁ ସରକାରୀ ପ୍ରସ୍ତୁତି ଚାଲୁ ରହିଛି। ଏହାଛଡ଼ା ଓଡ଼ିଶା ସରକାର 'ଓସଡମା ଓ ଓଡ୍ରାଫ' ଭଳି ସଂସ୍ଥା ଯଥାକ୍ରମେ ୧୯୯୯ ଓ ୨୦୦୧ ମସିହାରେ ଗଠନ କରିଛନ୍ତି।

ଡପ୍‌ଲାର ରାଡାର ପ୍ରତିଷ୍ଠା ପରବର୍ତ୍ତୀ ଅବସ୍ଥାରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଚିତ୍ରପଟରେ ବ୍ୟାପକ ପରିବର୍ତ୍ତନ ଆସିପାରିଲା। ଅଧୁନା ସଠିକ ପାଣିପାଗ ପ୍ରାକସୂଚନା ସହିତ ଓସଡମା ଓ ଓଡ୍ରାଫ ସହାୟତା ଯୋଗୁଁ ସରକାର ଫାଇଲିନ, ତିତଲି, ଫନି, ହୁଦହୁଦ, ୟଶ ଭଳି ବାତ୍ୟାରେ ମୃତାହତ ସଂଖ୍ୟା ଶୂନ୍ୟ କରି ପାରିଲେ ଏବଂ ଜାତୀୟ ଅନ୍ତର୍ଜାତୀୟ ସଂସ୍ଥାଙ୍କ ଦ୍ୱାରା ଓଡ଼ିଶା ପୁରସ୍କୃତ ହେଲା। ୧୮୪୦ ମସିହାରେ ଖ୍ରୀଷ୍ଟିଆନ ଡପ୍‌ଲାର ନିଜର ଗବେଷଣା ମାଧ୍ୟମରେ 'ଡପ୍‌ଲାର ପ୍ରଭାବ' ତତ୍ତ୍ୱ ଉଦ୍‌ଭାବନ କରିଥିଲେ, ଯାହାର ନିୟମକୁ ଆଧାର କରି ଡପ୍‌ଲାର ରାଡାର ପରିଚାଳିତ। ଏହି ରାଡାରଗୁଡ଼ିକ ସାଧାରଣ ଭାବେ ସମୁଦ୍ର ମୁହାଁ ହୋଇ ଉପକୂଳରେ ସ୍ଥାପନ ହୁଏ। ଫଳରେ ଏଥିରୁ ନିସୃତ ରେଡିଓ ତରଙ୍ଗ ସମୂହ ସମୁଦ୍ର ଗଭୀରତା ମଧ୍ୟକୁ ଅହର୍ନିଶ ପ୍ରବାହିତ ହେବା ସୁଯୋଗ ସୃଷ୍ଟି ହୁଏ। ଏହି ତରଙ୍ଗଗୁଡ଼ିକ ସମୁଦ୍ର ଗର୍ଭରେ ସୃଷ୍ଟି ହେଉଥିବା ବିଶେଷ ଜଳୀୟକଣା, ଝଡ଼ କିମ୍ବା ବିପରୀତ ପରିସ୍ଥିତି ସଂସ୍ପର୍ଶରେ ଆସିବା କ୍ଷଣି ଏହା ନିଜର ଗତି ଓ ତରଙ୍ଗରେ ବ୍ୟବହାରିକ ତ୍ୱରିତ ବ୍ୟତିକ୍ରମ ଦେଖାଇଥାଏ, ଯାହା ବିଚଳିତ ତରଙ୍ଗ ଆକାରରେ ରାଡ଼ାର ପାଖକୁ ଫେରିଆସେ। ଏହାର ଗୁରୁତ୍ୱ ଓ ଗତିବିଧି ବିଶେଷଜ୍ଞ ମାନେ ବ୍ୟାଖ୍ୟା କରି କେଉଁ ଦିଗରୁ, କେତେ ଦୂରତ୍ୱ ତଥା ଆସନ୍ନ ସାମୁଦ୍ରିକ ବିପତ୍ତିର ବେଗ ସମ୍ବନ୍ଧୀୟ ପୂର୍ବାନୁମାନ ଜନତାଙ୍କୁ ଯୋଗାଇ ଥାଆନ୍ତି। ଗୋଟିଏ ଡପ୍‌ଲାର ରାଡାର ଉଭୟ ପାର୍ଶ୍ୱରେ ୫୦୦ କିମି ପର୍ଯ୍ୟନ୍ତ ଜଳବାୟୁ ସଂକ୍ରାନ୍ତୀୟ ବାର୍ତ୍ତା ଦେବାରେ ସକ୍ଷମ। ଏଗୁଡ଼ିକ ମୁଖ୍ୟତଃ ବାତ୍ୟାର ଗତିବିଧି, ପବନର ରୂପରେଖ ଓ ନାଓ କାଷ୍ଟିଙ୍ଗ ସମ୍ବନ୍ଧୀୟ ସୂଚନା ପ୍ରେରଣ କରିଥା'ନ୍ତି। ନାଓ କାଷ୍ଟିଙ୍ଗ ଏକ ବିଶେଷ ବୈଷୟିକ ଜ୍ଞାନ, ଯାହା ମାଧ୍ୟମରେ ଆସନ୍ତା ୨ ରୁ ୩ ଘଣ୍ଟା ମଧ୍ୟରେ ହଠାତ ପାଗ ପରିବର୍ତ୍ତନ ହୋଇ ବର୍ଷା, ଘଡ଼ଘଡ଼ି, ବାତ୍ୟା ଓ ପବନ ସମ୍ବନ୍ଧୀୟ ପ୍ରାକ ସୂଚନା ମିଳିଥାଏ।

ଅତ୍ୟନ୍ତ ସଠିକ ପାଣିପାଗ ସୂଚନା ଉପଲବ୍ଧ କରିବାକୁ ସରକାର ବିଭିନ୍ନ ସ୍ଥାନରେ ପାଣିପାଗ କେନ୍ଦ୍ର ସ୍ଥାପନ କରୁଛନ୍ତି, ଯାହା ବର୍ତ୍ତମାନ ସୁଦ୍ଧା ପୂର୍ଣ୍ଣସମ୍ଭବ ହୋଇନାହିଁ। ବିଭିନ୍ନ ସ୍ଥାନରେ ପାଣିପାଗ କାର୍ଯ୍ୟାଳୟ ଖୋଲିବାରେ ଥିବା ଅସୁବିଧାକୁ ଏଡ଼ାଇବା ଲାଗି ପାଇଁ ବର୍ତ୍ତମାନ ପ୍ରାୟ ୩୦୦ ରୁ ଅଧିକ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ରମାନ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠା ହୋଇସାରିଛି। ଏହି କେନ୍ଦ୍ରମାନଙ୍କର ନିତିଦିନିଆ କାର୍ଯ୍ୟକ୍ରମ ହେଲା ସେହି ଅଞ୍ଚଳରେ ହେଉଥିବା ବୃଷ୍ଟି, ତାପମାତ୍ରା, ଆର୍ଦ୍ରତା, ପବନର ଗତି, ଆକାଶରେ ଥିବା ମେଘର ଅବସ୍ଥା ଇତ୍ୟାଦି ବିଶ୍ଳେଷଣ କରି ସ୍ଥାନୀୟ ଅଞ୍ଚଳରେ ହେବାକୁ ଥିବା ପାଣିପାଗ ପରିବର୍ତ୍ତନ ବିଷୟରେ ପୂର୍ବାନୁମାନ ଯୋଗାଇବା। ବିଶେଷଜ୍ଞଙ୍କ ମତରେ ଏପରି ପାଣିପାଗ କେନ୍ଦ୍ର ଯେତେ କମ ଦୂରତାରେ ସ୍ଥାପନ ହେବ ସେତେ ନିର୍ଭୁଲ ଓ ସଠିକ ପାଣିପାଗ ପୂର୍ବାନୁମାନ ଜନତା ପାଇପାରିବେ। ଏପରିକି ଆସନ୍ତା ଦୁଇ ଘଣ୍ଟା ମଧ୍ୟରେ କିପରି ପାଣିପାଗରେ ପରିବର୍ତ୍ତନ ହେବ, ତାହା ନିର୍ଭୁଲ ଓ ନିର୍ବିଘ୍ନରେ ପ୍ରକାଶ କରା ଯାଇପାରିବ।

ଯୁକ୍ତରାଷ୍ଟ୍ର ଆମେରିକାରେ ଘଣ୍ଟାଏ ପୂର୍ବରୁ ବର୍ଷା, ଝଡ଼ କିମ୍ବା ବରଫ ଝଡ଼ ସୂଚନା ପାଣିପାଗ ବିଭାଗ ଯୋଗାଇଥା'ନ୍ତି, ଯାହା କଦାପି ଭୁଲ ହୋଇନଥାଏ। ସୂଚନା ଅନୁଯାୟୀ ସେଠାରେ ପ୍ରତି ୪୦ କି.ମି. ଦୂରତାରେ ପାଣିପାଗ କେନ୍ଦ୍ର ସ୍ଥାପନ ହେବା ଦ୍ୱାରା ବିଭିନ୍ନ ପାଣିପାଗ ଜନିତ ଉପାଦାନକୁ ନେଇ ସଠିକ ଆକଳନ କରିବା ଆମେରିକୀୟ ପାଣିପାଗ ବିଶେଷଜ୍ଞଙ୍କ ପକ୍ଷେ ଅତ୍ୟନ୍ତ ସହଜ ହୋଇଥାଏ। ଆମେରିକୀୟମାନେ ଅତ୍ୟାଧୁନିକ ରାଡାର ପ୍ରଣାଳୀ ସହିତ ନିର୍ଭୁଲ ପାଣିପାଗ ପୁର୍ବାନୁମାନ ପାଇଁ ଉପଗ୍ରହର ସହାୟତା ନେଇ ସଠିକ ଆକଳନ କରିପାରନ୍ତି। ଏହି ଉପଗ୍ରହମାନେ ଆକାଶ ମାର୍ଗରୁ ଦେଶୀୟ, ରାଜ୍ୟସ୍ତରୀୟ କିମ୍ବା ପ୍ରାନ୍ତୀୟ ପାଣିପାଗ ସମ୍ବନ୍ଧିତ ଚିତ୍ର ଉତ୍ତୋଳନ କରି ବିଭିନ୍ନ ପାଣିପାଗ କେନ୍ଦ୍ରମାନଙ୍କୁ ପ୍ରେରଣ କରିବା ପରେ ବିଶେଷଜ୍ଞମାନେ ସ୍ଥାନୀୟ ଅବସ୍ଥାକୁ ବ୍ୟାଖ୍ୟା କରି ସଠିକ ଆକଳନ କରିପାରନ୍ତି। ଏଠାରେ ସୂଚିତ କରାଯାଇପାରେ ଯେ ଭାରତରେ ମଧ୍ୟ ନିଜସ୍ୱ ଉପଗ୍ରହ ଇନସାଟ -୩ ଡି ଓ ଇନସାଟ-୩ ଡିଆର ବର୍ତ୍ତମାନ ପାଣିପାଗ ବିଭାଗକୁ ଜଳବାୟୁ ସମ୍ବନ୍ଧୀୟ ପ୍ରାକ ସୂଚନା ଯୋଗାଇ ଦେଉଛନ୍ତି।

ପାଣିପାଗ ସମ୍ବନ୍ଧୀୟ ପୂର୍ବାନୁମାନ ନିହାତି ପକ୍ଷେ ଆଜି ଏକ ବିଶେଷ ଆବଶ୍ୟକତା। ଭାରତ ପରିପ୍ରେକ୍ଷୀରେ ପାଣିପାଗ ବିଭାଗ ଆହୁରି ଅଧିକ ଶାଣିତ ହେବାର ଆବଶ୍ୟକତା ରହିଛି।

(ଅଧ୍ୟକ୍ଷ, ମଡେଲ ଡିଗ୍ରୀ କଲେଜ, ନୟାଗଡ଼)
ମୋ: ୯୪୩୭୪୭୯୦୪୫

## ଫୁଲ ତୁ କାହିଁକି ଝଡ଼ିଗଲୁ?

**ଡକ୍ଟର ଅଭିମନ୍ୟୁ ବରାଳ**

ବ୍ୟାସକବିଙ୍କ ନାମରେ ନାମିତ ଓଡ଼ିଶାର ଏକ ବିଶିଷ୍ଟ ଶିକ୍ଷାୟତନରେ ଫୁଟିବା ପୂର୍ବରୁ କଢ଼ିଟି ଝାଉଁଳି ଗଲା ବୃନ୍ତରେ। ଝଡ଼ି ପଡ଼ିଲା ଅକାଳରେ। ଫୁଟିଥିଲେ ତା'ର ସୁରଭି ଆମୋଦିତ କରିଥା'ନ୍ତା ସମସ୍ତଙ୍କୁ। ଏଥିସହିତ ପୁଣି ଥରେ କଳଙ୍କିତ ହୋଇଗଲା ଗୁରୁ-ଛାତ୍ରୀଙ୍କର ପବିତ୍ର ସମ୍ପର୍କ।

ପୁଣ୍ୟଭୂମି ଭାରତବର୍ଷ ଋଷିମୁନିଙ୍କ ଦେଶ। ପୂର୍ବକାଳରେ ଶିଷ୍ୟଶିଷ୍ୟାମାନେ ଗୁରୁକୁଳାଶ୍ରମରେ ରହି ଶିକ୍ଷା ଲାଭ କରୁଥିଲେ। ଯେଉଁଠି ପ୍ରିୟମ୍ବଦା, ଅନସୂୟା, ଶକୁନ୍ତଳା ପ୍ରଭୃତି ମୁନି କନ୍ୟାମାନେ ଉଦାହରଣ ସୃଷ୍ଟି କରିଛନ୍ତି, ସେଠାରେ ଆଜି ସେ ଦିବ୍ୟଚେତନାର ଅବକ୍ଷୟ ଘଟିଲା କେମିତି? କିନ୍ତୁ ଆଜି ଆମର ବ୍ୟବସ୍ଥା ହିଁ ଏଇଆ। ଝିଅଟି ଉତ୍ପୀଡ଼ନକୁ ସହ୍ୟ କରି ନପାରି ନିଜକୁ ଠେଲି ଦେଲା ମରଣ ମୁହଁକୁ। ନିଜର ଦୁଃଖକୁ ସେ ସମସ୍ତଙ୍କ ପାଖରେ ଜଣାଇ ହତାଶ ହେଲା, ନ୍ୟାୟ ପାଇବାରେ ବିଫଳ ହେଲା। ଆଉ କେତେ ବାରମ୍ବାର ହୋଇଥା'ନ୍ତା? ଆମ ବ୍ୟବସ୍ଥାକୁ ଧିକ୍। ସମସ୍ତେ ଜାଣିଲେ, ହେଲେ କେହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ। ସେ ଜାଣିଲା ତା'କୁ ଏ ରାଜ୍ୟରେ ନ୍ୟାୟ ମିଳିବ ନାହିଁ। ସେ ତ କୌଣସି ବଡ଼ଲୋକର ଝିଅ ନୁହେଁ, ଏକ ସାଧାରଣ ପରିବାରର ପିଲା। ତା'କଥା କିଏ ଶୁଣିବ? ରାଧାନାଥ ଯଥାର୍ଥରେ କହିଛନ୍ତି 'ଧିକ ସେ ସଂସାର ପ୍ରବଳର ଯହିଁ ସବୁକଥାରେ ସୁଯୋଗ, ଦୁର୍ବଳର ଯହିଁ ଲଲାଟ ଲିଖନ ନୀରବେ ଲାଞ୍ଛନା ଭୋଗ।(ପାର୍ବତୀ)'।

ଆଜି ସମସ୍ତେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ଲେଡ଼ିଗୁଡ଼ ସବୁ କହୁଣିକୁ ବହିଯିବା ପରେ। କିନ୍ତୁ କାହାରି ଆଖିରେ ଲୁହ ନାହିଁ। ଟିକିଏ ଆଗରୁ ସେମାନେ କୁଆଡ଼େ ଯାଇଥିଲେ? ସେମାନେ କ'ଣ କଲେ? ଯୁଗେ ଯୁଗେ ଏ ସମାଜ ଏହିପରି। କାହାପ୍ରତି ସେ ସମ୍ବେଦନଶୀଳ ହୁଏ ନାହିଁ। ଏପରିକି ସତୀ ଶିରୋମଣି ଜାନକୀ ମହାରଣୀଙ୍କୁ ଏ ସମାଜ କଟୁ ସମାଲୋଚନା କରିବାକୁ ପଛାଇଲା ନାହିଁ। ଶେଷରେ ସୀତାଠାକୁରାଣୀ ଅତିଷ୍ଠ ହୋଇ ପାତାଳ ଗମନ କଲେ। ଆମର ସାମାଜିକ ବିଧି ବ୍ୟବସ୍ଥାରେ ଝିଅଟିଏ ପାଇଁ କେହି ବି ସମ୍ବେଦନଶୀଳ ହେଲେ ନାହିଁ। ସମସ୍ତେ ଲୋକଦେଖାଣିଆ ମନ୍ତବ୍ୟ ଦେଇ ନିଜର ଦାୟିତ୍ୱ ତୁଲାଇ ଦେଲେ।

ପବିତ୍ର ଶିକ୍ଷାୟତନ ଆଜି କାହିଁକି ଏଡ଼େ ଅପବିତ୍ର, ବିକଳାଙ୍ଗ? ଆମ ସମାଜ, ଆମ ବିଚାର ଧାରା, ଆମ ନୈତିକତା ଆଉ କ'ଣ ଅଛି? ଏସବୁର ଅଧୋପତନ ହୋଇ ପାଇଛି। ସମସ୍ତଙ୍କୁ ଗୁହାରି କରିବା ପରେ ଯେତେବେଳେ କେହି ନଶୁଣି ଉପେକ୍ଷା କଲେ, ସେତେବେଳେ ଝିଅଟି ଏପରି କଠୋର ତଥା ଚରମ ପଦକ୍ଷେପ ନେବାକୁ ବାଧ୍ୟ ହେଲା। ସର୍ବସମକ୍ଷରେ ସେ ନିଜକୁ ଜାଳିଦେଲା। କେବଳ ଜଣେ ଛାତ୍ରକୁ ଛାଡ଼ିଦେଲେ କେହି ସେଠାରେ ନଥିଲେ। କେହି ତା' ଜୀବନକୁ ରକ୍ଷା କରିବାକୁ ଚେଷ୍ଟା କଲେ ନାହିଁ। କେହି ସେତେବେଳେ ଆଗେଇ ଆସିଲେ ନାହିଁ କାହିଁକି? ଏ ରହସ୍ୟ ତଦନ୍ତସାପେକ୍ଷ। ଏବେ ବୁକୁଫଟା କାନ୍ଦ କାନ୍ଦି ଓଡ଼ିଶା ବନ୍ଦ କଲେ କ'ଣ ହେବ? ଆମରିମାନଙ୍କ ଅପାରଗତାରୁ ସେ ଝିଅ ଆଜି ଚାଲିଗଲା ଅଫେରା ରାଇଜକୁ। ତା'ର ଅମୂଲ୍ୟ ଜୀବନ ଜଳିପୋଡ଼ି ପାଉଁଶ ହୋଇଗଲା। ଏହା ହିଁ ଥିଲା ଏହି ସମାଜ ତଥା ସମାଜର ବଡ଼ ପଣ୍ଡାମାନଙ୍କ ସମ୍ମୁଖରେ ଝିଅଟିର ମୌନ ପ୍ରତିବାଦ। ସେ ଝିଅ ପୋଡ଼ି ଯାଇ ନାହିଁ, ବରଂ ଆମ ସମାଜର ନୈତିକତା ଶତଧା ଦଗ୍ଧ ହୋଇ ଯାଇଛି। ଝିଅଟିର ଆତ୍ମଦାହ ଆଜି ଏହି ବାର୍ତ୍ତା ପ୍ରେରଣ କରିଛି।

ଓଡ଼ିଆ ଘରର ପାରମ୍ପରିକ ଜୀବନଧାରା ଆଜି ସମ୍ପୂର୍ଣ୍ଣ ପଥଭ୍ରଷ୍ଟ। ଝିଅ ଓଡ଼ିଆ ଘରର ଲକ୍ଷ୍ମୀ ବୋଲି ବିବେଚନା କରାଯାଏ, ଝିଅଟିଏ କୋଳକୁ ଆସିଲେ ଘରର ଆନନ୍ଦ ବଢ଼ିଯାଏ, ପିତାମାତାଙ୍କର ଆୟୁବୃଦ୍ଧି ହୁଏ ବୋଲି ବିଶ୍ୱାସ ରହିଛି। ଝିଅଟିଏ ଆମ ଘରର ଆନନ୍ଦର ବଳୟ। ସେ ଦୁହିତା, ଦୁଇ କୁଳକୁ ହିତା।

ହଇଲୋ ଝିଅ, ତୁଏ ମର୍ମନ୍ତୁଦ ପଦକ୍ଷେପ କାହିଁକି ନେଲୁ? ତୁତ ଏଡ଼େ ସାହାସୀ ଝିଅ। କେତେକ ଆନୁଷ୍ଠାନରେ ଝିଅମାନଙ୍କ ଆତ୍ମରକ୍ଷା କରିବାର ଶିକ୍ଷା ଦେଉଥିଲୁ। ତୁ କାହିଁକି ଏଡ଼େ ଦୁର୍ବଳ ହୋଇଗଲୁ? ନିଜକୁ ରକ୍ଷା କରି ପାରିଲୁ ନାହିଁ? କୁଆଡ଼େ ଗଲା ସେ ସାହସ, ସେ ଧୈର୍ଯ୍ୟ? ତୁ ଏ ଜାତିର ବୀରାଙ୍ଗନା। ବରଂ ତୁ ବଞ୍ଚି ରହି ଦେଖିଥା'ନ୍ତୁ ସମାଜ କିପରି ଜଳୁଛି। ସମାଜପତିମାନେ କିପରି ବିକଳ ଚିତ୍କାର କରୁଛନ୍ତି। ତୋତେ ଅବଶ୍ୟ ନ୍ୟାୟ ମିଳିବ। ଏ ଜଗତ ଦେଖିବ। ଯେଉଁଠି ଥିଲେ ବି ତୋ ଆତ୍ମା ସନ୍ତୋଷ ଲାଭ କରିବ। ଏହାର ତୋର ଆତ୍ମଦାହ ନୁହେଁ, ସମାଜକୁ ଏକ ମହାନ ଚେତାବନୀ। ଶିକ୍ଷାୟତନରେ ରହୁଥିବା ନରପିଶାଚମାନେ ନିଶ୍ଚୟ ମହାଶିକ୍ଷା ଲାଭ କରିବେ।

ଏଭଳି ଦୁର୍ଭାଗ୍ୟଜନକ ଘଟଣାଗୁଡ଼ିକ ଘଟିବାର ପ୍ରମୁଖ କାରଣ ହେଲା ମହାବିଦ୍ୟାଳୟଗୁଡ଼ିକୁ ସ୍ୱୟଂଶାସିତ କରିଦେବା। ଏହାଦ୍ୱାରା ଅଧ୍ୟାପକମାନେ ଅଧିକ ଶକ୍ତିଶାଳୀ ହୋଇଗଲେ ଏବଂ ସେମାନଙ୍କର ସ୍ୱେଚ୍ଛାଚାରିତା ବଢ଼ିଗଲା। ଯଥାଯଥ ଯୋଗ୍ୟତା ନ ଥାଇ ବି ଅନେକ ବିଶ୍ୱବିଦ୍ୟାଳୟରେ ପ୍ରଫେସର/ ସହକାରୀ ପ୍ରଫେସର ହେବାର ସୁଯୋଗ ପାଇଗଲେ। ଛାତ୍ରଛାତ୍ରୀମାନଙ୍କ ନମ୍ବର ବଢ଼ାଇବା-କମାଇବା, ଉପସ୍ଥାନ କମାଇଦେବା, ପରୀକ୍ଷାରେ ପ୍ରତିବନ୍ଧକ ସୃଷ୍ଟି କରି ଛାତ୍ରମାନଙ୍କୁ ଅସୁବିଧାରେ ପକାଇ ସେମାନଙ୍କୁ ଶୋଷଣ କରିବା ସହଜ ହୋଇଗଲା। ଅନେକ ଝିଅ ମଧ୍ୟ ଯୌନ ଶୋଷଣର ଶିକାର ହେଲେ। ଅତୀତରେ ବିଶ୍ୱବିଦ୍ୟାଳୟମାନଙ୍କ ଅଧୀନରେ ମହାବିଦ୍ୟାଳୟମାନେ ରହିଥିଲେ ଏବଂ ସେମାନଙ୍କ ପରୀକ୍ଷା ନିୟନ୍ତ୍ରଣ ବିଶ୍ୱବିଦ୍ୟାଳୟ କରୁଥିଲା। ତେଣୁ ଏତେଟା ଦୁର୍ନୀତି ଏବଂ ଶୋଷଣ ହୋଇ ପାରୁନଥିଲା।

ମୃତାଛାତ୍ରୀ ସୌମାଶ୍ରୀଙ୍କର ଜଣେ ସହପାଠିନୀଙ୍କ ଗଣମାଧ୍ୟମରେ ଦେଇଥିବା ବୟାନରୁ ଜଣାଯାଏ, ସୌମ୍ୟାଶ୍ରୀଙ୍କ ସପକ୍ଷରେ ୧୨ ରୁ ୧୫ ଜଣ ଛାତ୍ରଛାତ୍ରୀ ଥିବା ବେଳେ ବିଭାଗୀୟ ଅଧ୍ୟାପକ ଓ ଅଧ୍ୟକ୍ଷଙ୍କ ସପକ୍ଷରେ ୩୦୦ ଛାତ୍ରଛାତ୍ରୀ ଥିଲେ। ସେମାନେ ହୁଏତ ନିଜର ସ୍ୱାର୍ଥ ସିଦ୍ଧି ଲାଗି ଅଧ୍ୟାପକଙ୍କ ସହିତ ଥିଲେ। କାରଣ ପରୀକ୍ଷାରେ ଫେଲ କରିଦେବାର ଭୟ ଥିଲା। ତେଣୁ ଆମର ଲୋକପ୍ରିୟ ସରକାରଙ୍କୁ ଅନୁରୋଧ ଏହାର ଆଶୁ ନିରାକରଣ କରାଗଲେ ଶିକ୍ଷାନୁଷ୍ଠାନର ଗୌରବ ପୁଣି ଫେରି ଆସିବ। ନଚେତ କେତେ ଯେ ସୌମ୍ୟାଶ୍ରୀ ଅଗ୍ନି ଦଗ୍ଧ ହେବେ କହି ହେବ ନାହିଁ।

ସାକ୍ଷୀଗୋପାଳ(ପୁରୀ)
ମୋ: ୯୯୩୭୮୩୫୨୩୩

## ତିବ୍ବତରେ ବୌଦ୍ଧଧର୍ମ

**ପ୍ରବୀର କୁମାର ପଟ୍ଟନାୟକ**

### ଦ୍ୱିତୀୟ-ବୁଦ୍ଧ କଥା



ରାଜା ସ୍ରଙ୍ଗ ବୌଦ୍ଧ ଗୁରୁ ଓ ବୌଦ୍ଧ ଗ୍ରନ୍ଥ ସନ୍ଧାନ ନିମିତ୍ତ ପ୍ରତିନିଧି ଦଳଙ୍କୁ ଭାରତ ଓ ଚୀନ ପଠାଇଲେ। ତିବ୍ବତରେ ଉପସ୍ଥିତ ଥିବା ଭାରତ, ନେପାଳ ଓ ଚୀନର ବୌଦ୍ଧ ଆଚାର୍ଯ୍ୟଗଣ ତଥା ଭାରତକୁ ଯାଇ ଶିକ୍ଷାଲାଭ କରିଥିବା ଥୋନ୍‌ମି ଏବଂ ତାଙ୍କର ଯୋଗ୍ୟ ଶିଷ୍ୟଗଣ ସମସ୍ତଙ୍କୁ ସଂଗୃହୀତ ଶାସ୍ତ୍ର ଓ ଧର୍ମଗ୍ରନ୍ଥଗୁଡ଼ିକର ଅନୁବାଦ ତଥା ସଂପାଦନା କାର୍ଯ୍ୟରେ ନିୟୋଜିତ କଲେ। କରଣ୍ଡବ୍ୟୁହସୂତ୍ର, ରତ୍ନମେଘସୂତ୍ର ଆଦି ଅନେକ ଗ୍ରନ୍ଥ ତିବ୍ବତର ନୂତନ ଲିପି ଓ ଭାଷା ବ୍ୟବହାର କରି ଅନୁବାଦ କରାଗଲା। ରାଜା ସ୍ରଙ୍ଗ ଦୀର୍ଘ ବର୍ଷ ଧରି ନିଜେ ତିବ୍ବତର ନୂତନ ଲିପି ଓ ଭାଷାର ଅଧ୍ୟୟନ ମଧ୍ୟ କରିଥିଲେ। ରାଜା ଅନେକ ଶାସ୍ତ୍ର ଓ ଧର୍ମଗ୍ରନ୍ଥ ଅଧ୍ୟୟନ କରିବା ସହ ଦେଶରେ ବହୁ ଧର୍ମୀୟ ଅନୁଷ୍ଠାନ ଓ ମଠ, ମନ୍ଦିର ଆଦି ପ୍ରତିଷ୍ଠା କରିଥିଲେ। ବୌଦ୍ଧଧର୍ମର ନୀତିକାନ୍ତି ଓ ଶିକ୍ଷଣୀୟ ବାଣୀ ଇତ୍ୟାଦି ବ୍ୟାପକ ଭାବେ ସମଗ୍ର ତିବ୍ବତରେ ପ୍ରସାରିତ କରାଇଥିଲେ। ରାଜା ସ୍ରଙ୍ଗ ଏବଂ ତାଙ୍କ ଦୁଇ ରାଣୀ ତିବ୍ବତରେ ବୌଦ୍ଧ ଧର୍ମର ବୀଜରୋପଣ କରିବା ସହ ଦେଶରେ ଶିକ୍ଷା, ସାଂସ୍କୃତିକ ବିକାଶ ଓ ସାମାଜିକ ସଂସ୍କାରର ଭିତ୍ତି ମଧ୍ୟ ସ୍ଥାପନ କରାଇଲେ। ରାଜା ସ୍ରଙ୍ଗଙ୍କୁ ତିବ୍ବତର ସଂରକ୍ଷକ ବୌଦ୍ଧ ଦେବତା ଅବଲୋକିତେଶ୍ୱରଙ୍କ ଅବତାର ଭାବରେ ଗ୍ରହଣ କରାଯାଇଥିଲା।

ରାଜା ସ୍ରଙ୍ଗ୍‌ଙ୍କ ଶାସନ କାଳରେ ତିବ୍ବତରେ ବୌଦ୍ଧ ଧର୍ମକୁ ପ୍ରଚଳନ କରାଗଲା। ତିବ୍ବତୀୟ ଭାଷା ଓ ଲିପିକୁ ମଧ୍ୟ ପ୍ରଚଳନ କରାଗଲା। ଏହାବ୍ୟତୀତ ଅନ୍ୟ ଭାଷାର ଶାସ୍ତ୍ର ଓ ଧର୍ମ ଗ୍ରନ୍ଥସବୁ ଯାହା ମିଳିଲା ବ୍ୟାପକଭାବେ ତାହାକୁ ଲିପିବଦ୍ଧ କରାଯିବା କାର୍ଯ୍ୟ ମଧ୍ୟ ଆରମ୍ଭ ହେଲା। ବୌଦ୍ଧ ଧର୍ମକୁ ନିଜ ଦେଶରେ ପ୍ରଚଳିତ କରିବାରେ ରାଜାଙ୍କ ଉଦ୍ଦେଶ୍ୟ ଧାର୍ମିକ ଅପେକ୍ଷା ଅଧିକ ରାଜନୈତିକ ହିଁ ଥିଲା। ସେ ଚାହୁଁଥିଲେ ପଡ଼ୋଶୀ ଓ ବାହାର ଦେଶ ସହିତ ସାଂସ୍କୃତିକ ବିନିମୟ ତିବ୍ବତୀୟମାନଙ୍କର ବୃଦ୍ଧି ପାଉ, ଯାହା ସେହି ଅଞ୍ଚଳର ସଭ୍ୟତା ଓ ସଂସ୍କୃତିର ପ୍ରଭାବ ତିବ୍ବତୀୟମାନଙ୍କ ଉପରେ ପଡ଼ିବ ଏବଂ ସେମାନେ ସଭ୍ୟ, ସଂସ୍କୃତିସଂପନ୍ନ ଓ ମାର୍ଜିତ ତଥା ସଂସାରାଭିଜ୍ଞ ହୋଇପାରିବେ, ଯାହାଫଳରେ ଦେଶର ଉନ୍ନତି ସାଧନ ହୋଇପାରିବ। ସମାନ୍ତରାଳ ଭାବେ ରାଜା ସ୍ଥାନୀୟ ବନ ଧର୍ମକୁ ମଧ୍ୟ ଉତ୍ସାହିତ କରୁଥିଲେ। ସେଥିରେ ମଧ୍ୟ ରାଜାଙ୍କୁ ଦିବ୍ୟପୁରୁଷ ଭାବେ ବିବେଚନା କରାଯାଉଥିଲା। ରାଜା ଉଭୟ ଧର୍ମକୁ ପ୍ରଶ୍ରୟ ଦେଉଥିଲେ ମଧ୍ୟ ଯେହେତୁ ବନ୍ ତିବ୍ବତର ଦୀର୍ଘକାଳର ଧାର୍ମିକ ପରମ୍ପରା ଭାବେ ରହି ଆସିଥିଲା, ତାହାର ସମାଜରେ ଅଧିକ ପ୍ରଭାବ ରହିଥିଲା। ଏଣୁ ଉଭୟ ଧର୍ମ ମଧ୍ୟରେ ସଂଘର୍ଷ ଘଟିବା ମଧ୍ୟ ସ୍ୱାଭାବିକ ଥିଲା।

ସେ ସମୟକୁ ସମଗ୍ର ଦେଶ ଏକଜୁଟ ଥିଲା। ପାଖ ପଡ଼ୋଶୀ ଛୋଟ ଛୋଟ ରାଜ୍ୟଗୁଡ଼ିକୁ ଜୟ କରି ତିବ୍ବତ ସହ ରାଜା ମିଶାଇ ଦେଇଥିଲେ। ପଡ଼ୋଶୀ ପ୍ରଭାବଶାଳୀ ଶାଙ୍ଗ୍-ଶୁଙ୍ଗ ଅଞ୍ଚଳ ବନ୍ ଧର୍ମର ଗଡ଼ ଭଳି ରହିଥିଲା। ତାକୁ ମଧ୍ୟ ରାଜା ଜୟ କରି ତିବ୍ବତ ସହ ମିଶାଇ ଦେଇଥିଲେ। ତାହାର ଧର୍ମ ଓ ସଂସ୍କୃତି ମଧ୍ୟ ତିବ୍ବତୀୟ ଧର୍ମ ସଂସ୍କୃତି ସହ ମିଶି ପ୍ରଭାବ ବିସ୍ତାର କଲା। କ୍ରମେ ବନ୍ ଧର୍ମ ବିଦେଶୀ ବୌଦ୍ଧ ଧର୍ମକୁ ପ୍ରତିରୋଧ କରିବାକୁ ଲାଗିଲା। ରାଜା ସ୍ରଙ୍ଗଙ୍କ ତିରୋଧାନ ପରେ ତିବ୍ବତରେ ବୌଦ୍ଧଧର୍ମ ଆଗକୁ ବଢ଼ି ପାରିଲା ନାହିଁ। ବନ୍ ଧର୍ମ ଅଧିକ ପ୍ରଭାବଶାଳୀ ଭାବେ ଉଭା ହେବାରେ ଲାଗିଲା।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ବ୍ରାହ୍ମଣୀ, ଖରସ୍ରୋତା, କାଣୀ ନଦୀରେ ବନ୍ୟା

# ଗାଁ ଦାଣ୍ଡକୁ ଉଠି ଆସିଲେ କୁମ୍ଭୀର







**ପଟ୍ଟାମୁଣ୍ଡାଇ, ରାଜନଗରର ବହୁ ଅଞ୍ଚଳ ବାହ୍ୟ ଜଗତରୁ ବିଚ୍ଛିନ୍ନ**

**ବିଦ୍ୟୁତ୍ ସେବା ବ୍ୟାହତ, ପାନୀୟଜଳ ପାଇଁ ଲୋକେ ହନ୍ତସନ୍ତ**

**ପୌରାଞ୍ଚଳ ବୁଲି ବନ୍ୟା ସ୍ଥିତି ଅନୁଧ୍ୟାନ କଲେ ବିଧାୟକ**

**ପଟ୍ଟାମୁଣ୍ଡାଇ/ରାଜନଗର, ୧୮।୭(ସମିସ):** ବ୍ରାହ୍ମଣୀ, ଖରସ୍ରୋତା ଓ କାଣୀ ନଦୀରେ ବନ୍ୟା ଯୋଗୁଁ ପଟ୍ଟାମୁଣ୍ଡାଇ ଓ ରାଜନଗର ବ୍ଲକ୍‌ର ବହୁ ଅଞ୍ଚଳ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ପଟ୍ଟାମୁଣ୍ଡାଇ ପୌରପରିଷଦର ୯ଟି ୱାର୍ଡ ଓ ୧୪ଟି ପଞ୍ଚାୟତର ଲୋକ ଏବଂ ରାଜନଗର ବ୍ଲକ୍‌ର ୨୦ରୁ ଅଧିକ ଗାଁ ପାଣି ଘେରରେ ରହିଛି। ଗାଁ ରାସ୍ତା ପାଣିରେ ବୁଡ଼ି ରହିଥିବାରୁ ଯାତାୟାତ ଠପ୍ ହୋଇଯାଇଛି। ବିଦ୍ୟୁତ୍ ସେବା ମଧ୍ୟ ବ୍ୟାହତ ହୋଇଛି। ପିଇବା ପାଣି ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ଏପରିକି, ବନ୍ୟାପାଣିରେ କିଛି କୁମ୍ଭୀର ଗାଁକୁ ଉଠି ଆସିଥିବା ଦେଖିବାକୁ ମିଳିଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଅପରପକ୍ଷେ, ଆଜି ରାଜନଗର ବିଧାୟକ ଧ୍ରୁବ ସାହୁ ପୌରାଞ୍ଚଳ ବୁଲି ବନ୍ୟା ସ୍ଥିତି ଅନୁଧ୍ୟାନ କରିଛନ୍ତି।

ସପ୍ତାହେ ଧରି ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବନ୍ୟା ପରିସ୍ଥିତି ଲାଗି ରହିଛି। ଯାତାୟାତ, ବିଦ୍ୟୁତ ଓ ପାନୀୟ ଜଳ ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଛି। ପୌର ପରିଷଦର ୯ଟି ୱାର୍ଡ ପ୍ରଭାବିତ ହୋଇଥିବା ବେଳେ ୧୧ ହଜାର ଲୋକ ବିପନ୍ନ ହୋଇଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକର ୧୪ ପଞ୍ଚାୟତର ୫୦ହଜାରରୁ ଉର୍ଦ୍ଧ୍ୱ ଲୋକ ଓ ୧୫ହଜାର ଗୃହପାଳିତ ପଶୁ ଜଳବନ୍ଦୀ ଅଛନ୍ତି। ଡାମରପୁର, ଶ୍ରୀରାମପୁର ଓ ବଳଭଦ୍ରପୁର ପଞ୍ଚାୟତରେ ସ୍ଥିତି ବେହାଲ ହୋଇଛି। ଯାତାୟାତ ଓ ପାନୀୟଜଳ ସମସ୍ୟା ଯୋଗୁଁ ଲୋକମାନେ ଅସୁବିଧା ଭୋଗୁଛନ୍ତି। ସିଂହଗାଁ ପଞ୍ଚାୟତର ସିଂହଗାଁ, କୃଷ୍ଣଦାସପୁର, ରାଉଲିଆଡିଆ, ପାଣିସାଉଁଳିଆ ଆଦି ଜଳମଗ୍ନ ହୋଇ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି। ସେହିପରି ଅଳପୁଆ ପଞ୍ଚାୟତର ଗୋଜିଆକଣ, ବିଲମଲିକସାହି, ବେହେରାସାହି, ମିଶ୍ରବାଗ, ସେଠୀସାହି, ଜେନାସାହି, ପାହାନ୍ତସିଂହ ସାହି, ତରଡ଼ିପାଳ ପଞ୍ଚାୟତର ପୋଖରୀକୂଳ, ଗୋପାଳପୁର, ଜେନାସାହି, ବିଶ୍ୱାଳସାହି, ନାଥସାହି, ମଲିକସାହି, ଘାଗରାଡିଆ ପେଣ୍ଠପାଳ ପଞ୍ଚାୟତର କୂଳସାହି, କୋଳଥିଆ, ବାଲିକିରା, ଦାଣ୍ଡିସାହି ଦାଣ୍ଡିସାହି, ଅଣ୍ଡରା ପଞ୍ଚାୟତର ବ୍ରହ୍ମପୁର, ବିଷ୍ଣୁପୁର, ବ୍ରାହ୍ମଣସାହି, ଦାଣ୍ଡିଉପର, ଅମୃତମଣୋହି ପଞ୍ଚାୟତର ନୂଆଡିଆ, ଜଗନ୍ନାଥପୁର, ଶାନ୍ତିପଡା, ସିଦ୍ଧବାଲି, ବଲୁରିଆ ପଞ୍ଚାୟତର ଫୁଲପାଟଣା ପାଣିଘେରରେ ଥିବା ବେଳେ ହଜାରହଜାର ଏକର ଚାଷଜମି ଜଳମଗ୍ନ ହୋଇପଡ଼ିଛି।

ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ତନୁପୁର ରାସ୍ତା ବୁଡ଼ିଯାଇଥିବାରୁ ବାଲିପାଟଣା, ଖଡ଼ିପାଳ, ତନୁପୁର, ନନ୍ଦିନୀନଗର ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି। ପଟ୍ଟାମୁଣ୍ଡାଇ ବ୍ଲକର ବାଛରା ପଞ୍ଚାୟତ ମଣ୍ଡପଡା-ବାଛରା ରାସ୍ତା ବୁଡିଯାଇଥିବାରୁ ବାଛରା, ମଣ୍ଡପଡା ବାହ୍ୟଜଗତରୁ ବିଛିନ୍ନ ହୋଇପଡିଛି। ସେହିପରି ରାଜନଗର ବ୍ଲକ୍ ଅନ୍ତର୍ଗତ ୪ଟି ପଞ୍ଚାୟତ ବନ୍ଧପଡା, ଓସ୍ତିଆ, ବେଲପାଳ, ରାଜପୁରର ୨୦ଟି ଗାଁ ପାଣି ଘେରରେ ରହିଛି। ଗାଁ ରାସ୍ତାରେ ୪ ଫୁଟ ଉଚ୍ଚର ପାଣି ଚାଲୁଛି। ବନ୍ୟା ଯୋଗୁଁ ଫସଲ କ୍ଷତିଗ୍ରସ୍ତ ହୋଇଛି।

ଆଜି ରାଜନଗର ବିଧାୟକ ଧ୍ରୁବ ସାହୁ ନନ୍ଦିନୀନଗର, ତଳବାଲିପଡ଼ା, ବଳଦେବନଗର, ସିଦ୍ଧପାଟଣା, କଷଣଅଣ୍ଟା, ବାଲିପଡ଼ା, ନୂଆଗାଁ, କାକୁଡ଼ିପଲ୍ଲୀ ସମେତ ବ୍ଲକର ବାଛରା ପଞ୍ଚାୟତର ମଣ୍ଡପଡା, ବାଛରା ଗ୍ରାମକୁ ବୋଟ ଯୋଗେ ଯାଇ ବନ୍ୟା ସ୍ଥିତି ଓ ବିପନ୍ନ ଲୋକଙ୍କ ଅବସ୍ଥା ଅନୁଧ୍ୟାନ କରିଥିଲେ। ବିଧାୟକଙ୍କ ସହ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ଯୁବନେତା ଦିଲ୍ଲୀପ ସେଠୀ କାଉନସିଲର ପ୍ରଶାନ୍ତ ବାରିକ, ପ୍ରିୟଙ୍କା ସେଠୀ, ମଧୁସ୍ମିତା ମଳିକ, ସୁଧାମୟ ମଳିକ ପ୍ରମୁଖ ବନ୍ୟାବିପନ୍ନ ବିଭିନ୍ନ ୱାର୍ଡ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ବିଧାୟକ ଶ୍ରୀ ସାହୁ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବନ୍ୟା ବିପନ୍ନ ୯ଟି ୱାର୍ଡର ଲୋକଙ୍କୁ ଆବଶ୍ୟକ ସରକାରୀ ସହାୟତା ଯୋଗାଇଦେବାକୁ ପୌର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ବିପନ୍ନ ଲୋକଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସରକାରଙ୍କ ନିକଟରେ ଦାବି କରିଛନ୍ତି।

ପ୍ରସୂତି ମୃତ୍ୟୁକୁ ନେଇ ଉତ୍ତେଜନା

# ନର୍ସିଂହୋମରେ ଭଙ୍ଗାରୁଜା



ଶବ ରଖି ଜୟପୁର-ଜଗତସିଂହପୁର ରାସ୍ତା ଅବରୋଧ

**ଜଗତସିଂହପୁର, ୧୮।୭(ସମିସ):** ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁଁ ଜଣେ ପ୍ରସୂତିଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦ କରି ଉତ୍ତ୍ୟକ୍ତ ଲୋକେ ସମ୍ପୃକ୍ତ ନର୍ସିଂହୋମରେ ଭଙ୍ଗାରୁଜା କରିବା ସହିତ ପ୍ରାୟ ୨ ଘଣ୍ଟା ଧରି ରାସ୍ତାରେ ଶବ ରଖି ଅବରୋଧ କରିଥିଲେ।

ସୂଚନା ମୁତାବକ, ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ତରଡ଼ା ଗ୍ରାମର ସସ୍ମିତା ସ୍ୱାଇଁ ନାମକ ଜଣେ ମହିଳା ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଭୂୟାଁଙ୍କ ନିକଟରେ ଚିକିତ୍ସିତ ହେଉଥିଲେ। ଗର୍ଭ ଧାରଣାର ୫ ମାସ ପରେ ଅଲ୍ଟ୍ରାସାଉଣ୍ଡ ସମୟରେ ଗର୍ଭରେ ଛୁଆ ନଷ୍ଟ ହୋଇଯାଇଥିବା ଡାକ୍ତର ଭୂୟାଁ କହିବା ସହିତ ଚର୍ଚ୍ଚିକା ବଜାରସ୍ଥ ସାଇଶ୍ରଦ୍ଧା ନର୍ସିଂହୋମରେ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦେଇଥିଲେ। ୧୭ ତାରିଖ ଦିନ ୧.୩୦ ସମୟରେ ଅସ୍ତ୍ରୋପଚାର ହୋଇଥିଲା। ତେବେ ଅସ୍ତ୍ରୋପଚାର ପରେ ରକ୍ତସ୍ରାବ ବନ୍ଦ ନ ହେବାରୁ ସସ୍ମିତାଙ୍କୁ ଏକ ଘରୋଇ ଆମ୍ବୁଲାନ୍ସରେ ଚିକିତ୍ସା ସମ୍ବନ୍ଧୀୟ ସମସ୍ତ କାଗଜପତ୍ର ନ ଦେଇ କଟକ ରେଫର କରିଥିଲେ ନର୍ସିଂହୋମ କର୍ତ୍ତୃପକ୍ଷ ଓ ଡାକ୍ତର ଭୂୟାଁ। ଆମ୍ବୁଲାନ୍ସ କଲେଜ ଛକରେ ଖରାପ ହୋଇଯାଇଥିବାବେଳେ ଆଉଏକ ଘରୋଇ ଆମ୍ବୁଲାନ୍ସରେ ରୋଗୀଙ୍କୁ କଟକ ନିଆଯାଇଥିଲା। ମାତ୍ର ସାଇଶ୍ରଦ୍ଧା ନର୍ସିଂହୋମ କର୍ତ୍ତୃପକ୍ଷ ଚିକିତ୍ସା ସମ୍ବନ୍ଧୀୟ କୌଣସି କାଗଜପତ୍ର ଦେଇ ନ ଥିବାରୁ କୌଣସି ନର୍ସିଂହୋମ ତାଙ୍କୁ ଆଡ଼ମିଶନ କରି ନ ଥିଲେ। ପରିବାର ଲୋକ ରୋଗୀକୁ ଏସସିବି ମେଡ଼ିକାଲକୁ ନେଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସାଇଶ୍ରଦ୍ଧା ନର୍ସିଂହୋମର ତ୍ରୁଟିପୂର୍ଣ୍ଣ ଚିକିତ୍ସା ଓ ବିନା କାଗଜପତ୍ରରେ କଟକ ରେଫର କରିଥିବାରୁ ପ୍ରସୂତୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ଆଣି ସସ୍ମିତାଙ୍କ ପରିବାର ଓ ସ୍ଥାନୀୟ ଲୋକ ନର୍ସିଂହୋମ ସମ୍ମୁଖ ଜଗତସିଂହପୁର-ଜୟପୁର ରାସ୍ତାରେ ଶବ ରଖି ପ୍ରତିବାଦ କରିବା ସହିତ ନର୍ସିଂହୋମରେ ପଶି ଭଙ୍ଗାରୁଜା କରିଥିଲେ। ସାଇଶ୍ରଦ୍ଧା ନର୍ସିଂହୋମ କର୍ତ୍ତୃପକ୍ଷ ଓ ଅସ୍ତ୍ରୋପଚାର କରିଥିବା ଡାକ୍ତରଙ୍କୁ ଗିରଫ ସହିତ ଉପଯୁକ୍ତ କ୍ଷତିପୂରଣ ଦାବି କରି ୨ ଘଣ୍ଟା ଧରି ରାସ୍ତାରୋକ କରାଯାଇଥିଲା।

ସେବାଶ୍ରମ ଛାତ୍ର ଆତ୍ମହତ୍ୟା ଘଟଣା

# ପ୍ରଧାନଶିକ୍ଷକ ନିଲମ୍ବିତ



**ନୂଆପଡ଼ା, ୧୮।୭(ସମିସ):** ନୂଆପଡ଼ା ଜିଲ୍ଲା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଅଧୀନ ସାହାଜଟ ସେବାଶ୍ରମ ସ୍କୁଲରେ ଅନୌପଚାରିକ ଭାବେ ରହୁଥିବା ପଛୁଆ ବର୍ଗର ଛାତ୍ର ଅଶ୍ୱିନୀ ବନଛୋର୍ ସ୍କୁଲ ପରିସର ଏକ ଗଛରେ ଆତ୍ମହତ୍ୟା କରିବା ଘଟଣାରେ ପ୍ରଧାନଶିକ୍ଷକ ହରଦେବ ହଂସଙ୍କୁ ଶୁକ୍ରବାର ନିଲମ୍ବିତ କରାଯାଇଛି।

୩ବର୍ଷ ତଳେ ଜଗଦୀଶ ନାଗ ନାମକ ଜଣେ ଶିକ୍ଷକ ସାହଜଟ ସେବାଶ୍ରମକୁ ବଦଳି ହୋଇ ଆସିଥିଲେ। ସେହିଦିନଠାରୁ ତାଙ୍କର ସଂପର୍କୀୟ ଭଣଜା ଅଶ୍ୱିନୀ ବନଛୋର୍‌ଙ୍କୁ ସାଙ୍ଗରେ ଆଣି ନାମ ଲେଖାଇଥିଲେ। ସେବେଠୁ ଏହି ଛାତ୍ରଜଣଙ୍କ ଏହି ଏସସି/ଏସ୍‌ଟି ହଷ୍ଟେଲରେ ରହିଆସୁଥିଲେ। ଘଟଣା ଦିନ (ବୁଧବାର) ଜଗଦୀଶ ଆଶ୍ରମରେ ନ ଥିଲେ। ଏପରିକି, ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ମଧ୍ୟ ରହୁନଥିଲେ। ସମସ୍ତ ଅନ୍ତେବାସୀ ରାତ୍ରିଭୋଜନ କରିବା ପରେ ଅଶ୍ୱିନୀ ବାହାରକୁ ଚାଲିଯାଇଥଲେ। ବିଳମ୍ବିତ ରାତିରେ ସେ ଗଛରେ ଝୁଲୁଥିବା ଅନ୍ୟ ଛାତ୍ରମାନେ ଦେଖିବାକୁ ପାଇଥିଲେ।

ମୁଖ୍ୟମନ୍ତ୍ରୀଙ୍କୁ ଉପଭୋକ୍ତା ମହାସଂଘର ଚିଠି

# ବିହାର ଦେଲା ମାଗଣା ବିଜୁଳି; ଓଡିଶାରେ କେବେ?

**ଭୁବନେଶ୍ୱର, ୧୮।୭(ସମିସ):** ବିହାରର ବିଜେପି-ଜେଡିୟୁ ସରକାଙ୍କ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ତାଙ୍କ ରାଜ୍ୟରେ ୧୨୫ ୟୁନିଟ୍ ମାଗଣା ବିଜୁଳି ଅଗଷ୍ଟ ୧ରୁ ଲାଗୁ ହେବ ବୋଲି ଘୋଷଣା କରିଛନ୍ତି। କିନ୍ତୁ ଦୁଃଖର କଥା, ବିଜୁଳି ଉତ୍ପାଦନର ରାଜ୍ୟ ଓଡ଼ିଶାରେ ମାଗଣା ବିଜୁଳି ଦିଆଗଲା ନାହିଁ। ସରକାରକୁ ଆସିବା ପୂର୍ବରୁ ରାଜ୍ୟବାସୀଙ୍କୁ ବିଜେପି ମାଗଣା ବିଜୁଳି ଦେବାକୁ ପ୍ରତିଶ୍ରୁତି ଦେଇଥିଲା। ୧୩ ମାସ ହେଲା ସରକାର ଆସିଲାଣି; କିନ୍ତୁ ଏହା କାର୍ଯ୍ୟକାରୀ ହେଲା ନାହିଁ। ତେଣୁ କେବେ ଓଡ଼ିଶା ସରକାର ରାଜ୍ୟବାସୀଙ୍କୁ ମାଗଣା ବିଜୁଳି ଦେବେ, ତାକୁ ନେଇ ପ୍ରଶ୍ନ କରିଛି ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ। ସମ୍ପାଦକ ରବି ବେହେରା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଓଡ଼ିଶାରେ ଅନ୍ତତଃ ୨୦୦ ୟୁନିଟ୍ ବିଜୁଳି ମାଗଣାରେ ଦେବା ପାଇଁ ଦାବି କରିଛନ୍ତି।

# ଖରସ୍ରୋତାରୁ ନିଖୋଜ ଛାତ୍ରୀଙ୍କ ମୃତଦେହ ଉଦ୍ଧାର

**ସିଂହପୁର, ୧୮।୭(ସମିସ):** ଖରସ୍ରୋତା ନଦୀକୁ ଡେଇଁ ନିଖୋଜ ହୋଇଯାଇଥିବା ଛାତ୍ରୀଙ୍କ ମୃତଦେହ ଆଜି ଉଦ୍ଧାର କରାଯାଇଛି। ସିଂହପୁର ନିକଟବର୍ତ୍ତୀ କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ସୁଧାଂଶୁ ଶେଖର ମିଶ୍ରଙ୍କ ଝିଅ ସସ୍ମିତା ଗତକାଲି ମଧ୍ୟାହ୍ନରେ ଖରସ୍ରୋତା ନଦୀକୁ ଡେଇଁ ଆତ୍ମହତ୍ୟା କରିଥିଲେ। ଗତକାଲିଠାରୁ ଓଡ୍ରାଫ ଟିମ୍ ଓ ବିଞ୍ଝାରପୁର ପୁଲିସ ଖୋଜାଖୋଜି ଜାରି ରଖିଥିଲେ। ତେବେ ଆଜି ଅପରାହ୍ନରେ ନଦୀରେ ବୁଡ଼ିବାର ୩୦୦ ମିଟର ଦୂର ଯାଜପୁର ଜିଲ୍ଲାର ଚନ୍ଦନପୁର ଗ୍ରାମ ନିକଟ ନଦୀରୁ ଛାତ୍ରୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ବିଞ୍ଝାରପୁର ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଯାଜପୁରକୁ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

# ନାଳରେ ବୁଡ଼ି ମା’-ପୁଅ ମୃତ

**ଫିରିଙ୍ଗିଆ/ଫୁଲବାଣୀ, ୧୮।୭(ସମିସ):** କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ୍ ପସରା ପଞ୍ଚାୟତ ଅନ୍ତର୍ଗତ ପଖାଳଖିଆ ନିକଟ ଖଡମୁଣ୍ଡା ଜଙ୍ଗଲରେ ଏକ ଅଘଟଣ ଘଟିଛି। ଜଙ୍ଗଲ ଭିତରେ ଥିବା ଏକ ନାଳରେ ବୁଡ଼ି ମା’-ପୁଅଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, କଇନ୍ତା ଭୋଇ (୪୫) ଓ ତାଙ୍କ ପୁଅ ଆରତ(୫)। ଚକାପାଦ ପୁଲିସ୍ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁଯାୟୀ, ପୁଅ ଆରତକୁ ସାଥିରେ ନେଇ କଇନ୍ତା ଗୁରୁବାର ଦିନ ପୋଢ଼ ଚରାଇବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। କିନ୍ତୁ ଦୁହେଁ ଆଉ ଘରକୁ ଫେରିନଥିଲେ। କଇନ୍ତାଙ୍କ ସ୍ୱାମୀ ଗତକାଲି ବହୁ ଖୋଜାଖୋଜି କରିବା ପରେ ମଧ୍ୟ ପାଇନଥିଲେ। ତେବେ ଆଜି ପୁଣିଥରେ ଖୋଜିବାକୁ ଯାଇଥିବା ବେଳେ ଉଭୟ ମା’-ପୁଅଙ୍କ ଶବ ନାଳରେ ଭାସୁଥିବା ଦେଖିବାକୁ ପାଇଥିଲେ। ସେ ଦୁହିଁଙ୍କୁ ଉଦ୍ଧାର କରି ବ୍ରାହ୍ମଣପାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ତେବେ କେଉଁ ପରିସ୍ଥିତିରେ ଦୁହିଁଙ୍କର ମୃତ୍ୟୁ ହେଲା, ସେନେଇ ତଦନ୍ତ ଚାଲିଥିବା ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି।

# ଭାଇବୋହୂକୁ ହାଣିଦେଲା ଦେଢ଼ଶୁର

ଜମିବାଡ଼ି ବିବାଦ

**କଲ୍ୟାଣସିଂହପୁର, ୧୮।୭(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଧାମୁଣିପଙ୍ଗା ପଞ୍ଚାୟତର ଢେପାଗୁଡ଼ା ଗ୍ରାମରେ ଦେଢଶୁରର କୋଡ଼ି ଚୋଟରେ ଭାଇବୋହୂର ମୃତ୍ୟୁ ଘଟିଛି।

ପରିବାର ଲୋକଙ୍କ କହିବା ଅନୁଯାୟୀ, ଆଜି ସକାଳେ ବୈମାଝୀ ପ୍ରେପକା ନିଜ ବିଲକୁ କାମ କରିବାକୁ ଯାଇଥିଲେ। ତାଙ୍କ ସ୍ତ୍ରୀ ସୌଲେନ୍ଦ୍ରି ସାରକା (୩୫) ଘରେ ରୋଷେଇ କରୁଥିଲେ। ଦେଢ଼ଶୁର ଲତ୍ରା ପ୍ରେପକା (୬୦) ଧରିଥିବା କୋଡ଼ିରେ ଭାଇବୋହୂର ମୁଣ୍ଡରେ ଦୁଇ ଚୋଟ ମାରିଥିଲେ। ଫଳରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ରୋଷେଇ ଘରେ ପଡିରହିଥିଲା। ପ୍ରେପକା ଏହି ହତ୍ୟାକାଣ୍ଡ ବିଷୟରେ ପରିବାର ଲୋକଙ୍କୁ କହିଥିଲେ ମଧ୍ୟ ସେମାନେ ବିଶ୍ୱାସ କରି ନଥିଲେ। ତେବେ ସେ ବାରମ୍ବାର କହିବାରୁ ପିଲାମାନେ ଯାଇ ସୌଲେନ୍ଦ୍ରି ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିରହିଥିବା ଦେଖିଥିଲେ।। ଖବର ପାଇ ସ୍ୱାମୀ ବୈମାଝୀ ଘଟଣାସ୍ଥଳରେ ପହଞ୍ଚି ସଙ୍ଗେ ସଙ୍ଗେ ରୋଗୀବୁହା ଗାଡି ଯୋଗେ ତାଙ୍କୁ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ଚିନ୍ମୟ ନାୟକ ପ୍ରାଥମିକ ଚିକିତ୍ସା କରି ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ରାୟଗଡ଼ା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

ପୂର୍ବରୁ ପରିବାର ମଧ୍ୟରେ ଜମିଜମା ଗଣ୍ଡଗୋଳ ଲାଗିରହିଥିଲା। ଆଜି ସକାଳୁ ବିଲରେ ଦୁଇ ଭାଇଙ୍କ ମଧ୍ୟରେ ବଚସା ହୋଇଥିଲା। ରାଗରେ ଆସି କୋଡ଼ି ଧରି ରଷେଇ ଘରେ ଭାଇବୋହୁକୁ ଆକ୍ରମଣ କରିଥିବା ଲତ୍ରା କହିଛନ୍ତି। ବୈମାଝୀ ପ୍ରେପକା ଶିକ୍ଷକତା କରୁଥିବା ବେଳେ ସ୍ତ୍ରୀ ସୌଲେନ୍ଦ୍ରି ସାରକା କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ସଦର ମହକୁମାରେ (ଏଏନ୍‌ଏମ) ମହିଳା ସ୍ୱାସ୍ଥ୍ୟ କର୍ମୀ ଭାବେ କାର୍ଯ୍ୟରତ। ଢେପାଗୁଡା ଗ୍ରାମରେ ପୁଲିସ ଅଧିକାରୀ ନୀଳକଣ୍ଠ ବେହେରା ପହଞ୍ଚି ତଦନ୍ତ ଚଳାଇଛନ୍ତି। ଭାଇବୋହୁର ମୃତ୍ୟୁ ଖବର ଶୁଣିବା ପରେ ନିଜେ ମାରିଥିବ କୋଡ଼ି ଧରି ଥାନାରେ ଦେଢଶୁର ଥାନାରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ସ୍ଥାନୀୟ ପୁଲିସ ରାୟଗଡା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବ ଜବତ କରି ହତ୍ୟା ମାମଲା ରୁଜୁ କରିଛି। ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

**AFFIDAVIT**

Apana By virtue of an affidavit before the Notary Public, Titilagarh, on dated-02/07/2025. I, **Bigantha Kharsel,** aged about 57 years, S/o Late Pitho, resident of At/Po- Bhatipada, P.S. Titilagarh, Dist-Bolangir (Odisha) affirm that, my actual name is **Bigantha Kharsel,** S/o. Pitho which is mentioned in my Railway service record but in my Aadhar Card my name has been mentioned as **Biganath Kharsel**, S/o. Pita Kharsel instead of **Bigantha Kharsel,** S/o. Pitho. That, **Bigantha Kharsel**, S/o. Pitho and **Biganath Kharsel**, S/o. Pita Kharsel is same and one person. Henceforth, I shall be known as **Bigantha Kharsel**, S/o. Pitho for all future purposes.

**Bigantha Kharsel**

**IN THE COURT OF THE CIVIL JUDGE (SENIOR DIVISION) ANGUL**
**CIVIL SUIT NO: 195 /2020**
Kumudini Naik
Versus
Prabhakar Naik and others

**DRAFT NOTICE**
**U/O 5, RULE 20 OF CIVIL PROCEDURE CODE.**

To,
D.5. Sharat Naik, Aged about 45 years, Vill: Amantapur, P.O.: Bimalbeda, P.S: Jarpada, Dist: Angul
Bibhuti Behera, Aged about 40 years, Son of Late Niladri Behera, Vill: Amantapur, P.O.: Bimalbeda, P.S: Jarpada, Dist: Angul
Whereas the above named Plaintiff filed a suit for registration of a sale deed and other reliefs You are hereby noticed to appear in this Court in person or by a pleader duly instructed and able to answer all material questions relating to the case, or who shall be accompanied by some persons able to answer all such questions, on the 03rd day of September 2025, at 10 ½ O' clock in the forenoon, to answer the claim if any; and directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set-off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter claim, you shall enter such documents in a list to be annexed to the written statement.
Take notice that, in default of your appearance on the day before mentioned, the suit will be heard and determined in your absence.
Given under my hand and the seal of the Court, this 11th day of July 2024.

**Sd/- Court of the Civil Judge (Sr. Divn) Angul**

**AFFIDAVIT**

I Arun Kumar Patra, S/o- Dibakar Patra, Village- Palusia, Po-Gopinathpur, Ps-Bhograi, Dist-Balasore declared by affidavit before Executive Magistrate, Bhograi, No. 2531/ 2025 that my daughter name as Hena Patra in her Birth and Matric certificate, that wrongly mentioned as Henarani Patra in Aadhar. Hena Patra and Henarani Patra is one & same person. Hence she shall be known as **Hena Patra** for all future purposes.

**AFFIDAVIT**

I, Manoj Kumar Samal, S/o- Dinabandhu Samal, resident of Plot No- 68, Sector-2, Niladri Vihar, Ps- Chandrasekarpur, Bhubaneswar, Pin-751021, Dist- Khordha, Odisha declare by this affidavit No-1386, date-14/07/2025 that now onwards I shall be known as **MANOJ SAMAL** for all future purposes.

**AFFIDAVIT**

By virtue of affidavit no . 8219 , sworn before Executive Magistrate, SADAR CUTTACK dated 18/07/2025, I, Jatadhari Sukula, S/o- Manu Sukula permanent resident of At/Po-NUAGARH, P.S-ASTARANGA, DIST-PURI, Odisha, Pin-752109 declare that I have changed the name of my daughter from Rajshree Sukula to Rajashree Sukula. Henceforth she shall be known as **Rajashree Sukula** for all purpose.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, no.830, dtd. 18/07/ 2025, I, Sri Gedala Venkat, S/o-Sri G. Babu Rao, resident of R.K. Colony, Nabarangpur state that, my original name's spelling is **Gedala Venkat** but in my son **Gedila Rohit Kumar**'s PM Shri Kendriya Vidyala school record my name has been wrongly recorded as **Gedila Venkat** instead of **Gedala Venkat**. Hence **Gedila Venkat** and **Gedala Venkat** is one and same person.

**AFFIDAVIT**

By virtue of an affidavit sworn before The Notary Public, Titilagarh on dated- 15/07/2025. I, **Mamata Majhi** (new name), W/o- Laxman Majhi, Address: At-Sikuan, PO- Marlad, PS-Titilagarh, Dist- Balangir (Odisha), PIN- 767066 declare that I have changed my name from **Lovely Majhi** (old name) To **Mamata Majhi** (new name). Henceforth, I shall be known as **Mamata Majhi** (new name) for all future purposes.

**(Mamata Majhi)**

**ହସ୍ତଶିଳ୍ପୀ ଇନ୍‌କ୍ୟୁବେସନ୍ କାର୍ଯ୍ୟକ୍ରମ**
KIIT-Technology Business Incubator (KIIT-TBI), Bhubaneswar

ଓଡିଶାର Applique (ଚାନ୍ଦୁଆ), Hand Painting (ହସ୍ତଚିତ୍ର), Ceramics/Terracotta (ସେରାମିକ୍ସ/ଟେରାକୋଟା) ଓ Silver Filigree (ରୁପା ତାରକସି) ଶିଳ୍ପୀ ଙ୍କ ପାଇ KIIT-TBI ଏବଂ ବିକାଶ ଆୟୁକ୍ତ (ହସ୍ତଶିଳ୍ପ), ବସ୍ତ୍ର ମନ୍ତ୍ରଣାଳୟ, ଭାରତ ସରକାର ଙ୍କ ର ମିଳିତ ଆନୁକୁଲ୍ୟ ରେ ଆୟୋଜିତ ହସ୍ତଶିଳ୍ପୀ ଇନ୍‌କ୍ୟୁବେସନ୍ କାର୍ଯ୍ୟକ୍ରମ ରେ ଚୟନ ପାଇ ଆବେଦନ କରନ୍ତୁ।

- ଚୟନ ତାରିଖ: ୨୨ ଜୁଲାଇ ୨୦୨୫
- ସ୍ଥାନ: କିଟ୍-ଟିବିଆଇ (KIIT-TBI), କ୍ୟାମ୍ପସ-୧୧, କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
- ପ୍ରତି କଳାରୁ କେବଳ ୫ ଜଣ ମହିଳା ଶିଳ୍ପୀଙ୍କୁ ଚୟନ କରାଯିବ
- Stipend: ଦିନକୁ ଟଙ୍କା ୫୦୦.୦୦
- ଅବଧି: ୨.୫ ମାସ- ସମ୍ପୂର୍ଣନି: ଶୁଳ୍କ ଏବଂ ଆବାସିକ କାର୍ଯ୍ୟକ୍ରମ
- ଆବେଦନ ଲିଙ୍କ: https://sfurti.kiitincubator.in/

ବିବରଣୀ ଇମେଲ୍ କରନ୍ତୁ: debashis@kiitincubator.in. ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ: 7751003502 / 9311429320

## ଅବଶିଷ୍ଟାଂଶ

### ପାସହାର ୯୦.୫୭%...

ବେଳେ ଛାତ୍ରଙ୍କ ୮୬.୧୭% ଓ ଛାତ୍ରୀଙ୍କ ୯୪.୦୯% ପାସହାର ରହିଛି। ସେହିପରି ବିଜ୍ଞାନରେ ୩୪୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୧୧ଜଣ ପାସ କରିଛନ୍ତି।

ମୋଟ୍ ପାସହାର ୮୯.୩୬% ଥିବା ବେଳେ ଛାତ୍ରଙ୍କ ୮୮.୩୪% ଏବଂ ଛାତ୍ରୀଙ୍କ ପାସହାର ୯୦.୮୪% ରହିଛି। ବାଣିଜ୍ୟରେ ୧୩୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୨୧ ଏବଂ ଧନ୍ଦାମୂଳକ ଶିକ୍ଷାରେ ୩୨ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୯ଜଣ କୃତକାର୍ଯ୍ୟ ହୋଇଛନ୍ତି। ଜଗତସିଂହପୁର ଜିଲାର ଶହେ ପ୍ରତିଶତ ଛାତ୍ରଛାତ୍ରୀ ପାସ୍ କରିଥିବା ବେଳେ ନୂଆପଡ଼ାରେ ସର୍ବନିମ୍ନ ୩୩.୩୩ ପ୍ରତିଶତ ପିଲା ପାସ୍ କରିଥିବା ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡ଼ା କହିଛନ୍ତି।

### ତିନି ତଦନ୍ତକାରୀ...

ତଦନ୍ତ ଆଜି ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ଅନୁସନ୍ଧାନର ନିର୍ଯ୍ୟାସ କ’ଣ ବାହାରିବ, ସେନେଇ ସାଧାରଣରେ ଉତ୍କଣ୍ଠା ବଢ଼ି ଚାଲିଥିବା ବେଳେ ଏହି ଘଟଣା ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସଂଶ୍ଳିଷ୍ଟ ଅନ୍ୟ ଅଭିଯୁକ୍ତଙ୍କ ଉପରୁ କେବେ ପରଦା ଉଠିବ, ସେନେଇ ଆଲେଚନା ଜୋର୍ ଧରିଛି।

ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଥିବା କ୍ରାଇମ୍‌ବ୍ରାଞ୍ଚର ଗୋଟିଏ ଟିମ୍ ଆଜି ସୌମ୍ୟାଶ୍ରୀଙ୍କ ପୈତୃକ ବାସଭବନକୁ ଯାଇ ତାଙ୍କ ପରିବାର ସଦସ୍ୟଙ୍କ ବୟାନ ରେକର୍ଡ କରିଥିବା ବେଳେ ଅନ୍ୟ ଏକ ଟିମ୍ କଲେଜ କ୍ୟାମ୍ପସ୍‌ରେ ପୀଡ଼ିତା ଛାତ୍ରୀଙ୍କ ସହପାଠୀମାନଙ୍କୁ ଡାକି ପଚରାଉଚରା କରିଛି।

ଅନ୍ୟପକ୍ଷରେ ଘଟଣାର ପୁଙ୍ଖାନୁପୁଙ୍ଖ ରିପୋର୍ଟ ସଂଗ୍ରହ କରିବା ପାଇଁ ଦିଲ୍ଲୀରୁ ୟୁଜିସିର ଚାରିଜଣିଆ ଏକ ଫ୍ୟାକ୍ଟଫାଇଣ୍ଡିଂ ଟିମ୍ ଆଜି ବାଲେଶ୍ୱରରେ ପହଞ୍ଚିଛି। କମିଟି ଅଧ୍ୟକ୍ଷ ପ୍ରଫେସର୍ ରାଜକୁମାର ମିତ୍ତଲଙ୍କ ନେତୃତ୍ୱରେ ସଦସ୍ୟା ପ୍ରଫେସର୍ସୁ ଷମା ଯାଦବ, ଡ. ନିରୋଜ ଗୁପ୍ତା, ୟୁଜିସିର ଯୁଗ୍ମସଚିବ ତଥା କମିଟିର ସଂଯୋଜକ ଡ. ଅସୀମା ମଙ୍ଗଲା ପ୍ରମୁଖ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଫିରୋଜକାନ୍ତ ପାଢ଼ୀଙ୍କ ସହ ମାମଲାର ବିଭିନ୍ନ ଦିଗକୁ ନେଇ ଆଲେଚନା କରିଛନ୍ତି। ଏହାସହ ସୌମ୍ୟାଶ୍ରୀଙ୍କୁ ନିର୍ଯାତନା ଘଟଣା ବାବଦରେ ତଥ୍ୟ ସଂଗ୍ରହ କରିବା ସହ ଆତ୍ମାହୁତିର ବିଭିନ୍ନ ଦିଗ ଉପରେ ରିପୋର୍ଟ ସଂଗ୍ରହ କରିଛନ୍ତି। ସେହିପରି ପୀଡ଼ିତା ଛାତ୍ରୀଙ୍କ ସହପାଠୀମାନଙ୍କ ସହ ଆଲୋଚନା କରି ତଥ୍ୟ ସଂଗ୍ରହ କରିବା ସହ ଆଗକୁ ଏଭଳି ସମ୍ବେଦନଶୀଳ ଘଟଣା ଯେମିତି ନଘଟିବ, ସେନେଇ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର୍ ପାଢ଼ୀଙ୍କ ସହ ଆଲୋଚନା କରିଛନ୍ତି। ଆସନ୍ତାକାଲି ଏହି ଟିମ୍‌ର ସଦସ୍ୟମାନେ ଦୁଇ ଭାଗରେ ବିଭକ୍ତ ହୋଇ ପୃଥକ୍ ପୃଥକ୍ ସ୍ଥାନରୁ ତଥ୍ୟ ସଂଗ୍ରହ କରିବେ। ଗୋଟିଏ ଟିମ୍ ସୌମ୍ୟାଶ୍ରୀଙ୍କ ପରିବାର ସଦସ୍ୟଙ୍କ ବୟାନ ରେକର୍ଡ କରିବାକୁ ଯିବ। ଅନ୍ୟ ଟିମ୍ କଲେଜ କ୍ୟାମ୍ପସ୍‌ର ଅନ୍ୟ ଦିଗ ଉପରେ ତଦନ୍ତ କରିବେ।

ସେହିପରି ଉଚ୍ଚଶିକ୍ଷା ବିଭାଗର ଆଉ ଏକ ଉଚ୍ଚସ୍ତରୀୟ କମିଟି ଆଜି ଅପରାହ୍ଣରେ ଆସି କଲେଜରେ ପହଞ୍ଚି ଘଟଣାର ଅନ୍ୟ ଦିଗ ଉପରେ ତଦନ୍ତକୁ ଆଗକୁ ବଢ଼ାଇଛନ୍ତି। କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି)ର ସଦସ୍ୟମାନଙ୍କୁ ଗୋଟି ଗୋଟି କରି ପଚରାଉଚରା କରିଛନ୍ତି। ତେବେ କମିଟିର ସଦସ୍ୟ ଥିବା ତିନିଜଣ ଛାତ୍ରୀ ଆଜି ତଦନ୍ତରେ ସାମିଲ ହୋଇନାହାନ୍ତି। ଏହା ତଦନ୍ତକାରୀ କମିଟି ଓ କଲେଜ କର୍ତ୍ତୃପକ୍ଷଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ଡ. କାଳୀପ୍ରସନ୍ନ ମହାପାତ୍ରଙ୍କ ନେତୃତ୍ୱରେ ଗଠିତ ଏହି ଟିମ୍‌ରେ ବିଭାଗୀୟ ଯୁଗ୍ମ ସଚିବ ଡ. ମୌସୁମୀ ନାୟକ ଏବଂ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର୍ ଝୁମକି ରଥ ସାମିଲ ଅଛନ୍ତି। ସେମାନେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି)ର ସଦସ୍ୟ ସଦସ୍ୟାମାନଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା ଆଲୋଚନା କରିଥିବା ଜଣାପଡ଼ିଛି। ଆସନ୍ତାକାଲି ଟିମ୍ ଘଟଣାର ଅନ୍ୟ ଦିଗ ଉପରେ ତଦନ୍ତ କରିବ ବୋଲି ଜଣାପଡ଼ିଛି। ଅପରପକ୍ଷେ, ପୀଡ଼ିତାଙ୍କୁ ଆତ୍ମଦାହ ଭଳି ଜଘନ୍ୟ ନିଷ୍ପତ୍ତି ପାଇଁ ପ୍ରବର୍ତ୍ତାଇଥିବା ବ୍ୟକ୍ତିବିଶେଷ ଏବଂ ଏଭଳି ସମ୍ବେଦନଶୀଳ ଘଟଣାକୁ ଚାପି ଦେବାକୁ ରହିଥିବା ଅଦୃଶ୍ୟ ଚାପ ଆଦି ଉପରୁ ତିନିଟି ଯାକ ତଦନ୍ତକାରୀ ଟିମ୍ କେମିତି ପରଦାଉଠାଉଛନ୍ତି, ତାହା ସମସ୍ତଙ୍କ ଅପେକ୍ଷାରେ ରହିଛି। ଏଜେନ୍ସିଗୁଡ଼ିକର ତଦନ୍ତ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ସ୍ଥିରୀକୃତ ହେବ ବୋଲି ସୂଚନା ମିଳିଛି।

### ହେଲ୍ପଲାଇନ ନମ୍ବର...

ହେଲ୍ପଲାଇନ ନମ୍ବର ପ୍ରଦର୍ଶନ କରାଯିବ। ଏଥିପାଇଁ ବିଭାଗ ପକ୍ଷରୁ ସମସ୍ତ କୁଳସଚିବ ଓ ଅଧ୍ୟକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡ଼ନ (ନିବାରଣ, ନିଷେଧ ଓ ପ୍ରତିକାର ) ଅଧିନିୟମ, ୨୦୧୩ ଏବଂ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି। ଏହାସହ ଛାତ୍ରୀଙ୍କ ସୁରକ୍ଷା ପାଇଁ ବିଭିନ୍ନ ସଚେତନତା କର୍ମଶାଳା ହେବ। କର୍ମଶାଳାରେ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ, ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଦସ୍ୟ ଉପସ୍ଥିତ ରହିବେ। କର୍ମଶାଳାର ବିସ୍ତୃତ ବିବରଣୀ ୩ଦିନ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗକୁ ପ୍ରଦାନ କରିବାକୁ କୁହାଯାଇଛି।

### ୬୪ କୋଟିର...

ସୂଚନାଯୋଗ୍ୟ ଯେ କମିସନି କାରବାର ଅଭିଯୋଗ ଆସିବା ପରେ ୧୯୮୭ରେ ଜେପିସି ତଦନ୍ତ ଆରମ୍ଭ ହେଲା। ୧୯୮୯ରେ ହୋଇଥିବା ଲୋକସଭା ନିର୍ବାଚନରେ ବୋଫର୍ସ ବିବାଦ ଘେରରେ ଥିବା ରାଜୀବ ଗାନ୍ଧୀ ସରକାରର ପତନ ଘଟିଥିଲା ଏବଂ ଭିପି ସିଂହ ପ୍ରଧାନମନ୍ତ୍ରୀ ହୋଇଥିଲେ। ୧୯୯୦ରେ ସିବିଆଇ ଏହି ମାମଲାରେ ଏଫ୍‌ଆଇଆର ଦାଖଲ କରିଥିଲା। ୧୯୯୯ରେ ପ୍ରଥମ ଚାର୍ଜସିଟ୍ ଦାଖଲ ହୋଇଥିଲା। ଏଥିରେ ୱିନ୍ ଚଡ଼ା, ମଧ୍ୟସ୍ଥି ସାଜିଥିବା କ୍ୱାଟ୍ରୋଚି, ପ୍ରତିରକ୍ଷା ସଚିବ ଭଟନାଗର ଏବଂ ବୋଫର୍ସ କଂପାନୀର ନାମ ଥିଲା। ୨୦୦୪ରେ ଦିଲ୍ଲୀର ଏକ କୋର୍ଟ ପ୍ରମାଣ ଅଭାବରୁ ରାଜୀବ ଗାନ୍ଧୀଙ୍କ ନାମ ବାଦ୍ ଦେଇଥିଲା। ୨୦୦୬ରେ ଭାରତ ସରକାରଙ୍କ ଅନୁରୋଧ କ୍ରମେ କ୍ୱାଟ୍ରୋଚିଙ୍କୁ ଆର୍ଜେଣ୍ଟିନାରେ ଅଟକ ରଖାଯାଇଥିଲା। କିନ୍ତୁ ଭାରତ ଓ ଆର୍ଜେଣ୍ଟିନା ମଧ୍ୟରେ ପ୍ରତ୍ୟର୍ପଣ ଚୁକ୍ତି ନଥିବାରୁ କ୍ୱାଟ୍ରୋଚିଙ୍କୁ ମୁକ୍ତ କରାଯାଇଥିଲା। ଶେଷରେ ୨୦୧୧ରେ ଦିଲ୍ଲୀର ସିବିଆଇ କୋର୍ଟ ଏହି ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ। କୋର୍ଟ କହିଥିଲେ ଯେ କ୍ୱାଟ୍ରୋଚିଙ୍କ ପ୍ରତ୍ୟର୍ପଣ ପାଇଁ ସରକାରୀ ତହବିଲରୁ ୨୫୦ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଲାଣି। ଆଉ ଅଧିକ ଖର୍ଚ୍ଚ କରାଯିବା ସମ୍ଭବ ନୁହେଁ। ୧୯୯୩ରୁ ଭାରତ ଛାଡ଼ି ପଳାଇଥିବା କ୍ୱାଟ୍ରୋଚିଙ୍କୁ ଆଉ ଅଣାଯାଇପାରିନଥିଲା।

### ଜିଲ୍ଲା ପରିଷଦ ଦଶମ ସାଧାରଣ ଅଧିବେଶନ

# କୁହୁଳୁଥିବା ଅସନ୍ତୋଷ ଓ କ୍ଷୋଭରୁ ହାଇଡ୍ରାମା

ନୟାଗଡ଼, ୧୮।୭ (ସମିସ)

ନୟାଗଡ଼ ଜିଲ୍ଲା ପରିଷଦ ଦଶମ ସାଧାରଣ ଅଧିବେଶନ ଆଜି ଅତ୍ୟନ୍ତ ରୋମାଞ୍ଚକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଜିଲ୍ଲା ପରିଷଦ ସଦସ୍ୟମାନେ ବୈଠକକୁ ନଆସି ଅନ୍ୟତ୍ର ବୈଠକ କରୁଥିବା ଦେଖାଯାଇଥିଲା। ଜିଲ୍ଲା ପରିଷଦ ଅଧକ୍ଷଙ୍କ ବୁଝାଶୁଝା ପରେ ସଦସ୍ୟମାନେ ଆସିଥିଲେ ବି ମନରେ ରହିଥିବା କ୍ଷୋଭ ପ୍ରକାଶ କରିବା ସହ ବୈଠକରୁ ଚାଲି ଯାଇଥିଲେ।

- ଆର୍‌ଡି କାର୍ଯ୍ୟାଳୟରେ ସଦସ୍ୟଙ୍କ ବୈଠକ
- କ୍ଷୋଭ ପ୍ରକାଶ କଲେ ଦଶପଲ୍ଲା ବିଧାୟକ

ଜିଲ୍ଲା ପରିଷଦ ଅଧକ୍ଷ ଇଂ. ଦେବାଶିଷ ପଟ୍ଟନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ରଣପୁର ବିଧାୟକ ତଥା ବାଚସ୍ପତି ସୁରମା ପାଢ଼ି, ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଏବଂ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ମଧ ଉପସ୍ଥିତ ରହିଥିଲେ। ୧୦ଟା ୩୦ରୁ ବୈଠକ ଆରମ୍ଭ ହେବାକୁ ଥିବା ବେଳେ ଦିନ ୧୨ଟା ପର୍ଯ୍ୟନ୍ତ ହାତ ଗଣତି ଜିଲ୍ଲା ପରିଷଦ ଯୋଗ ଦେଇଥିଲେ। ଜିଲ୍ଲା ପରିଷଦ ସଦସ୍ୟ କ୍ଷୀରୋଦ ମହାପାତ୍ର, ଝିଲ୍ଲି ପ୍ରଧାନ, ବିରଜା ଲକ୍ଷ୍ମୀ ସାହୁ, ଆଶିଷ ଅଗ୍ରୱାଲଙ୍କ ସମେତ ୫ ଜଣ ସଦସ୍ୟ ଉପସ୍ଥିତ ହୋଇଥିଲେ। ସେମାନଙ୍କ ମଧ୍ୟରୁ




ଅନେକ ଦୀର୍ଘ ସମୟ ଅପେକ୍ଷା କରି ଚାଲି ଯାଇଥିବା ବେଳେ ଅନ୍ୟ ସମସ୍ୟମାନେ ଯୋଗ ନଦେବା ବଡ଼ ସମସ୍ୟା ସୃଷ୍ଟି କରିଥିଲା। ସଦସ୍ୟମାନେ ବୈଠକକୁ ନଆସି ଗ୍ରାମ୍ୟ ଉନ୍ନୟନ ବିଭାଗ ଡିଭିଜନ କାର୍ଯ୍ୟାଳୟ ସଭାଗୃହରେ ବୈଠକ କରୁଥିବା ସୂଚନା ମିଳିଥିଲା। ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀଯୁକ୍ତ ପଟ୍ଟନାୟକ ସେଠାକୁ ଯାଇ ସଦସ୍ୟଙ୍କୁ ବୁଝାଶୁଝା କରିବା ପରେ ସେମାନେ ୧୨ଟା ୪୦ ବେଳକୁ ବୈଠକକୁ ଆସିଥିଲେ। ବିଗତ ଦିନରେ ୯ଟି ସାଧାରଣ ସଭାରେ ହୋଇଥିବା ନିଷ୍ପତ୍ତି ଠିକ ଭାବେ କାର୍ଯ୍ୟକାରୀ ହୋଇନଥିବା, ଜିଲ୍ଲା ପରିଷଦ ସଦସ୍ୟଙ୍କୁ ଅଣଦେଖା କରାଯାଉଥିବା, ସରକାରୀ ସ୍ତରରେ ହେଉଥିବା ଶିଳାନ୍ୟାସ ଓ ଶୁଭ ଉଦଘାଟନ କାର୍ଯ୍ୟକ୍ରମ ଫଳକରେ ସଦସ୍ୟଙ୍କ ନାଁ ରଖା ଯାଉନଥିବା ସଦସ୍ୟମାନେ ଅଭିଯୋଗ କରିଥିଲେ। ଏହାକୁ ନେଇ ଜିଲ୍ଲା ପରିଷଦ ଅଧକ୍ଷଙ୍କ ଆହ୍ୱାନ କ୍ରମେ ବରିଷ୍ଠ ସଦସ୍ୟ ରାମେଶ୍ୱର ଶତପଥି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ନେଇ ଜିଲ୍ଲାପାଳ ଆସନ୍ତା ବୁଧବାର ଏକ ସମନ୍ୱୟ ବୈଠକ କରାଯାଇ ଏ ସମସ୍ତ ବିଷୟ ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ। ଏହି କ୍ରମରେ ବୈଠକରେ ଉପସ୍ଥିତ ରଣପୁର ବ୍ଲକ ଅଧକ୍ଷା ନିର୍ମଳା ବେହେରା ଅଧକ୍ଷ ଅଧକ୍ଷାଙ୍କୁ ବିଡିଓମାନେ ଜାଣିଶୁଣି ଅଣଦେଖା କରୁଥିବା ଅଭିଯୋଗ ଉଠାଇଥିଲେ। ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ ବିଡିଓ ଦାଦାଗିରି କରୁଥିବା ଅଭିଯୋଗ କରିଥିଲେ। ସମାନ ଭାବେ ଖଣ୍ଡପଡ଼ା ଓ ଗଣିଆ ବ୍ଲକ ଅଧକ୍ଷା ମଧ ଉକ୍ତ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ଏହି ଆଲୋଚନା ସମୟରେ ରଣପୁର ବିଧାୟିକା ଶ୍ରୀମତି ପାଢ଼ୀ ରଣପୁର ବ୍ଲକରେ ଅଧକ୍ଷାଙ୍କ ମନମାନୀ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ମାସ ମାସ ଧରି ଅଧକ୍ଷା ଫାଇଲ ପକାଇ ରଖୁଥିବା ଏବଂ ଦସ୍ତଖତ କରୁନଥିବା ନେଇ ବିଧାୟିକା ଅଭିଯୋଗ ବାଢ଼ିଥିଲେ। ଗୋପାଳପୁର ଜିଲ୍ଲା ପରିଷଦ ସଦସ୍ୟ ମଧ ସମାନ ଅଭିଯୋଗ କରିଥିଲେ। ଏହି ସମୟରେ ଦଶପଲ୍ଲା ବିଧାୟକ ପୂର୍ଭ ଦ୍ୱାରା କରାଯାଇଥିବା ଗଣିଆ ମଧଖଣ୍ଡ ରାସ୍ତା ଶିଳାନ୍ୟାସ କାର୍ଯ୍ୟକ୍ରମରେ କାହିଁକି ବିଧାୟକଙ୍କୁ ଡକା ଯାଇନଥିଲା ବୋଲି ପ୍ରଶ୍ନ କରିଥିଲେ।। ସମବାୟ ବିଭାଗ ମଧ ଖମାରିସାହି ସମବାୟ ସମିତି ଗୃହ ନିର୍ମାଣ ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକଙ୍କୁ ଜଣାଇନଥିବା ବିଧାୟକ କହିଥିଲେ। ଏଭଳି କାର୍ଯ୍ୟ କରାଗଲେ ଆଗାମୀ ଦିନରେ ଅନୁଷ୍ଠିତ ଜିଲ୍ଲା ପରିଷଦ ବୈଠକକୁ ସେ ଆସିବେ ନାହିଁ କହି ଉଠି ଚାଲି ଯାଇଥିଲେ। ସେହି ସମୟରେ ବୈଠକକୁ ଆସିଥିବା ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ ମଧ ବୈଠକରୁ ଉଠି ଯାଇଥିଲେ। ଫଳରେ ଆଜିର ବୈଠକକୁ ଜିଲ୍ଲା ପରିଷଦ ଅଧକ୍ଷ ସ୍ଥଗିତ କରିଥିବା ବେଳେ ଖୁବଶୀଘ୍ର ଦଶମ ସାଧାରଣ ଅଧିବେଶନ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

### ● ବିଜେପି ନେତାଙ୍କ ଏକ ଚାଟିଆ ନୀତି
## ଉପାଧକ୍ଷଙ୍କ ବିରୋଧ, ବିଧାୟକଙ୍କ କରମର୍ଦ୍ଦନ

ନୟାଗଡ଼ ଜିଲ୍ଲାରେ ନିର୍ବାଚିତ ବିଜେପି ନେତାଙ୍କ ଏକଚାଟିଆ ନୀତି ପାଇଁ ଆଜି ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅନୁମାନ କରାଯାଉଛି। ବିଭିନ୍ନ ସ୍ଥାନରେ ନିର୍ବାଚିତ ପଞ୍ଚାୟତ ପ୍ରତିନିଧି, ଜିଲ୍ଲା ପରିଷଦ ସଦସ୍ୟ ଏବଂ ବ୍ଲକ ଉପାଧକ୍ଷ ଓ ଅଧକ୍ଷଙ୍କୁ ଗୌଣ କରି ରାଜୁତି କରିବାକୁ ଚାହୁଁଥିବା କିଛି ନେତାଙ୍କ ପାଇଁ ଜିଲ୍ଲାରେ ବିଷମ ପରିସ୍ଥିତି ସୃଷ୍ଟି ହୋଇଛି। ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ ଜିଲ୍ଲା ପରିଷଦ ବୈଠକରେ ବିଡିଓଙ୍କୁ ଟାର୍ଗେଟ କରି ଅଭିଯୋଗ କରିଥିବା ଦେଖାଯାଇଥିଲା। ବୈଠକ ଶେଷ ହେବା ପରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ମଞ୍ଚରୁ ଉଠି ଆସି ଭାପୁର ବିଡିଓଙ୍କ ସହ କରମର୍ଦ୍ଦନ କରି ତାଙ୍କୁ ସମର୍ଥନ ଦେଇଥିବା ଦେଖାଗଲା। ଯାହାକୁ ନେଇ ବିଧାୟକଙ୍କ ମନୋଭାବ ଏବଂ ଭାପୁର ବ୍ଲକରେ ଚାଲିଥିବା ମନମାନୀ ପଛରେ ବିଧାୟକଙ୍କ ପ୍ରଚ୍ଛନ୍ନ ହାତ ରହିଥିବା ସ୍ପଷ୍ଟ ଭାବେ ଜଣାପଡ଼ିଥିଲା। ସମାନ ଭାବେ କନ୍ଧମାଳ ସାଂସଦଙ୍କ ଦ୍ୱାରା କରାଯାଇଥିବା ଶିଳାନ୍ୟାସ କାର୍ଯ୍ୟକ୍ରମକୁ ନେଇ ଦଶପଲ୍ଲା ଅଞ୍ଚଳରେ ଅସନ୍ତୋଷର ପ୍ରତିଫଳନ ଆଜି ଦେଖିବାକୁ ମିଳିଥିଲା। ରଣପୁର ବିଧାୟିକ ଏବଂ ବ୍ଲକ ଅଧକ୍ଷାଙ୍କ ମଧରେ ରହିଥିବା ଦୀର୍ଘଦିନ ଧରି ଲାଗି ରହିଥିବା ସୁପ୍ତ ବିବାଦ ଆଜି ସାମ୍ନାକୁ ଆସିଥିଲା। ବିଜେପି ନେତାଙ୍କ ଏଭଳି ନୀତିଗତି ଜିଲ୍ଲା ବିକାଶରେ ନିଶ୍ଚିତ ବାଧା ସୃଷ୍ଟି କରିବ ବୋଲି ରାଜନୈତିକ ମତଲରୁ ମତ ପ୍ରକାଶ ପାଇଛି।

## କିରିଆଲାଞ୍ଜି ପାର୍କରେ ଉଷ୍ମ ପ୍ରସବଣ



ନୟାଗଡ଼, ୧୮।୭ (ସମିସ): ନୟାଗଡ଼ ଜିଲ୍ଲା ସଦରଥାନା ତଥା ନୂଆଗାଁ ବ୍ଲକ ଦୁରୁଦୁରା ପଞ୍ଚାୟତ ଅନ୍ତର୍ଗଥ କିରିଆଲାଞ୍ଜି ଗାଁରେ ଏକ ଉଷ୍ମ ପ୍ରସବଣ ଦେଖାଯାଇଛି। ସ୍ୱପ୍ନେଶ୍ୱର ମନ୍ଦିର ପଛପାଖରେ ନିର୍ମାଣ କରାଯାଇଥିବା ଏକ ପାର୍କରେ ଏହି ଉଷ୍ମ ପ୍ରସବଣ ଦେଖାଯାଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ଏଠାରେ ଏକ ବିଦ୍ୟୁତ୍ ଖୁଣ୍ଟ କିଛି ଦିନ ତଳେ ପୋତା ଯାଇଥିଲା। ଏହା ନିକଟରେ ଥିବା ଏକ ଖାଲରୁ ଦୁଇ ଦିନ ତଳେ ବାଷ୍ପ ବାହାରୁଥିବା ଲୋକମାନେ ଦେଖିବାକୁ ପାଇଥିଲା। ସେ ସ୍ଥାନକୁ ଯାଇ ଅନୁଧାନ କରିବା ପରେ ମାଟି ଏବଂ ସେ ସ୍ଥାନରେ ଥିବା ପାଣି ତାତିଥିବା ଅନୁଭବ କରିଥିଲେ। ଏହାକୁ ନେଇ ଗାମବାସୀ ଆଶ୍ଚର୍ଯ୍ୟ ହୋଇ ମାଟି ଖୋଳିବା ପରେ ତତଲା ପାଣି ବାହାରୁଥିବା ଦେଖାଯାଇଥିଲା। ଯାହାକୁ ନେଇ ଗ୍ରାମବାସୀ ଏହା ଏକ ଉଷ୍ମ ପ୍ରସବଣ ବୋଲି ସନ୍ଦେହ ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନ ଏହି ସ୍ଥାନର ପରୀକ୍ଷା କରିବା ସହ ସତ ସାମ୍ନାକୁ ଆଣିବା ଆବଶ୍ୟକ ବୋଲି ଗ୍ରାମବାସୀ କହିଛନ୍ତି।

## ବିଜେଡିର ମହମବତି ଶୋଭାଯାତ୍ରା




ଓଡ଼ଗାଁ, ୧୮।୭ (ସମିସ): ଫକିରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣା ସମଗ୍ର ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ବେଳେ ଶୁକ୍ରବାର ସନ୍ଧ୍ୟାରେ ଓଡ଼ଗାଁ ବ୍ଲକ ଓ ଏନ୍‌ଏସି ବିଜେଡି ତରଫରୁ ଶତାଧିକ କର୍ମୀ ସମର୍ଥକ ମାନଙ୍କ ଦ୍ୱାରା ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପରିଷଦ ସଭ୍ୟା ବିରଜା ଲକ୍ଷ୍ମୀ ସାହୁ ଏବଂ ଦିଲ୍ଲୀପ ପ୍ରଧାନଙ୍କ ନେତୃତ୍ୱରେ ଓଡ଼ଗାଁ ରଘୁନାଥଜିଉଙ୍କ ବେଢ଼ାରେ ସମ୍ମିଳିତ ହୋଇ ସେଠାରୁ ବ୍ଲକ ରୋଡ଼ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଯାଏ ଯାଇଥିଲେ। ନାରୀ ସୁରକ୍ଷା ପାଇଁ ସରକାରଙ୍କର ଅବ୍ୟବସ୍ଥା ନେଇ ନିରବ ପ୍ରତିବାଦର ଜଣାଇଥିଲେ। ବ୍ଲକ ସଭାପତି ନିତ୍ୟାନନ୍ଦ ପ୍ରଧାନ, ବ୍ଲକ ଅଧକ୍ଷ ଲୋକନାଥ ସାହୁ, ଏନ୍‌ଏସି ସଭାପତି ମନୋଜ ପାତ୍ର, କୁରାଳ ସରପଞ୍ଚ ବିଜନ ପାଇକରାୟ ଏବଂ ଅନ୍ୟ ଜନପ୍ରତିନିଧି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସଫଳ କରିଥିଲେ।

## ପୂର୍ବ ଶତ୍ରୁତାରୁ ଫାର୍ସା ମାଡ଼; ଜଣେ ଅଟକ

ଭାପୁର, ୧୮।୭ (ସମିସ): ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଜଗନ୍ନାଥ ପ୍ରସାଦ ଫାଣ୍ଡି ପୁରୁଷୋତ୍ତମପ୍ରସାଦ ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ଜଣେ ବ୍ୟକ୍ତି ଙ୍କୁ ଫାର୍ସା ରେ ଆକ୍ରମଣ କରାଯାଇଛି। ଆକ୍ରମଣ କରିଥିବା ବ୍ୟକ୍ତି ଫାଣ୍ଡିରେ ଅଟକ ରହିଥିବା ଜଣାପଡ଼ିଛି। ପୁରୁଷୋତ୍ତମପ୍ରସାଦ ଗ୍ରାମର ଲୋଚନ ମହାରଣା ଓ ଗଦାଧର ଦାସଙ୍କ ପରିବାର ସହ ଜମିବାଡ଼ିକୁ ନେଇ ଗଣ୍ଡଗୋଳ ରହିଥିଲା। ଆଜି ଅପରାହ୍ନରେ ଗଦାଧର ଦାସ ଗାଁକୁ ଯାଉଥିବା ସମୟରେ ପୂର୍ବରୁ ନେଳିଆ ପୋଖରୀ ନିକଟ ଆମ୍ବଗଛ ନିକଟରେ ଲୁଚି ରହିଥିବା ଲୋଚନ ମହାରଣା ଗଦାଧର ଦାସଙ୍କୁ ଫାର୍ସାରେ ଆକ୍ରମଣ କରିଥିଲା। ଘଟଣା ସ୍ଥଳରେ ଜଗନ୍ନାଥପ୍ରସାଦ ଫାଣ୍ଡି ଅଧିକାରୀ ପହଞ୍ଚି ଲୋଚନ ମହାରଣାଙ୍କୁ କାବୁକରି ଫାଣ୍ଡିରେ ଅଟକ ରଖିଛନ୍ତି। ଗଦାଧର ଦାସ ବର୍ତ୍ତମାନ ଗୁରୁତର ଆହତ ହୋଇ ଭାପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

## ଆଦର୍ଶ ବିଦ୍ୟାଳୟର ନୂତନ ଅଧକ୍ଷା

ଖଣ୍ଡପଡ଼ା, ୧୮।୭ (ସମିସ): ଖଣ୍ଡପଡ଼ା ସହରାଞ୍ଚଳସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନୂତନ ଅଧକ୍ଷା ଭାବେ ଶୁଭଲକ୍ଷ୍ମୀ ସାହୁ କାଯ୍ୟରେ ଯୋଗ ଦେଇ ଭାରପ୍ରାପ୍ତ ଅଧକ୍ଷ ବିଦ୍ୟାଧର ମହାରଣାଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ଅଧକ୍ଷାଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିବା ଜଣାଯାଇଛି। ନୂତନ ଅଧକ୍ଷା ଶ୍ରୀମତି ସାହୁ ଏଥିପୂର୍ବରୁ ଭୁବନେଶ୍ୱର ଆଇଗିଣିଆ ସ୍ଥିତ ଆଇକନିକ ଆଦର୍ଶ ବିଦ୍ୟାଳୟରେ କାର୍ଯ୍ୟରତ ଥିଲେ। ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାଦାନ ସହ ବିଦ୍ୟାଳୟର ପାରିପାର୍ଶ୍ୱିକ ଉନ୍ନତିକରଣ ନିମନ୍ତେ ଅଧକ୍ଷା ଦୃଷ୍ଟି ଦେବେ ବୋଲି ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି।

### ଜିଲ୍ଲାସ୍ତରୀୟ କାଉନସିଲର ତାଲିମ ଶିବିର

## ବିକଶିତ ଓଡ଼ିଶା ପାଇଁ ସମସ୍ତଙ୍କ ସହଭାଗିତା ଜରୁରୀ

ନୟାଗଡ଼, ୧୮।୭ (ସମିସ): ୨୦୩୬ ମସିହା ସୁଦ୍ଧା ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ପାଇଁ ସରକାର ନେଇଥିବା ପଦକ୍ଷେପକୁ ସହରାଞ୍ଚଳ ନିର୍ବାଚିତ ପ୍ରତିନିଧିମାନଙ୍କ ଖୁବ ଅବଦାନ ରହିଛି ବୋଲି ଆଜି ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ ମତ ବ୍ୟକ୍ତ କରିଛନ୍ତି। ବିକଶିତ ଭାରତ ଗଠନରେ ଓଡ଼ିଶାର ଭୂମିକା କ'ଣ ରହିବ ଏବଂ ଆମ ଜିଲ୍ଲାର ଦାୟିତ୍ୱ ବୋଧ କଣ ରହିଛି ସେ ନେଇ ସମସ୍ତ ଅଧକ୍ଷା, ଉପାଧକ୍ଷ ଏବଂ କାଉନସିଲରମାନଙ୍କୁ ଆଜି ତାଲିମ ପ୍ରଦାନ କରାଯାଇଛି। ନୟାଗଡ଼ ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ତରଫରୁ ଆୟୋଜିତ ତାମିଲ ଶିବିରରେ ନୟାଗଡ଼ ପୌରାଧକ୍ଷ ନିରୂପମା ଖଟେଇ, ଖଣ୍ଡପଡ଼ା ଅଧକ୍ଷା ଆରତୀ ପ୍ରଧାନ, ରଣପୁର ଅଧକ୍ଷା ରଙ୍ଗୀନ ମହାନ୍ତି, ଦଶପଲ୍ଲା ଅଧକ୍ଷା ପୁନମ ପ୍ରିୟଦର୍ଶିନୀଙ୍କ ସମେତ ଉପାଧକ୍ଷ ଓ କାଉନସିଲରମାନେ ସାମିଲ ହୋଇଥିଲେ। ନୟାଗଡ଼ ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦଶପଲ୍ଲା ନିର୍ବାହୀ ଅଧିକାରୀ



ଅବିନାଶ ମହାନ୍ତି, ରଣପୁର ନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ବର ମହାପାତ୍ର, ଖଣ୍ଡପଡ଼ା ନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର, ସହକାରୀ ଯନ୍ତ୍ରୀ ବିଷ୍ଣୁପ୍ରସାଦ ତାମିଲ ଦେଇଥିଲେ। ଦୁଡାରଚିରଞ୍ଜିବୀଦାଶ, ନିଗମମହାପାତ୍ର, ଶୁଭାଶିଷ ସେଠୀ ପ୍ରମୂଖ ସହଯୋଗ କରିଥିଲେ। ଏହି ଅବସରରେ କାଉନସିଲରମାନଙ୍କ ପକ୍ଷରୁ ବୈଠକ ଭତ୍ତା ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବୈଠକ ଭତ୍ତା ବାବଦ ୬ ଶହ ଟଙ୍କା ପ୍ରଦାନ କରାଯାଉଥିବା ବେଳେ ଏହାକୁ ୨ ହଜାର ଟଙ୍କାକୁ ବୃଦ୍ଧି କରିବା ଏବଂ ମାସିକ ଖର୍ଚ୍ଚ ବାବଦ ୭ ହଜାର ଟଙ୍କା ପ୍ରଦାନ ପାଇଁ ବ୍ୟବସ୍ଥା କରିବାକୁ କାଉନସିଲରମାନେ ଦାବି କରିଛନ୍ତି।

## ବସନ୍ତ କୁମାର ବିଦ୍ୟାପୀଠର ପ୍ରତିଷ୍ଠା ଦିବସ

କଣ୍ଟିଲୋ, ୧୮।୭ (ସମିସ): ଖଣ୍ଡପଡ଼ା ବ୍ଲକ ବଡ଼ବାଣପୁର ଗ୍ରାମ ସ୍ଥିତ ବସନ୍ତ କୁମାର ବିଦ୍ୟାପୀଠର ୩୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ




ସମାରୋହରେ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟା ଉଜ୍ଜଳ ମହାରଣା, ସାମାଜିକ କର୍ମୀ ଅଖିଳ ମହାରଣା, ପ୍ରଦୀପ କର, ଜନ୍ମେଶ୍ୱର ପ୍ରଧାନ ପ୍ରମୁଖ ଯୋଗ ଦେଇ ଛାତ୍ର, ଛାତ୍ରୀଙ୍କୁ, ଭଲ ମଣିଷ ହେବା ସହ ଆବଶ୍ୟକ ପରାମର୍ଶ ଦେଇଥିଲେ। ଏହିଅବସରରେ ଅବସର ଗ୍ରହଣ କରିଥିବା କିରାଣୀ ମହେନ୍ଦ୍ର କୁମାର ପ୍ରଧାନ ଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା ଓ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଜିଲ୍ଲା କଂଗ୍ରେସ ପକ୍ଷରୁ ମହମବତି ଶୋଭାଯାତ୍ରା

ନୟାଗଡ଼, ୧୮।୭ (ସମିସ): ନୟାଗଡ଼ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଛାତ୍ରୀ ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାରେ ଏକ କ୍ୟାଣ୍ଡଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ନୟାଗଡ଼ ଡାକ ବଙ୍ଗଳାଠାରୁ ବାହାରି ନୟାଗଡ଼ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇ ସେଠାରେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ କ୍ୟାଣ୍ଡଲ ଜାଳି ନୀରବ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲା କଂଗ୍ରେସ କମିଟି ପୂର୍ବତନ ସଭାପତି ରଣଜିତ ଦାସ, ବରିଷ୍ଠ କଂଗ୍ରେସ ନେତା ମନୋଜ ସାହୁ, କମଳ ସାହୁ, ପୂର୍ଣ୍ଣଚନ୍ଦ୍ର ନାୟକ, ପ୍ରତୀକ ମହାପାତ୍ର, ପୀତବାସ ଖୁଣ୍ଟିଆ, ମିର୍ ଅବୁବକର ସିଦ୍ଦିକ୍, ପ୍ରକାଶ ଚନ୍ଦ୍ର ନାୟକ, ଛାତ୍ର କଂଗ୍ରେସ ସଭାପତି ଶିବରଞ୍ଜନ ସାହୁ, ନବକିଶୋର ସାଥୁଆ, ପୁଲେସ ଚନ୍ଦ୍ର ମହାନ୍ତି, ସୁରେନ୍ଦ୍ର ନାୟକ, ପୁର୍ଣ୍ଣଚନ୍ଦ୍ର ପରିଡ଼ା, ଜୀବନ ଜ୍ୟୋତି ରାଉତ, ଅମ୍ଳାନ ଅଂଶୁମାନ ସାହୁ, ରାକେଶ କୁମାର ସିଂ, ଶାଶ୍ୱତ ରଞ୍ଜନ ପ୍ରଧାନ, ରୁଦ୍ରନାରାୟଣ ପ୍ରଧାନ ତାନିଶ ମହାନ୍ତି, ଓମ୍ ପ୍ରକାଶ ପ୍ରଧାନ ପ୍ରମୁଖ ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ ଶତାଧିକ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମ ରେ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



## କୁରାଳରେ ଚକ୍ଷୁଚିକିତ୍ସା ଶିବିର

ଓଡ଼ଗାଁ, ୧୮।୭ (ସମିସ): ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ମେଡିକାଲ ଛକ ସ୍ଥିତ କଲ୍ୟାଣ ମଣ୍ଡପଠାରେ ବ୍ଲିଜ୍ ଫାଉଣ୍ଡେସନ ଏବଂ କର ଆଇ ହସ୍ପିଟାଲ ଭୁବନେଶ୍ୱର ଓ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ପରିଷଦ କୁରାଳର ମିଳିତ ସହଯୋଗରେ ଏକ ମାଗଣା ଚକ୍ଷୁଚିକିତ୍ସା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୩୮ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କର ମୋତିଆବିନ୍ଦୁ ଅସ୍ତ୍ରୋପଚାର ନିମନ୍ତେ ଆଜି ଅପରାହ୍ନରେ ଭୁବନେଶ୍ୱର କର ଆଇ ହସ୍ପିଟାଲକୁ ନିଆଯାଇଛି। ରାତିରେ ଅସ୍ତ୍ରୋପଚାରକରାଯାଇଶନିବାରସକାଳେ ସେମାନଙ୍କୁ ଘରେ ପହଞ୍ଚାଇ ଦିଆଯିବ। ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସମ୍ପାଦକ ମନୋଜ କୁମାର ନାୟକ ଏବଂ ଉପ ସଭାପତି ରଜତ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ସ୍ଥାନୀୟ ସରପଞ୍ଚ ବିଜନ ପାଇକରାୟଙ୍କ ସମେତ ସଙ୍ଘର



ବରିଷ୍ଠ ସଦସ୍ୟ ପବିତ୍ର ମୋହନ ମିଶ୍ର, ଶିବ ପ୍ରସାଦ ଖଟେଇ, ନିରଞ୍ଜନ ମହାପାତ୍ର, ସୁରେଶ ଚନ୍ଦ୍ର ଶତପଥୀ, ଅର୍ଜୁନ ସମନ୍ତରା, ବୈରାଗୀ ସାହୁ, ଚନ୍ଦ୍ରମଣି ନାୟକ, ନାରାୟଣ ଚୌଧୁରୀ, ଭାଗୀରଥି ମହାରଣା, ରବିଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତରହି ସମସ୍ତଙ୍କୁ ଉତ୍ସାହିତ କରିବା ସହିତ କାଯ୍ୟର୍ ପରିଚାଳନାରେ ସହଯୋଗ କରିଥିଲେ। କର ଆଇ ହସ୍ପିଟାଲର ଡାକ୍ତର ପ୍ରବୀଣ କୁମାର ଦାସ ଓ ସୁବ୍ରତ କୁମାର ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହିତ ଆଖିର ଯତ୍ନ ବିଷୟରେ ଉପସ୍ଥିତ ଶିବିରାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ସୁନାମୁହିଁ, ଗିରିଡିପଲ୍ଲି, କୁରାଳ ଓ କୋମଣ୍ଡ ପଞ୍ଚାୟତରୁ ଯୋଗଦେଇଥିବା ୩୮ଜଣ ଶିବିରାର୍ଥୀଙ୍କ ଚକ୍ଷୁପରୀକ୍ଷା କରି ଔଷଧ ବିତରଣ ସହିତ ଆବଶ୍ୟକ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ କୁରାଳ ଗ୍ରାମବାସୀ ସହଯୋଗ କରିଥିଲେ।

## ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଭରସାରେ ଚାଲିଛି ଜଳସମ୍ପଦ ବିଭାଗ

ଗଣିଆ, ୧୮।୭ (ସମିସ)

ସରକାରଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ହେଉଛି ଜଳସମ୍ପଦ ବିଭାଗ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜଳସମ୍ପଦ ବିଭାଗର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ଲଗାଣ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ଉପୁଜିଥିବା ବେଳେ ମହାନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। କେତେ ବେଳେ ଯେ ଘାଇ ସୃଷ୍ଟି ହୋଇ ଅଘଟଣ ନ ଘଟିବ କହିହେବ ନାହିଁ। ଏହି ସମୟରେ ବିଭାଗୀୟ ଅଧିକାରୀଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ମଧ ଦିଆଯାଇଛି। ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ଦେଇ ମହାନଦୀ ପ୍ରବାହିତ ହେଉଛି। ତେଣୁ ମହାନଦୀରେ ବନ୍ୟା ଆସିଲେ ଗଣିଆ ବ୍ଲକର ୫ଟି ପଞ୍ଚାୟତର ହଜାର ହଜାର ଜନସାଧାରଣ ବନ୍ୟା ଘେରରେ ରହିଥାନ୍ତି। ଏପରି ସ୍ଥଳେ ଗଣିଆରେ ଥିବା ଜଳସମ୍ପଦର ଭୂମିକା ବିଶେଷ ଗୁରୁତ୍ୱ ବହନ କରୁଥିବା ବେଳେ ଏହି କାର୍ଯ୍ୟାଳୟକୁ ଏବେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭରସା। ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ବୋଲି ଏଠାରେ ବଡ଼ ବଡ଼ ଅକ୍ଷରରେ ଲେଖା ଯାଇଥିଲେ ମଧ ସେ ଦଶପଲ୍ଲାରେ ରୁହନ୍ତି। ଏବେ ୬ ମାସ ହେବ ଜଣେ କନିଷ୍ଠ ଯନ୍ତ୍ରୀ ଏଠାରେ କାର୍ଯ୍ୟରତ ଅଛନ୍ତି କିନ୍ତୁ ସେ ଖୋଜିଲା ବେଳେ ମିଳନ୍ତି ନାହିଁ। ଶୁକ୍ରବାର କିଛି ଜନସାଧାରଣ କନିଷ୍ଠ ଯନ୍ତ୍ରୀଙ୍କୁ ଭେଟିବାକୁ ବିଭାଗୀୟ ଅଧିକାରୀଙ୍କ ପାଖକୁ ଯାଇଥିବା ବେଳେ



ଅଧିକାରୀ ନଥିଲେ କିନ୍ତୁ କାର୍ଯ୍ୟାଳୟ ତାଲା ପଡ଼ିଥିଲା। ଏ ସମ୍ପର୍କରେ ସେମାନେ ଗଣମାଧ୍ୟମରେ ଖବର ଦେଇଥିଲେ। ସେଠାରେ ଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ କନିଷ୍ଠ ଯନ୍ତ୍ରୀଙ୍କ ମୋବାଇଲ ନମ୍ବର ମାଗିବାରୁ ବିଭାଗୀୟ ଅଧିକାରୀ ନମ୍ବର ଦେବାକୁ ମନା କରିଛନ୍ତି ବୋଲି ସେ ପ୍ରକାଶ କରିଥିଲେ। ଜଣେ ବିଭାଗୀୟ ଅଧିକାରୀ ନିଜେ ଉପସ୍ଥିତ ରହୁନାହାନ୍ତି କି ଯୋଗାଯୋଗ କରିବାକୁ ସାଧାରଣ ଲୋକ ହୁଅନ୍ତୁ ଅଥବା ଗଣମାଧ୍ୟମକୁ ନମ୍ବର ଦେଉନଥିବାରୁ ତାଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କହିବାକୁ ଗଲେ ବର୍ଷର ବର୍ଷା ଦିନ ସମୟରେ ଏହି ବିଭାଗର ଦାୟିତ୍ୱ ଅଧିକ ଥିବା ବେଳେ ଅନ୍ୟ ସମୟରେ ସେଭଳି କିଛି କାର୍ଯ୍ୟ ନଥାଏ କିନ୍ତୁ ତଥାପି ବି ଏମାନେ କାର୍ଯ୍ୟାଳୟରେ ରହୁନାହାନ୍ତି। ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଭରସାରେ ଏହି ବିଭାଗ ଏଭଳି ବର୍ଷ ବର୍ଷ ଧରି ଚାଲୁ ରହିଛି। ବିଭାଗ ପରିସରରେ ଅନାବନା ଗଛଲତା ଉଠି ଜଙ୍ଗଲରେ ପରିଣତ ହୋଇଗଲାଣି। ରକ୍ଷଣାବେକ୍ଷଣ ଅଭାବରୁ କାର୍ଯ୍ୟାଳୟ ପଛପାଖେ ଥିବା କ୍ୱାର୍ଟର୍ସ ଗୁଡିକ ଭାଙ୍ଗି ରୁଜି ଗଲାଣି। ତେବେ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ସୌମ୍ୟାଶ୍ରୀଙ୍କ ଉଦ୍ଦେଶ୍ୟରେ ଏକତା ପରିଷଦ ଟ୍ରଷ୍ଟର ଦୀପ ଦାନ




ବାଣପୁର,୧୮ ।୭ (ସମିସ) : ଦିବଂଗତ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ବାଣପୁରର ଆରାଧ୍ୟ ଠାକୁର ଶ୍ରୀରଙ୍କନାଥ ଦେବଙ୍କ ପୀଠରେ ବାଣପୁରର ଏକତା ପରିଷଦ ଟ୍ରଷ୍ଟ ପକ୍ଷରୁ ଟ୍ରଷ୍ଟ ମୁଖ୍ୟ ସନ୍ଧ୍ୟା ଦେବୀଙ୍କ ତତ୍ତ୍ୱାବଧାନରେ ଦୀପଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବାଣପୁରର ବହୁ ବରିଷ୍ଠ ନାଗରିକ, ଶିକ୍ଷାବିତ, ଅଭିଭାବକ, ଛାତ୍ରଛାତ୍ରୀ, ଗୃହିଣୀ, ଗଣମାଧ୍ୟମ ପ୍ରତିନିଧି, ସାମାଜିକ କର୍ମୀ ଓ ସାଧାରଣ ନାଗରିକ ସ୍ୱତଃସ୍ଫୂର୍ତ୍ତ ଭାବେ ସାମିଲ ହୋଇ ଦୀପ ଦାନ କରିଥିଲେ। ଏହି ଅବସରରେ ସ୍ୱର୍ଗତା ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦ୍‌ଗତି ନିମେନ୍ତ ଦୁଇ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ଘଟଣାର ଉପଯୁକ୍ତ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ପ୍ରଭୁ ଶ୍ରୀରଙ୍କନାଥ ଦେବଙ୍କ ନିକଟରେ ପ୍ରାର୍ଥନା କରି ଦୀପଦାନ କରିଥିଲେ।

# ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍ ଜବତ

ଖୋର୍ଦ୍ଧା,୧୮ ।୭ (ସମିସ)



## ୧୩ ଜୀବନ୍ତ ଓ ୨ ମୃତ ଗୋରୁ ଉଦ୍ଧାର

ଶିଳ୍ପାଞ୍ଚଳ ଥାନା ପୁଲିସ ୧୬ନଂ ଜାତୀୟ ରାଜପଥର କୁମାରବସ୍ତ ଛକ ନିକଟରୁ ଏକ ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍‌କୁ ଜବତ କରିଛି। ଗାଡ଼ି ଭିତରୁ ୧୫ଗୋରୁ ପୁଲିସ ଉଦ୍ଧାର କରିଛି । ତନ୍ମଧ୍ୟରେ ଦୁଇଟି ଗୋରୁର ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

ସୂଚନା ଅନୁସାରେ, ବୋଲଗଡ଼ ଜାମୁସାହିରୁ ଭୁବନେଶ୍ୱର ଯଦୁପୁର ଅଭିମୁଖେ ଏକ ପିକଅପ ଭ୍ୟାନ ଯାଉଥିବା ନେଇ ବଜରଙ୍ଗ ଦଳ ସଦସ୍ୟ ଖବର ପାଇଥିଲେ। ଗାଡ଼ିକୁ ଧରିବା ଲାଗି ସଦ୍ୟମାନେ ବିଭିନ୍ନ ସ୍ଥାନରେ ଜଗିରହିଥିଲେ। ଗାଡ଼ିଟି କୁମାରବସ୍ତ ଛକ ଅତିକ୍ରମ କରିବାବେଳେ ଗାଡ଼ିକୁ ଅଟକାଇଥିଲେ। ସେଥିରେ ଅମାନୁଷିକ ଭାବେ ବନ୍ଧା ହୋଇଥିବା ଗୋରୁଙ୍କୁ ଦେଖି ଗାଡ଼ିକୁ ପୁଲିସକୁ ହସ୍ତାନ୍ତର କରିଥିଲେ। ଘଟଣାସ୍ଥଳରୁ ଡ୍ରାଇଭର ସମେତ ଦୁଇଜଣ ଫେରାର ହୋଇଯାଇଥିଲେ। ପୁଲିସ ଗାଡ଼ିରୁ ୧୫ଗୋରୁ ଉଦ୍ଧାର କରିଥିବାବେଳ ୨ଟି ଗୋରୁଙ୍କ ମୃତ୍ୟୁ ହୋଇଛି। ମୃତ ଦୁଇ ଗୋରୁଙ୍କୁ ବ୍ୟବଚ୍ଛେଦ ପରେ ସ୍ଥାନୀୟ ଜଙ୍ଗଲରେ ପୋତି ଦିଆଯାଇଛି। ଜୀବନ୍ତ ୧୩ଗୋରୁଙ୍କୁ ସିଜୁଆ ଗୋଶାଳାରେ ଛଡ଼ାଯାଇଥିବା ଜଣାପଡ଼ିଛି।

# ଶ୍ରୀମଦ୍ ଭାଗବତ ସପ୍ତାହ ଉଦ୍‌ଯାପିତ



ଖୋର୍ଦ୍ଧା,୧୮ ।୭ (ସମିସ): ଶ୍ରୀଚୈତନ୍ୟ ରିସର୍ଚ୍ଚ ଆସୋସିଏସନ୍ ତରଫରୁ ଶ୍ରୀଚୈତନ୍ୟ ବିହାରଠାରେ ୭ ଦିନବ୍ୟାପୀ ଚାଲିଥିବା ଶ୍ରୀମଦ୍ ଭାଗବତ କଥା ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟହ ଭୁବନେଶ୍ୱରର ତ୍ରିଦଣ୍ଡି ସ୍ୱାମୀ ଶ୍ରୀପାଦ୍ ଭକ୍ତି ଗୌରବ ସଚ୍ଚିଦାନନ୍ଦ ମହାରାଜ ଶ୍ରୀମଦ୍ ଭାଗବତର ବ୍ୟାଖ୍ୟା କରିବା ସହ ଭକ୍ତମାନଙ୍କୁ ସୁନ୍ଦର ଭଜନ କୀର୍ତ୍ତନ ମାଧ୍ୟମରେ ଓଡ଼ିଶାର କଳା ଓ ସଂସ୍କୃତି ସାହିତ୍ୟ ଓଡ଼ିଆ ଅସ୍ମିତା ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବହୁ ସଂଖ୍ୟାରେ ସାଧୁସନ୍ଥ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଶ୍ରୀଅନନ୍ତ ହରି ବାବା ଓ ଜୟ ନାରାୟଣ ପଟ୍ଟନାୟକ ସଂଯୋଜନା କରିଥିଲେ। ଜିତେନ୍ଦ୍ରିୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାରା ରୋପଣ



ବାଣପୁର,୧୮ ।୭ (ସମିସ) : ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳନ ଅବସରରେ ଚାରା ରୋପଣ କରାଯାଇଛି । ଅଧ୍ୟାପକ ପ୍ରଶାନ୍ତ କୁମାର ଦାଶ, ଅଧ୍ୟାପିକା ପ୍ରମୋଦିନୀ ସାମନ୍ତରାୟ, କଲ୍ୟାଣୀ ବୈରୀଗଞ୍ଜନ, ସୁଚିତ୍ରା ଦାଶ, ରୋଜାଲିନ୍ ଦାଶ, ସାଗରିକା ଦାସ, ରବୀନ୍ଦ୍ର ମାର୍ଥା, କସ୍ତୁରୀ ପଟ୍ଟନାୟକ, ଅକ୍ରୁର ପ୍ରଧାନ, ବିଭୁଧେନ୍ଦୁ ମାନସିଂହ, ଶିବଶଙ୍କର ପଣ୍ଡା ଓ ଗାୟତ୍ରୀ ପରିବାର ସଦସ୍ୟ ମନୋଜ ପାତ୍ର ପ୍ରମୁଖଙ୍କ ସମେତ ସମସ୍ତ ଛାତ୍ରୀ ଏବଂ ଅଞ୍ଚଳର କିଛି ଗଣମାଧ୍ୟମ ପ୍ରତିନିଧି ସାମିଲ ହୋଇ ବିଦ୍ୟାଳୟ ଖେଳପଡ଼ିଆର ଚତୁଃପାଶ୍ୱର୍ରେ ୫୦ରୁ ଊର୍ଦ୍ଧ୍ୱ ଓଲଟ ଦେବଦାରୁ ବୃକ୍ଷ ରୋପଣ କରିଥିଲେ । ଉକ୍ତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଶୋକ ସ୍ୱାଇଁ, ସିଦ୍ଧେଶ୍ୱର ନରେନ୍ଦ୍ରସିଂ, ପ୍ରଭାତ ବିଶ୍ୱାଳ, ମୃତ୍ୟୁଞ୍ଜୟ ମିସ୍ତ୍ରୀ, ରଜନୀକାନ୍ତ ମହାପାତ୍ର, ପ୍ରମିଳା ଜେନା, ସୁବାସ ବେହେରା ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ସାମୂହିକ ପାଠାଗାର, ପ୍ରଶିକ୍ଷଣ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ

ଟାଙ୍ଗୀ,୧୮ ।୭ (ସମିସ): ଟାଙ୍ଗୀ ପ୍ରଭୁ ଶ୍ରୀଶ୍ରୀ ବଳରାମଦେବଙ୍କ ମନ୍ଦିର ପରିସରରେ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଦ୍ୱାରା ସାମୂହିକ ପାଠାଗାର ଓ ପ୍ରଶିକ୍ଷଣ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଯାଇଛି। ୫୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି କାର୍ଯ୍ୟ କରାଯାଉଥିବା ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଟାଙ୍ଗୀ ବିଡିଓ ରୁମାନା ଜାଫ୍ରି, ଜିଲ୍ଲା ପରିଷଦ ସଭ୍ୟା ଅନସୂୟା ବେହେରା, ଟାଙ୍ଗୀ ସରପଞ୍ଚ କିଶୋର ବେହେରା, ସମିତିସଭ୍ୟା ଅନ୍ନପୂର୍ଣ୍ଣା ବେହେରା, ବଡ଼ପାରୀ ସରପଞ୍ଚ ପ୍ରଫୁଲ୍ଲ ଦାସ, ସାଂସଦ ପ୍ରତିନିଧି ଚିନ୍ମୟ ପୃଷ୍ଟି, ସୁରେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ଆୟୁର୍ବେଦିକ ଡାକ୍ତର ଯୋଗେନ୍ଦ୍ର ପଣ୍ଡାଙ୍କ ଶ୍ରାଦ୍ଧବାର୍ଷିକୀ

ଖୋର୍ଦ୍ଧା,୧୮ ।୭ (ସମିସ): ଖୋର୍ଦ୍ଧା ମୁକୁନ୍ଦପ୍ରସାଦର ଅବସରପ୍ରାପ୍ତ ଆୟୁର୍ବେଦିକ ଡାକ୍ତର ତଥା ପତଞ୍ଜଳି ଯୋଗ ସମିତିର ପୂର୍ବତନ ଜିଲ୍ଲା ସଭାପତି ଡାକ୍ତର ଯୋଗେନ୍ଦ୍ର ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଗୀତା ଭବନ ପରିସରରେ ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସେ ଜଣେ ଦକ୍ଷ ଚିକିତ୍ସକ, ଜନସେବକ ଭାବେ ପରିଚିତ ଥିଲେ। ସର୍ବଶ୍ରୀ ନିରଞ୍ଜନ ଷଡ଼ଙ୍ଗୀ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ଡ. ବୃନ୍ଦାବନ ପଣ୍ଡା, ଜ୍ଞାନରଞ୍ଜନ ଦାଶ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ରାମଶଙ୍କର, ରବୀନ୍ଦ୍ର ସାହୁ, ଶିବ ସୁନ୍ଦର ପଟ୍ଟନାୟକ, ପତ୍ନୀ ବିଜୟିନୀ ଷଡ଼ଙ୍ଗୀ, ଶାନ୍ତିଲତା ବଳିଆରସିଂହ, ସୁକାନ୍ତି ମିଶ୍ର, ଅଶୋକ ଚନ୍ଦ୍ର ମହାପାତ୍ର, ଡ. ପ୍ରମୋଦ ଚନ୍ଦ୍ର ଦାଶ, ଜିଲ୍ଲା ବିଜେପି ସଭାପତି ରଶ୍ମୀ ମହାପାତ୍ର, ଶରତ ଚନ୍ଦ୍ର ଷଡ଼ଙ୍ଗୀ, ଡ. ଯୋଗେଶ ଚନ୍ଦ୍ର ରଥ ତାଙ୍କ ସ୍ମୃତିଚାରଣ କରିବା ସହ ବହୁମୁଖୀ ଗୁଣାବଳି ବର୍ଣ୍ଣନା କରିଥିଲେ। ପୁତ୍ର ଅମିତ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ବିଦ୍ୟୁତ୍ ଆଘାତରେ ଶ୍ରମିକଙ୍କ ମୃତ୍ୟୁ

ବେଗୁନିଆ,୧୮ ।୭ (ସମିସ): ଖୋର୍ଦ୍ଧା - ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବାଘମାରୀ- ସାରୁଅ ମଧ୍ୟରେ ବାଇପାସ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଛି। ଏଥିରେ ବୋଲଗଡ଼ ଥାନା ଅନ୍ତର୍ଗତ ବେଲପଡ଼ା ଗ୍ରାମର ରାହୁଲ କୁମାର ସ୍ୱାଇଁ (୪୫) କାର୍ଯ୍ୟ କରୁଥିଲେ। ତେବେ ବିଦ୍ୟୁତ୍ ପ୍ରବାହିତ କଟର ଦ୍ୱାରା କାର୍ଯ୍ୟ କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ବାଘମାରୀ ଥାନାରେ ଲିଖିତ ଅଭିଯୋଗ ପରେ ଘଟଣାର ତଦନ୍ତ ଆରମ୍ଭ ହୋଇଛି ବୋଲି ଥାନା ଅଧିକାରୀ ଶମ୍ଭୁନାଥ ନାୟକ ସୂଚନା ଦେଇଛନ୍ତି।

# ଓଡ଼ିଶାରେ ପ୍ରଣୟନ ହେଉ ନିର୍ଭୟା ଆଇନ: ଏବିଭିପି

ଭୁବନେଶ୍ୱର, ୧୮ ।୭ (ସମିସ): ରାଜ୍ୟର ଶିକ୍ଷାନୁଷ୍ଠାନ ଏବଂ କର୍ମକ୍ଷେତ୍ରରେ ମହିଳାଙ୍କ ସୁରକ୍ଷା ପାଇଁ ଦିଲ୍ଲୀ ନିର୍ଭୟା ଆଇନ ପରି ଆଇନ ଓଡ଼ିଶାରେ ପ୍ରଣୟନ କରାଯାଉ। ଫଳରେ ଛାତ୍ରୀ ଏବଂ ମହିଳାଙ୍କୁ ନିର୍ଯ୍ୟାତନା ଦେଉଥିବା ଅପରାଧୀମାନେ ଫାଷ୍ଟ-ଟ୍ରାକ କୋର୍ଟ ମାଧ୍ୟମରେ କଠୋର ଦଣ୍ଡ ପାଇବେ। ବାଲେଶ୍ୱରର ଏଫ୍‌ଏମ କଲେଜ ଛାତ୍ରୀଙ୍କ ମୃତ୍ୟୁ ଘଟଣା ପରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏଭିବିପି) ପକ୍ଷରୁ ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସମ୍ପାଦକ ଦିପ୍ତିମୟୀ ପ୍ରତିହାରୀ ଏପରି ଦାବି କରିଛନ୍ତି।

ସେ ଆହୁରି କହିଛନ୍ତି ଯେ ଘଟଣାର ନିରପେକ୍ଷ ତଦନ୍ତ ହେଉ। ତଦନ୍ତରେ ଅବହେଳା କରିଥିବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି)ର ସମସ୍ତ ସଦସ୍ୟଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ। ୟୁଜିସି ନିୟମ ଅନୁଯାୟୀ ରାଜ୍ୟସ୍ତରୀୟ ଆଇସିସି ଗଠନ କରିବା ସହ ତହିଁରେ ଅବସରପ୍ରାପ୍ତ ମହିଳା ବିଚାରପତି, ମହିଳା ଓକିଲ, ମହିଳା ପୋଲିସ ଅଧିକାରୀ, ଛାତ୍ରଛାତ୍ରୀ ଏବଂ ପ୍ରମୁଖ ସାମାଜିକ ବ୍ୟକ୍ତିଙ୍କୁ ସାମିଲ କରିବାକୁ ସେ ଦାବି କରିଛନ୍ତି। ସେହିପରି ଛାତ୍ର କଂଗ୍ରେସ ସହ ଜଡ଼ିତ କିଛି ଛାତ୍ର ମୃତ ଛାତ୍ରୀଙ୍କ ଅଭିଯୋଗ ଉପରେ ପ୍ରଶ୍ନ ଉଠାଇବା ସହ ସୋସିଆଲ ମିଡିଆରେ ବଦନାମ କରିଥିବାରୁ, ସେମାନଙ୍କୁ ଦଣ୍ଡିତ କରିବାକୁ ଦାବି କରିଛନ୍ତି। ରାଜ୍ୟ ସରକାର ସୋସିଆଲ ମିଡିଆରେ କରାଯାଉଥିବା ଅଭିଯୋଗ ବିଶେଷକରି ଝିଅଙ୍କ ଅଭିଯୋଗକୁ ପ୍ରାଥମିକତା ଦେବାକୁ ସେ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଏବିଭିପି ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱଜିତ ପାତ୍ର ଏବଂ ରାଜ୍ୟ ସହ ସମ୍ପାଦକ ରାଜ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବେଦ ପାଠଶାଳାରେ ବୃକ୍ଷରୋପଣ



ନିରାକାରପୁର,୧୮ ।୭ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ନିକଟସ୍ଥ ଶ୍ରୀଦେବୈ ଶୁକ୍ଳ ଯଜୁର୍ବେଦ କାଣ୍ୱ ବେଦପାଠଶାଳାରେ ବୃକ୍ଷରୋପଣ ଓ ବନ ମହୋତ୍ସବ ମହାସମାରୋହରେ ପାଳନ କରାଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ବେଦ ବିଭାଗ ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ମୁଖ୍ୟ ଅତିଥି ରୂପେ ଉପସ୍ଥିତ ରହି ବୃକ୍ଷରୋପଣ ଓ ବନ ମହୋତ୍ସବର ସମାଜ ଏବଂ ବିଶ୍ୱ ପ୍ରତି ଉପକାରିତା ବୈଦିକ ବ୍ୟାଖ୍ୟାନ ମାଧ୍ୟମରେ ବିଦ୍ୟାର୍ଥୀମାନଙ୍କୁ ଉପଦେଶ ଦେଇଥିଲେ। ବେଦ ବିଦ୍ୟାଳୟର ଅଧ୍ୟକ୍ଷ ଡ. କୃପାସିନ୍ଧୁ ପଣ୍ଡା, ପଣ୍ଡିତ ତପନ କୁମାର ମହାପାତ୍ର, ପଣ୍ଡିତ ନଳିନୀକାନ୍ତ ନନ୍ଦ, ପଣ୍ଡିତ ସୀତାକାନ୍ତ ଦାଶ, ପଣ୍ଡିତ ବସନ୍ତ କୁମାର ପଣ୍ଡା ଓ ବେଦ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା।

# ରୋଟାରୀ କ୍ଲବ 'ପ୍ରତିଭା ସମ୍ମାନ' ପ୍ରଦାନ

ଭୁବନେଶ୍ୱର, ୧୮ ।୭ (ସମିସ): ରୋଟାରୀ କ୍ଲବ ଖାରବେଳ-କଳିଙ୍ଗ ନଗର ପକ୍ଷରୁ ସୋଆ ବିଶ୍ୱବିଦ୍ୟାଳୟର ସଭା କକ୍ଷରେ ନବମ ଅଧିଷ୍ଠାନ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଡ. ମୃତ୍ୟୁଞ୍ଜୟ ରଥ ଓ ଡ. ମାଧବାନନ୍ଦ ବେହୁରାଙ୍କୁ 'ପ୍ରତିଭା ସମ୍ମାନ-୨୦୨୫'ରେ ସମ୍ମାନୀତ କରାଯାଇଛି। ଏଥିରେ ରୋଟାରୀ ଜିଲ୍ଲା ପ୍ରାନ୍ତପାଳ ମନୋଜ କୁମାର ତ୍ରିପାଠୀ, ପିଡିଜି ଶିବବ୍ରତ ଦାଶ, ସୋଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଦୀପ୍ତ କୁମାର ନନ୍ଦ, ଏଜି ଡ. ଶିଶିରକାନ୍ତ ଷଡ଼ଙ୍ଗୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଡ. କେ.ସି. ସ୍ୱାଇଁଙ୍କ ଅଧ୍ୟକ୍ଷତା କରିଥିବା ବେଳେ ପୂର୍ବତନ ସଭାପତି ଆର.ସି. ମହାନ୍ତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଦାୟିତ୍ୱ ହସ୍ତାନ୍ତର ସ୍ୱରୂପ ଚଳିତ ୨୦୨୫-୨୬ ବର୍ଷ ନିମନ୍ତେ ରୋଟାରିଆନ ଆଡଭୋକେଟ ଦିଲ୍ଲୀପ୍ କୁମାର ଜେନା ଓ ଶ୍ରୀପୁର ପ୍ରଧାନ ଯଥାକ୍ରମେ ସଭାପତି ଓ ସଂପାଦକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରୋଟାରିଆନ ସର୍ବଶ୍ରୀ ଲେଫ୍ଟନାଣ୍ଟ କର୍ଣ୍ଣେଲ ଏସ. ଜଗନ୍ନାଥ ରାଓ, ରଞ୍ଜନ ପାତ୍ର, ସୁରେନ୍ଦ୍ରନାଥ ତ୍ରିପାଠୀ, କେ. କ୍ରୀଷ୍ଣା ରାଓ, ରାମକୃଷ୍ଣ ମହାରଣା, ଶିକ୍ଷାବିତ୍ ଦେବଦତ୍ତ ମହାନ୍ତି ଓ କ୍ଲବର ପ୍ରଥମ ମହିଳା ସସ୍ମିତା ଜେନା ସଭା ପରିଚାଳନାରେ ସହଯୋଗ କରିଥିଲେ।

# ଶ୍ରାବଣରେ 'ସାଧବ ବୋହୂ' ଉଭାନ୍

## ବଂଶବିସ୍ତାର ଓ ସଂରକ୍ଷଣ ପାଇଁ ପରିବେଶବିତ୍‌ଙ୍କ ଦାବି

ଖୋର୍ଦ୍ଧା,୧୮ ।୭ (ସମିସ)

ଆଷାଢ଼ ଯାଇ ଶ୍ରାବଣ ଚାଲିଛି। ବର୍ଷାକୁ ନେଇ ପ୍ରକୃତିରାଣୀ ସବୁଜ ଚାଦରରେ ଢାଙ୍କି ହେଲାଣି। ମାତ୍ର ଲାଲ ଟୁକୁ ଟୁକୁ 'ସାଧବ ବୋହୂ'ର ଦେଖାମିଳୁନି। ଯାହାକୁ ନେଇ ଚାଷୀଙ୍କ ଠାରୁ ଆରମ୍ଭ କରି ପରିବେଶପ୍ରେମୀଙ୍କ ମନରେ ଉଦ୍‌ବେଗ ପ୍ରକାଶ ପାଇଛି। ଗତ କିଛିବର୍ଷ ମଧ୍ୟରେ କାଁ ଭାଁ ଦେଖାଯାଉଥିବା ଏହି ପୋକ ଏବେ ସମ୍ପୂର୍ଣ୍ଣ ହଜିଯିବାକୁ ବସିଥିବାବେଳେ ଏମାନଙ୍କ ବଂଶ ବିସ୍ତାର ସହ ସଂରକ୍ଷଣ ଦିଗରେ ପ୍ରୟାସ ପାଇଁ ପଦକ୍ଷେପ ନେବାକୁ ପରିବେଶବିତ୍ ଦାବି କରିଛନ୍ତି। ପରିବେଶ ସୁରକ୍ଷାରେ ଏହି ପୋକର ଗୁରୁଦାୟିତ୍ୱ ଥିବାବେଳେ ଏହାର ଉପଯୁକ୍ତ ସଂରକ୍ଷଣ ଓ ବଂଶ ବିସ୍ତାର ସହ ସୁରକ୍ଷା ପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ସେମାନେ କହିଛନ୍ତି।

ସାଧବବୋହୂ ସାଧାରଣତଃ ବାଡ଼ି ବଗିଚା, ବିଲହିଡ଼, ଘାସପଡ଼ିଆ ଓ ଘାସ ହୋଇଥିବା ସ୍ଥାନ ମାନଙ୍କରେ ଦେଖାଯାଇଥାନ୍ତି। ଏହା ସନ୍ଧିପଦ ଜାତୀୟ ପୋକ। ଏହି ସାଧବ ବୋହୂ ନାଲି ରଙ୍ଗର ହୋଇଥାଏ। ଏହି ଜୀବଟି ଘାସ ଓ ମାଟି ଉପରେ ଧୀର ଗତିରେ ଚାଲିଥାଏ। ଦେଖିବାକୁ ଭାରି ସୁନ୍ଦର ଓ



ମନୋରମ। ପାଣି ଓ ମାଟିର ମିଳନରେ ସୃଷ୍ଟି ହୋଇଥାଏ ଏହି ସୁନ୍ଦର ଜୀବ ସାଧବ ବୋହୂ। ବର୍ଷାଦିନର ପ୍ରଥମ ବର୍ଷାରେ ବେଶ୍ ଶୋଭାପାଏ ଲାଲରଙ୍ଗର ସାଧବ ବୋହୂ। ଭିନ୍ନ ଭିନ୍ନ ସ୍ଥାନରେ ଏହାର ନାମ ଭିନ୍ନ ହୋଇଥାଏ। କେଉଁଠି ବୀରବାହୁଟି, ରାନୀକିଡ଼ା, ସ୍କାଲେଟ ଫ୍ଲାଏ, ଆଉ କେଉଁଠି ରେନ ବଗ୍ ବୋଲି କୁହାଯାଏ।

ସାଧବ ବୋହୂକୁ ନେଇ କେତେ କାବ୍ୟ କବିତାର ସମ୍ଭାର ଦେଖିବାକୁ ମିଳିଥାଏ। ପ୍ରକୃତିର ଏହି ଉପହାରକୁ ନେଇ କବି ଓ ପ୍ରକୃତି ପ୍ରେମୀ ଭାବୁକ ହୋଇଯାଇଥାନ୍ତି। ଏହି ସୁନ୍ଦର ନାଲିପୋକର ସୌନ୍ଦର୍ଯ୍ୟ ଓ ଆକର୍ଷଣୀୟ ଚାଲି ପିଲା ଠାରୁ ବୁଢ଼ା ସବୁବର୍ଗର ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ସମଗ୍ର ଇକୋସିଷ୍ଟମରେ ଏହି ପୋକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଏହି ସାଧବ ବୋହୂକୁ ଦେଖି ଚାଷୀ ଭାଇ ମନ ଭାରି ଖୁସି କହିଲେ ନସରେ। କାରଣ ସାଧବ ବୋହୂକୁ ଦେଖିଲେ ଭଲ ଫସଲ ହେବ ବୋଲି ଚାଷୀମାନେ ଅନୁମାନ କରିଥାନ୍ତି। ଏହି ପୋକ ଫସଲ ନଷ୍ଟ କରୁଥିବା କୀଟମାନଙ୍କ ଅଣ୍ଡା ଓ ଡେଣାହୀନ ଶାବକଙ୍କୁ ଆହାର କରିଥାନ୍ତି। ଯାହା ଚାଷୀଙ୍କ ପାଇଁ ବରଦାନ ସଦୃଶ ହୋଇଥାଏ। ଏହି ପୋକ ମାଟିର ଉର୍ବରତା ବଢ଼ାଇବାରେ ସାହାଯକ ହୁଏ ବୋଲି କୃଷି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏମାନେ ବର୍ଷର ସବୁ ସମୟରେ ମାଟିରେ ଅନ୍ଧାର ଓ ଥଣ୍ଡା ସ୍ଥାନରେ ରହୁଥିବାବେଳେ ପ୍ରଥମ ବର୍ଷା ସମୟରେ ଏମାନେ ଦଳ ଦଳ ହୋଇ ଦେଖାଯାନ୍ତି। କିନ୍ତୁ ବର୍ତ୍ତମାନ ସମୟରେ ଏହି ସାଧବ ବୋହୂ ପ୍ରାୟତଃ ଦେଖାଯାଉ ନାହାନ୍ତି। ସାଧବ ବୋହୂ ପରି ବହୁ କୀଟପତଙ୍ଗ ଏବେ ଧୀର ଧୀରେ ଲୋପ ପାଇଲାଣି। ତାଙ୍କର ଅସ୍ତିତ୍ୱ ଏବେ ନଷ୍ଟ ହେବାକୁ ବସିଲାଣି। ଯାହା କମ୍ ପରିମାଣରେ ଦେଖିବାକୁ ମିଳୁଛି। ପ୍ରଦୂଷିତ ବାତାବରଣ, ଅନିୟନ୍ତ୍ରିତ ରାସାୟନିକ ସାର ଓ କୀଟନାଶକ, ବିଭିନ୍ନ ସ୍ଥାନରେ କଂକ୍ରିଟ, ଜଙ୍ଗଲ କାଟି ନଷ୍ଟ କରିବା ଯୋଗୁଁ ଏ ସମସ୍ତ ପାଇଁ ସାଧବ ବୋହୂଙ୍କର ବଂଶ ଲୋପ ପାଇବାକୁ ଯାଉଛି।

ତେଣୁ ପ୍ରକୃତିର ଏହି ସୁନ୍ଦର ଛୋଟ କୀଟ ର ମନୁଷ୍ୟକୃତଭାବେ ବିଲୁପ୍ତି ହେବାର ଆଶଙ୍କା ଦେଖାଦେଲାଣି। ଏହି କୀଟ ର ସଂରକ୍ଷଣ ଓ ବଂଶ ବିସ୍ତାର ପାଇଁ ସରକାରୀ ସ୍ତରରେ ପଦକ୍ଷେପ ଗ୍ରହଣ କରିବାକୁ ପରିବେଶ ପ୍ରେମୀମାନେ ଦାବି କରିଛନ୍ତି।

● ଅଭିଯୋଗ ପ୍ରକୋଷ୍ଠରେ ସାମ୍ବାଦିକଙ୍କୁ ଠେଲାପେଲା ଘଟଣା ଚପାଇବାକୁ ମସୁଧା

# ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କଲେ ସାମ୍ବାଦିକ

ଖୋର୍ଦ୍ଧା,୧୮ ।୭ (ସମିସ): ପୌରାଞ୍ଚଳ ଅନ୍ତର୍ଗତ ୧୨ନଂ ୱାର୍ଡର ଶ୍ରୀରାମନଗରସ୍ଥିତ ଖୋର୍ଦ୍ଧା ବିଧାୟକଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଆଜି ସାଂସଦ ଓ ବିଧାୟକ ଅଭିଯୋଗ ଶୁଣିବା ବେଳେ ଜଣେ ସାମ୍ବାଦିକଙ୍କୁ ଠେଲାପେଲା କରାଯାଇ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଘଟଣାକୁ ଚପାଇବା ଲାଗି ବିଧାୟକ ଓ ସାଂସଦଙ୍କ ସମର୍ଥକମାନେ ମସୁଧା କରୁଥିବାବେଳେ ପୁଲିସ ମଧ୍ୟ ଏ ନେଇ ପଚାରିଲେ ଚାପିବା ଉଦ୍ଦେଶ୍ୟରେ କୌଣସି ସୂଚନା ଦେଉନାହିଁ। ଅନ୍ୟପକ୍ଷରେ ଘଟଣା ସତ ବୋଲି ଦୁର୍ବ୍ୟବହାରର ଶିକାର ହୋଇଥିବା ସାମ୍ବାଦିକ କେଦାରନାଥ ସାହୁ ପ୍ରକାଶ କରିଛନ୍ତି।

ପ୍ରକାଶ ଥାଉକି, ଆଜି ସାଂସଦ ଓ ବିଧାୟକଙ୍କ ଅଭିଯୋଗ ଶୁଣାଣି ବିଧାୟକଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟାଳୟରେ ଚାଲିଥିଲା। ଏ ନେଇ ବିଧାୟକଙ୍କ ଗଣମାଧ୍ୟମ ସଂଯୋଜକ ସମସ୍ତ ସାମ୍ବାଦିକଙ୍କୁ ଖବର ସଂଗ୍ରହ ପାଇଁ ଆସିବାକୁ ନିମନ୍ତ୍ରଣ କରିଥିଲେ। ଏହିମତେ ସାମ୍ବାଦିକମାନେ ଖବର ନେବାକୁ ସେଠାକୁ ଯାଇଥିଲେ। ସାମ୍ବାଦିକ ଶ୍ରୀ ସାହୁ ଅଲେଖ ଦୀକ୍ଷା ନେଇଥିବା ତାଙ୍କର ଜଣେ ବନ୍ଧୁଙ୍କୁ ସାଙ୍ଗରେ ଧରି ଅଭିଯୋଗ ଦେବାକୁ ଯାଉଥିଲେ। କିନ୍ତୁ ସେଠାରେ ଉପସ୍ଥିତ ଥିବା ସାଂସଦ ପ୍ରତିନିଧି ବିଦ୍ୟୁତ କାଣ୍ଡି ଏବଂ ସାଂସଦଙ୍କ ଅନୁଗତ ଧନେଶ୍ୱର ବାରିକ ତାଙ୍କୁ ବିରୋଧ କରି ଠେଲାପେଲା କରିଥିଲେ। ଶ୍ରୀ ସାହୁ ସାମ୍ବାଦିକ ବୋଲି ନିଜ ପରିଚୟ ଦେଇଥିଲେ ମଧ୍ୟ ସେ ଦ୍ୱୟଙ୍କ ସମେତ କେତେକ କର୍ମୀ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଏହି ସମୟରେ ମଂଚ ରେ ଉପସ୍ଥିତ ଥିବା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ମଧ୍ୟ ଉକ୍ତ ସାମ୍ବାଦିକଙ୍କୁ ଆକ୍ରମଣ ଲାଗି ଚିହିଁକି ଆସିଥିଲେ। ଏହାଦେଖି ନିକଟରେ ଥିବା ଅନ୍ୟଜଣେ ବରିଷ୍ଠ ସାମ୍ବାଦିକ ଏହାର ଦୃଢ ପ୍ରତିବାଦ କରିଥିଲେ। ତାଙ୍କ ବଡପାଟି ଶୁଣି ବିଧାୟକ ମଞ୍ଚରୁ ଉଠିଆସୁଥିବାବେଳେ ହଠାତ୍ ବସିପଡ଼ିଥିଲେ। ଏହି ଘଟଣା ଉପସ୍ଥିତ ଆଦର୍ଶଥାନା ଅଧିକାରୀଙ୍କ ଉପସ୍ଥିତି ରେ ଘଟିଥିଲେ ସୁଦ୍ଧା ପୁଲିସ ନୀରବଦ୍ରଷ୍ଟା ସାଜିଥିଲା। କର୍ମୀଙ୍କ ଏଭଳି ଆଚରଣ ଓ ଠେଲାପେଲାରେ ଶ୍ରୀ ସାହୁଙ୍କର ସର୍ବସମ୍ମୁଖରେ ମର୍ଯ୍ୟାଦା କ୍ଷୁର୍ଣ୍ଣ ହୋଇଥିବା ସେ ଅଭିଯୋଗ କରିଛନ୍ତି। ସେ ଆର୍‌ଏସ୍‌ଏସ୍‌ର ଖୋର୍ଦ୍ଧାରେ ଜଣେ ଆଗଧାଡିର କର୍ମୀ ହୋଇଥିଲେ ମଧ୍ୟ ସାଂସଦଙ୍କ ଉପସ୍ଥିତିରେ ଏଭଳି ଦୁର୍ବ୍ୟବହାର ତାଙ୍କ ଆତ୍ମାକୁ କଷ୍ଟ ଦେଇଥିବା ସେ କହିଛନ୍ତି। ତେଣୁ ଘଟଣାର ପ୍ରକୃତ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଶ୍ରୀ ସାହୁ ଦାବି କରିଛନ୍ତି।

ଏନେଇ ଆଦର୍ଶ ଥାନା ଅଧିକାରୀଙ୍କୁ ପଚାରିବାରେ ସେ ଘଟଣାକୁ ଚାପିବା ଉଦ୍ୟମରେ ଏମିତି କିଛି ଘଟିନଥିବା ପ୍ରକାଶ କରିଥିଲେ। କିନ୍ତୁ ଦୁର୍ବ୍ୟବହାରର ଶିକାର ଶ୍ରୀ ସାହୁ ଥାନା ଅଧିକାରୀଙ୍କ ଉପସ୍ଥିତରେ ଘଟଣା ଘଟିଥିବା କହିଥିବାବେଳେ ଥାନା ଅଧିକାରୀ ଏହାକୁ ଅସ୍ୱୀକାର କରିବା ପଛରେ କ'ଣ ରହିଛି ରହସ୍ୟ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅନ୍ୟପକ୍ଷରେ ଘଟଣାକୁ ଚାପିବା ଉଦ୍ୟମ କରିଥିବା କର୍ମୀ, ନେତା ଓ ପୁଲିସ ବାବୁଙ୍କ ଭୁଲ ଯୋଗୁ ସଦ୍ୟ ଘଟିଥିବା ବାଲେଶ୍ୱର ଘଟଣାର ପୁଣି ପୁନରାବୃତି ଖୋର୍ଦ୍ଧାରେ ନହେଉ ବୋଲି ଏବେ ଚର୍ଚ୍ଚା ଆରମ୍ଭ ହେଲାଣି। ତେବେ ସେଠାକୁ ସାମ୍ବାଦିକଙ୍କ ନିମନ୍ତ୍ରଣ କରିଥିବା ବିଧାୟକଙ୍କ ସଂଯୋଜକ ଘଟଣା ସମୟରେ ସେଠାରେ ନରହିବା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନା ଯୋଗ୍ୟ ବିଗତ ଦିନରେ ବିଦ୍ୟୁତ କାଣ୍ଡି ରାଜ୍ୟ କାର୍ଯ୍ୟାଳୟରେ ନିଜର ବିଶୃଙ୍ଖଳିତ ଆଚରଣ ଲାଗି ଦଳରୁ ନିଲମ୍ବିତ ହୋଇଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**
ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୨୫ ● ପାଉଣ୍ଡ ୧୧୫.୩୮
- ୟୁରୋ ୧୦୦.୬୯ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**
୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୧,୧୪୦ (ନୂଆଦିଲ୍ଲୀ)
- ରୁପା : ୧,୧୩,୯୦୦ (କେଜି)



**ଷ୍ଟକ୍ ମାର୍କେଟ୍**
ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୮୧,୭୫୭.୦୦
- ନିଫ୍ଟି ୨୪,୯୬୮.୦୦

**ପେଟ୍ରୋଲ-ଡିଜେଲ୍**
ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ଭାରତରେ ୩୫% ବ୍ୟାଙ୍କ ଆକାଉଣ୍ଟ ନିଷ୍କ୍ରିୟ

- ନିଷ୍କ୍ରିୟ ଆକାଉଣ୍ଟରେ ମହିଳାଙ୍କ ଅଂଶ ସର୍ବାଧିକ
- ୨୦୨୧ଠାରୁ ଏକ ତୃତୀୟାଂଶ ବ୍ୟାଙ୍କ ଆକାଉଣ୍ଟ ଅକାମୀ

ନୂଆଦିଲ୍ଲୀ,୧୮।୭(ଏଜେନ୍ସି): ୨୦୨୧ଠାରୁ ଦେଶରେ ଏକ ତୃତୀୟାଂଶରୁ ଅଧିକ ବ୍ୟାଙ୍କ ଆକାଉଣ୍ଟ 'ନିଷ୍କ୍ରିୟ' ରହିଛି। ବୁଧବାର ପ୍ରକାଶିତ 'ଗ୍ଲୋବାଲ୍ ଫିଣ୍ଡେକ୍ସ ୨୦୨୫› ଶୀର୍ଷକ ଏକ ରିପୋର୍ଟ ଅନୁଯାୟୀ, ୨୦୨୧ରେ ଭାରତରେ ପ୍ରାୟ ୩୫ ପ୍ରତିଶତ ବ୍ୟାଙ୍କ ଆକାଉଣ୍ଟ 'ନିଷ୍କ୍ରିୟ' ଥିଲା। ବିଶ୍ୱର ବିକାଶଶୀଳ ଅର୍ଥନୀତିଗୁଡ଼ିକରେ ସର୍ବାଧିକ ନିଷ୍କ୍ରିୟ ବ୍ୟାଙ୍କ ଆକାଉଣ୍ଟ ରହିଛି, ଯେଉଁଥିରେ ଭାରତ ସାମିଲ। ତେଣୁ, ବିକାଶଶୀଳ ଅର୍ଥନୀତି ତୁଳନାରେ ଭାରତରେ ୭ ଗୁଣ ଅଧିକ ନିଷ୍କ୍ରିୟ ବ୍ୟାଙ୍କ ଆକାଉଣ୍ଟ ରହିଛି।




ରିପୋର୍ଟ ଅନୁଯାୟୀ, 'ଭାରତରେ ନିଷ୍କ୍ରିୟ ବ୍ୟାଙ୍କ ଆକାଉଣ୍ଟ ସଂଖ୍ୟାରେ ବୃଦ୍ଧିର ମୁଖ୍ୟ କାରଣ ହେଉଛି, ଜନ ଧନ ଯୋଜନା। ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ଜରିଆରେ ସେମାନଙ୍କୁ ଆର୍ଥିକ ଅନ୍ତର୍ଭୁକ୍ତୀକରଣରେ ସାମିଲ କରିବା ପାଇଁ ଭାରତ ସରକାର ଜନ ଧନ ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନା ୨୦୧୪ ଅଗଷ୍ଟରେ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଭାରତର ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ୨୦୨୨ ଏପ୍ରିଲ ସୁଦ୍ଧା ୪୫ କୋଟି ଅତିରିକ୍ତ ଆକାଉଣ୍ଟ ଯୋଡାଯାଇଥିଲା। ଭାରତରେ ବୟସ୍କମାନଙ୍କ ମଧ୍ୟରେ ନିଷ୍କ୍ରିୟ ବ୍ୟାଙ୍କ ଆକାଉଣ୍ଟର ଅଂଶ ୨୦୧୭ ରୁ ୨୦୨୧ ପର୍ଯ୍ୟନ୍ତ ସମାନ ରହିଥିଲା। ମୋଟ ଜନସଂଖ୍ୟାର କେବଳ ୯ ପ୍ରତିଶତ ବୟସ୍କ-ମୋଟ ଆକାଉଣ୍ଟର ୧୩ ପ୍ରତିଶତକୁ ନିଷ୍କ୍ରିୟ ଆକାଉଣ୍ଟ ଭାବରେ ଧରାଯାଉଛି। ଅପରପକ୍ଷେ ବିଶ୍ୱର ବିକାଶଶୀଳ ଅର୍ଥନୀତିଗୁଡ଼ିକରେ ନିଷ୍କ୍ରିୟ ଆକାଉଣ୍ଟର ସ୍ତର ୨୦% ରୁ ୩୦%କୁ ବୃଦ୍ଧି ପାଇଛି।


ଅନ୍ୟପକ୍ଷରେ, ଉଚ୍ଚ-ଆୟ ଥିବା ବିଶ୍ୱର ଅର୍ଥନୀତିଗୁଡ଼ିକରେ ପ୍ରାୟ ସମସ୍ତ ବ୍ୟାଙ୍କ ଆକାଉଣ୍ଟଧାରୀ ସକ୍ରିୟ ଅଛନ୍ତି। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ବିକାଶଶୀଳ ଅର୍ଥନୀତିଗୁଡ଼ିକରେ, ପୁରୁଷମାନଙ୍କ ତୁଳନାରେ ମହିଳାଙ୍କର ୫ ପ୍ରତିଶତ ଅଧିକ ନିଷ୍କ୍ରିୟ ବ୍ୟାଙ୍କ ଆକାଉଣ୍ଟ ରହିଛି। ତଥାପି, ଭାରତରେ, ପୁରୁଷ ଏବଂ ମହିଳାଙ୍କ ନିଷ୍କ୍ରିୟ ବ୍ୟାଙ୍କ ଆକାଉଣ୍ଟ ମଧ୍ୟରେ ପାର୍ଥକ୍ୟ ୭୨%। ଭାରତରେ, ମହିଳାଙ୍କର ଅଧିକ ନିଷ୍କ୍ରିୟ ଆକାଉଣ୍ଟ (୪୨%) ଥିବାବେଳେ ପୁରୁଷମାନଙ୍କର କ୍ଷେତ୍ରରେ ନିଷ୍କ୍ରିୟ କମ୍ ବ୍ୟାଙ୍କ ଆକାଉଣ୍ଟ ସଂଖ୍ୟା ୩୦ ପ୍ରତିଶତ ରହିଛି। ଏଠାରେ ସୂଚନାଯୋଗ୍ୟ ଯେ, ଯଦି ଗୋଟିଏ ବର୍ଷ ପାଇଁ କୌଣସି ବ୍ୟାଙ୍କ ଆକାଉଣ୍ଟରେ ଜମା କିମ୍ବା ଡିଜିଟାଲ କାରବାର କରାଯାଇ ନ ଥାଏ, ତେବେ ଏହାକୁ ନିଷ୍କ୍ରିୟ ବୋଲି ବିବେଚନା କରାଯାଏ। ଆର୍ଥିକ ଅନ୍ତର୍ଭୁକ୍ତିକରଣ ଉପରେ ବିଶ୍ୱ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଏହି ସୂଚନା ଦିଆଯାଇଛି।

## ନିବେଶକ ହରାଇଲେ ଅଢ଼େଇ ଲକ୍ଷ କୋଟି

**୫୦୦ ପଏଣ୍ଟ ଖସିଲା ସେନ୍ସେକ୍ସ**

ମୁମ୍ବଇ,୧୮।୭(ଏଜେନ୍ସି): ଭାରତୀୟ ସେୟାର ବଜାର ସପ୍ତାହର ଶେଷ କାରବାର ଦିବସରେ ବଡ଼ ହ୍ରାସର ସମ୍ମୁଖୀନ ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ( ବିଏସ୍‌ଇ) ସେନ୍‌ସେକ୍ସରେ ୫୦୧.୫୨ ପଏଣ୍ଟ ବା ୦.୬୧ ପ୍ରତିଶତ ହ୍ରାସ ଘଟି ୮୧,୭୫୭.୭୩ ପଏଣ୍ଟ ସ୍ତରରେ କାରବାର ଶେଷ କରିଛି। ଅନ୍ୟପଟେ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟିରେ ୧୪୩.୦୫ ପଏଣ୍ଟ ବା ୦.୫୭ ପ୍ରତିଶତ ହ୍ରାସ ହୋଇ ୨୪,୯୬୪.୪୦ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସବୁଠୁ ଅଧିକ ହ୍ରାସ ବ୍ୟାଙ୍କିଙ୍ଗ ଓ ଏଫ୍‌ଏମ୍‌ସିଜି ସେୟାରରେ ଦେଖିବାକୁ ମିଳିଛି। ଏହି କାରଣରୁ ନିବେଶକମାନଙ୍କୁ ଆଜି ୨.୫୭ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି। ବିଶ୍ୱ ବଜାରରେ ଦୁର୍ବଳ ସଙ୍କେତ ଓ ଆକ୍ସିସ୍ ବ୍ୟାଙ୍କ ସମେତ ଅନେକ କମ୍ପାନିର ଦୁର୍ବଳ ଆର୍ଥିକ ଫଳାଫଳ ଆଜି ନିବେଶକଙ୍କ ମନୋଭାବ ଉପରେ ପ୍ରଭାବ ପକାଇଛି। ଏବେ ନିବେଶକଙ୍କ ନଜର ସୋମବାର ଜୁଲାଇ ୨୧ରେ କିଛି ବଡ଼ କମ୍ପାନୀର ଆର୍ଥିକ ଫଳାଫଳ ଉପରେ ରହିବ। ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ ଓ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏହି ଦିନ ନିଜର ଜୁନ୍ ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା କରିବେ। ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନୀଗୁଡ଼ିକର ମୋଟ ବଜାର ପୁଞ୍ଜି ଆଜି ହ୍ରାସ ପାଇ ୪୮୦.୩୦ ଲକ୍ଷ କୋଟି ଟଙ୍କା ହୋଇଛି। ପୂର୍ବ କାରବାର ଦିବସ ଅର୍ଥାତ୍ ଜୁଲାଇ ୧୭ରେ ଏହା ୪୬୦.୮୭ ଲକ୍ଷ କୋଟି ଟଙ୍କା ରହିଥିଲା। ସେହିପରି ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନୀଗୁଡ଼ିକର ବଜାର ପୁଞ୍ଜିରେ ୨.୫୭ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି। ସରଳ ଶବ୍ଦରେ ରହିବାକୁ ଗଲେ ନିବେଶକଙ୍କୁ ୨.୫୭ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି। ବିଏସ୍‌ଇ ସେନ୍‌ସେକ୍ସର ୩୦ ସେୟାର ମଧ୍ୟରୁ ୭ ସେୟାର ଆଜି ସବୁଜ ସଙ୍କେତ ସହ ବନ୍ଦ ହୋଇଛି। ଏଥିରେ ବଜାଜ ଫାଇନାନ୍ସର ସେୟାରରେ ସବୁଠୁ ଅଧିକ ୧.୯୪ ପ୍ରତିଶତ ବୃଦ୍ଧି ହୋଇଛି। ଅନ୍ୟପକ୍ଷେ ୨୩ ସେୟାର ଲାଲ୍ ସଙ୍କେତରେ ବନ୍ଦ ହୋଇଛି।

## ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର




ଭୁବନେଶ୍ୱର,୧୮।୭(ସମିସ): ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପ୍ରୋଜେକ୍ଟ ଆରୋଗ୍ୟ ଅନ୍ତର୍ଗତ ଏକ ବୃହତ ବହୁ - ବିଶେଷଜ୍ଞ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ଅବହେଳିତ ଅଞ୍ଚଳଗୁଡ଼ିକୁ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ନିଜର ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିଛି। ଏହି ଶିବିର ଗୋବର୍ଦ୍ଧନପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୧୫ଟି ଗ୍ରାମର ବାସିନ୍ଦାଙ୍କୁ ସେବା ପ୍ରଦାନ କରିଥିଲା। ଯାହା ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ୩୫୦ରୁ ଅଧିକ ରୋଗୀ ଉପକୃତ ହୋଇଥିଲେ। ଶିଶୁରୋଗ, ସାଧାରଣ ଔଷଧ, ସ୍ତ୍ରୀ ରୋଗ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ଚିକିତ୍ସା କ୍ଷେତ୍ରର ବିଶେଷଜ୍ଞଙ୍କ ସହାୟତାରେ ଶିବିରଟି ତୁରନ୍ତ ସେବା ପ୍ରଦାନ କରାଯିବା ସହ ପ୍ରତିରୋଧକ ସ୍ୱାସ୍ଥ୍ୟସେବା ଅଭ୍ୟାସ ଉପରେ ସଚେତନତା ବୃଦ୍ଧି କରାଯାଇଥିଲା। ଏ ସମ୍ପର୍କରେ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ବେଦାନ୍ତ ଲାଞ୍ଜିଗଡ଼ରେ ଆମେ ସ୍ଥାୟୀ ସ୍ୱାସ୍ଥ୍ୟସେବା ପଦକ୍ଷେପ ମାଧ୍ୟମରେ ସମ୍ପ୍ରଦାୟର ଉନ୍ନତି ପାଇଁ ଦୃଢ଼ ଭାବରେ ପ୍ରତିବଦ୍ଧ। ମେଗା ସ୍ୱାସ୍ଥ୍ୟ ଶିବିର ହେଉଛି ଆମର ପ୍ରତିରୋଧକ ପଦ୍ଧତିର ଏକ ଅଂଶ ଯାହା ଦୂରଦୂରାନ୍ତ ଗ୍ରାମଗୁଡ଼ିକରେ ସମୟୋଚିତ ଚିକିତ୍ସା ସହାୟତା ସୁନିଶ୍ଚିତ କରିଥାଏ। ପ୍ରୋଜେକ୍ଟ ଆରୋଗ୍ୟ ମାଧ୍ୟମରେ, ଆମେ ଅବହେଳିତ ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇ ଅର୍ଥପୂର୍ଣ୍ଣ ପ୍ରଭାବ ପକାଇବା ଜାରି ରଖିଛୁ।

# ୯ କ୍ୟାରେଟ୍ ସୁନାରେ ହଲ୍‌ମାର୍କିଂ ବାଧ୍ୟତାମୂଳକ

**ଘଣ୍ଟା ଏବଂ କଲମରେ ହଲମାର୍କିଂ ଆବଶ୍ୟକ ନାହିଁ**

ନୂଆଦିଲ୍ଲୀ,୧୮।୭(ଏଜେନ୍ସି)

ଏଣିକି ଗ୍ରାହକ ୯ କ୍ୟାରେଟ୍‌ରେ ବି ହଲମାର୍କିଂ ସୁନା ପାଇପାରିବେ। ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍) ଶୁକ୍ରବାର ୯ କ୍ୟାରେଟ୍ ସୁନାରେ ତିଆରି ସୁନା ଅଳଙ୍କାର ଉପରେ ହଲମାର୍କିଂକୁ ବାଧ୍ୟତାମୂଳକ କରିଛି। ଏଠାରେ ସୂଚନାଯୋଗ୍ୟ ଯେ, ଏ ପର୍ଯ୍ୟନ୍ତ କେବଳ ୨୪କେ, ୨୩କେ, ୨୨,କେ,୨୦କେ, ୧୮କେ ଏବଂ ୧୪କେ ସୁନାରେ ତିଆରି ଅଳଙ୍କାର ଉପରେ ହଲମାର୍କିଂ ଆବଶ୍ୟକ ହେଉଥିଲା। ହଲମାର୍କ ସୁନାର ଶୁଦ୍ଧତାକୁ ନିଶ୍ଚିତ କରିଥାଏ। ସେହି ସମୟରେ, ସୁନାରେ ତିଆରି ଘଣ୍ଟା ଏବଂ କଲମରେ ହଲମାର୍କିଂ ଆଉ ଆବଶ୍ୟକ ନାହିଁ।

ଅଲ୍ ଇଣ୍ଡିଆ ଜେମ୍ ଆଣ୍ଡ ଜୁଏଲାରୀ ଡୋମେଷ୍ଟିକ୍ କାଉନସିଲ୍ କହିଛି ଯେ ଏବେ ସମସ୍ତ ଅଳଙ୍କାର ବ୍ୟବସାୟୀ ଏବଂ ହଲମାର୍କିଂ କେନ୍ଦ୍ରଗୁଡ଼ିକୁ ବିଆଇଏସ୍‌ର ନୂତନ ନିୟମ ପାଳନ କରିବାକୁ ପଡିବ। ନୂତନ ନିୟମ ଅନୁଯାୟୀ, ୯ କ୍ୟାରେଟ୍ ସୁନା (୩୭୫ପିପିଟି) ମଧ୍ୟ ବାଧ୍ୟତାମୂଳକ ହଲମାର୍କିଂ ପରିସରକୁ ଆସିଛି। ପୂର୍ବରୁ ୯ କ୍ୟାରେଟ୍ ସୁନା ପାଇଁ ଏହା ଆବଶ୍ୟକ ନ ଥିଲା, କିନ୍ତୁ ଏବେ ଗ୍ରାହକମାନଙ୍କୁ ସୁନାର ଶୁଦ୍ଧତା ବିଷୟରେ ସଠିକ୍ ସୂଚନା ଦେବା ପାଇଁ ଏହାକୁ ହଲମାର୍କିଂ କରିବାକୁ ପଡିବ। ବିଆଇଏସ୍ ଆଇନ ୨୦୧୬ ଅନୁଯାୟୀ ସୁନା ଅଳଙ୍କରରେ ହଲମାର୍କିଂ କରାଯାଇଥାଏ। ଏହା ଅଳଙ୍କାର ଏବଂ କଳାକୃତିରେ ମୂଲ୍ୟବାନ ଧାତୁର ପରିମାଣକୁ ପ୍ରମାଣିତ କରେ। ଏହା ଗ୍ରାହକମାନଙ୍କୁ ଜଣାଏ ଯେ ସେମାନଙ୍କ ଅଳଙ୍କାରରେ ସୁନା କେତେ ଶୁଦ୍ଧ। ହଲମାର୍କିଂ ଗ୍ରାହକମାନଙ୍କୁ ଠକେଇରୁ ରକ୍ଷା କରିପାରିବ। ହଲମାର୍କିଂର ୮ଟି ଗ୍ରେଡ୍ ରହିଛି। ପ୍ରତ୍ୟେକ ଗ୍ରେଡ୍ ସୁନାର ଶୁଦ୍ଧତାକୁ ସୂଚାଇଥାଏ। ବର୍ତ୍ତମାନ ୯କେ




ସୁନା ମଧ୍ୟ ଏହି ତାଲିକାରେ ଅନ୍ତର୍ଭୁକ୍ତ ହୋଇଛି। ଏହା ଗ୍ରାହକମାନଙ୍କୁ ଅଧିକ ବିକଳ୍ପ ଦେବ। ଏବେ ଘଣ୍ଟା ଏବଂ କଲମରେ ହଲମାର୍କିଂ ଆବଶ୍ୟକ ନାହିଁ, ବିଆଇଏସ୍ ମଧ୍ୟ ଏହାର ନିୟମରେ କିଛି ପରିବର୍ତ୍ତନ କରିଛି। ଏବେ ସୁନା ଘଣ୍ଟା ଏବଂ କଲମକୁ କଳାକୃତିର ପରିଭାଷାରୁ ବାଦ ଦିଆଯାଇଛି। ଏହାର ଅର୍ଥ ହେଉଛି ଏବେ ସେମାନଙ୍କ ଉପରେ ହଲମାର୍କିଂ ବାଧ୍ୟତାମୂଳକ ନୁହେଁ। ସ୍ୱର୍ଣ୍ଣ ମୁଦ୍ରା ସମ୍ପର୍କରେ ଏକ ନୂତନ ନିୟମ ମଧ୍ୟ କରାଯାଇଛି। ଏବେ କେବଳ ୨୪କେଏଫ୍ କିମ୍ବା ୨୪କେଏସ୍ ସୁନାର ପତଳା ଚାଦରରୁ ତିଆରି ମୁଦ୍ରାକୁ ଶତ ପ୍ରତିଶତ ଶୁଦ୍ଧ ବୋଲି ବିବେଚନା କରାଯିବ। ଏହି ମୁଦ୍ରା କେବଳ ମିଣ୍ଟ କିମ୍ବା ରିଫାଇନାରୀ ଦ୍ୱାରା ତିଆରି କରାଯିବା ଉଚିତ ଏବଂ ଏହାର କୌଣସି ଆଇନଗତ ମୁଦ୍ରା ମୂଲ୍ୟ ରହିବା ଉଚିତ୍ ନୁହେଁ।

**ରେଭେନ୍ସାରେ ମହିଳାଙ୍କୁ ସନ୍ଧ୍ୟା ପର ରହଣି ବାରଣ ପ୍ରସଙ୍ଗ**

## ରାଜ୍ୟ ସରକାରଙ୍କ ମହିଳା ସ୍ୱାଧୀନତା ବିରୋଧୀ ମନୋଭାବର ପରିପ୍ରକାଶ: ବିଜେଡି

- ବିଶ୍ୱବିଦ୍ୟାଳୟ ଇତିହାସରେ ଏକ କଳଙ୍କମୟ ଅଧ୍ୟାୟ
- ରାଜ୍ୟରେ ମହିଳା ଅସୁରକ୍ଷିତ ଥିବାର ଏକ ସ୍ୱୀକାରୋକ୍ତି
- ଉଚ୍ଚଶିକ୍ଷା ମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ସ୍ପଷ୍ଟୀକରଣ ଦାବି

ଭୁବନେଶ୍ୱର, ୧୮।୭ (ସମିସ): ମହିଳାମାନେ ସନ୍ଧ୍ୟା ୫.୩୦ ପରେ କାର୍ଯ୍ୟସ୍ଥଳୀରେ ରହିପାରିବେ ନାହିଁ ବୋଲି ରେଭେନ୍ସା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏକ ନିର୍ଦ୍ଦେଶନାମା ପ୍ରକାଶ କରିଥିଲେ। ନିର୍ଦ୍ଦେଶନାମା ପ୍ରକାଶ ପାଇବାର କିଛି ସମୟ ପରେ ଏହାକୁ ପ୍ରତ୍ୟାହାର କରିନିଆଯାଇଥିଲା। ଏହାକୁ ନେଇ ବିଜୁ ଜନତା ଦଳ ସରକାରଙ୍କ ମହିଳାଙ୍କ ସ୍ୱାଧୀନତା ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇ ତୀବ୍ର ସମାଲୋଚନା କରିଛି।

ଶଙ୍ଖ ଭବନଠାରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି, ମହିଳାଙ୍କୁ ସ୍ୱାଧୀନତା ପ୍ରଦାନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଏହି ବିଜ୍ଞପ୍ତିରୁ ସ୍ପଷ୍ଟ ହେଉଛି। ରାଜ୍ୟରେ ମହିଳାମାନଙ୍କ ଉପରେ ଅତ୍ୟାଚାର ଦିନକୁ ଦିନ ବୃଦ୍ଧି ପାଇଚାଲିଥିବା ବେଳେ ରାଜ୍ୟ ସରକାର ମହିଳାମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବାର ଏହା ଏକ ପ୍ରମାଣ ଭାବେ ଉଭା ହୋଇଛି। ଏହି ବିଜ୍ଞପ୍ତି ରାଜ୍ୟ ସରକାରଙ୍କ ମହିଳା ସ୍ୱାଧୀନତା ବିରୋଧୀ ମନୋଭାବକୁ ଦର୍ଶାଇଛି ବୋଲି ଡଃ ମହାନ୍ତି କହିଛନ୍ତି।

ସେ କହିଛନ୍ତି ଯେ ଏହି ବିଜ୍ଞପ୍ତି ଜରିଆରେ ମହିଳାଙ୍କ ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଇବା ଉଦ୍ୟମ ରେଭେନ୍ସା ଭଳି ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ଇତିହାସରେ ସବୁଦିନ ପାଇଁ ଏକ କଳଙ୍କମୟ ଅଧ୍ୟାୟ ହୋଇ ରହିବ। ବିଜେପି ସରକାରଙ୍କ ଶାସନରେ ଆସିଥିବା ଏହି ବିଜ୍ଞପ୍ତି ଓଡ଼ିଶା ପାଇଁ ଆଉଥରେ ଲଜ୍ଜା ଓ ନିନ୍ଦା ଆଣିଛି। ଏହି ବିଜ୍ଞପ୍ତିକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଏହାକୁ ପ୍ରତ୍ୟାହାର କରି ଦିଆଯାଇଥିଲା। ଏଭଳି ତାଲିବାନୀ ବିଜ୍ଞପ୍ତି କିଭଳି ଭାବେ ପ୍ରକାଶ ପାଇଲା, ସେ ସଂପର୍କରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ସ୍ପଷ୍ଟୀକରଣ ରଖିବା ପାଇଁ ବିଜେଡି ଦାବି କରୁଛି। ଏହାଛଡ଼ା ରେଭେନ୍ସା ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କ ସ୍ୱାକ୍ଷରରେ ଏହି ବିଜ୍ଞପ୍ତି ପ୍ରକାଶ ପାଇଥିବାରୁ, ତୁରନ୍ତ ତାଙ୍କୁ ନିଲମ୍ବନ କରିବା ପାଇଁ ଡଃ ମହାନ୍ତି ଦାବି କରିଛନ୍ତି।

## କୁକୁଡ଼ା ଖାଇବାକୁ ଆସି ଫସିଲା ଅଜଗର

କୋକସରା,୧୮।୭(ସମିସ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ଆମପାଣି ଫରେଷ୍ଟ ସେକ୍ସନ ଅଧୀନ କାଉଡୋଲା ଚାବୁପଡାରୁ ବନବିଭାଗ ୭ ଫୁଟ୍ ଲମ୍ବର ଏକ ଅଜଗର ଉଦ୍ଧାର କରିଛି। ଏହି ଗାଁର ଦୁର୍ଲଭ ନାଏକଙ୍କ କୁକୁଡ଼ା ଭାଡ଼ିକୁ ଆସି ଅଜଗରଟି ଫସି ଯାଇଥିଲା। ଶୁକ୍ରବାର ସକାଳୁ ସକାଳୁ ଅଜଗରଟିକୁ ଦେଖି ବନ ବିଭାଗକୁ ଖବର ଦିଆଯାଇଥିଲା। ଧର୍ମଗଡ଼ ଜଙ୍ଗଲ ବିଭାଗ ସାପ ଉଦ୍ଧାରକାରୀ ଦଳର ସ୍ୱାଧୀନ ଦଣ୍ଡସେନା ପହଞ୍ଚି ଅଜଗରଟିକୁ ଉଦ୍ଧାର କରିଥିଲେ। ଗୋତମୁଣ୍ଡା ଅଠରନାଳାସ୍ଥିତ ସାହାଜଖୋଲ ଜଙ୍ଗଲର ପରେ ଏହି ଅଜଗରଟିକୁ ଛାଡ଼ି ଦିଆଯାଇଛି।

**କଂଗ୍ରେସ ରାଜନୈତିକ ବ୍ୟାପାର କମିଟି ବୈଠକ**

# ବନ୍ଦ ପରେ ବଡ଼ ସମାବେଶ ଯୋଜନା

**୨ ମାସ ମଧ୍ୟରେ ସରିବ ବ୍ଲକ୍ ଓ ଜୋନ୍ ସ୍ତରୀୟ କମିଟି ଗଠନ**

ଭୁବନେଶ୍ୱର, ୧୮।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମଦାହ ଘଟଣାରେ କଂଗ୍ରେସ କେବଳ ଓଡ଼ିଶା ବନ୍ଦ କରି ଚୁପ୍ ବସି ରହିବନି। ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିବା ପାଇଁ ଦଳ ବିଧାନସଭାରେ ସ୍ୱର ଶାଣିତ କରିବା ସହ ଜିଲ୍ଲାସ୍ତରରେ ମଧ୍ୟ ସମାବେଶ କରି ଲୋକଙ୍କୁ ଜାଗ୍ରତ କରିବ। ଏହି ସମାବେଶଗୁଡ଼ିକରେ ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଘଟଣା ସହିତ ରାଜ୍ୟରେ ବଢୁଥିବା ନାରୀ ହିଂସା, ବେକାରୀ, ଦରଦାମ ବୃଦ୍ଧି ଭଳି ପ୍ରସଙ୍ଗରେ ମଧ୍ୟ ଦଳ ଗର୍ଜନ କରିବ। ଶୁକ୍ରବାର ଓଡ଼ିଶା ପିସିସି ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ କଂଗ୍ରେସର ରାଜନୈତିକ ବ୍ୟାପାର କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଅତିକମ୍‌ରେ ୬ଟି ସମାବେଶ କରିବା ପାଇଁ ନିଷ୍ପତ୍ତି ହୋଇଛି। ପ୍ରଥମ ସମାବେଶ ଆସନ୍ତା ୨୫ ତାରିଖ ପରେ ବାଲେଶ୍ୱରରେ ହେବ ବୋଲି ବୈଠକରେ ସ୍ଥିର କରାଯାଇଛି।

ସେହିପରି ଆସନ୍ତା ଦୁଇ ମାସ ମଧ୍ୟରେ କଂଗ୍ରେସ ଦଳ ବ୍ଲକ୍ ଓ ଜୋନ୍‌ସ୍ତରୀୟ କମିଟି ଗଠନ କରିବା ସହ ସଭାପତି ଚୟନ ପ୍ରକ୍ରିୟା ଶେଷ କରିବାକୁ ବୈଠକରେ ଆଲୋଚନା ହୋଇଛି। ଏହି କାମ ସହ 'ସଂଗଠନ ସୃଜନ' ମାଧ୍ୟମରେ ଏଆଇସିସି ଜିଲ୍ଲା ସଭାପତି ବାଛିବ ବୋଲି ହୋଇଥିବା ନିଷ୍ପତ୍ତିକୁ ବୈଠକରେ ସବୁଜ ସଂକେତ ମିଳିଛି। ଯେଉଁ ସ୍ଥାନରେ ସମାବେଶ ଆୟୋଜନ ହେବ, ସେଠାକୁ ଦଳର ସମସ୍ତ ବରିଷ୍ଠ ନେତାମାନେ ଗସ୍ତ କରିବେ ବୋଲି ନିଷ୍ପତ୍ତି ହୋଇଥିବା ବେଳେ ଦଳ ଏକ ହୋଇ ପ୍ରସଙ୍ଗ ଭିତ୍ତିକ ଲଢ଼େଇକୁ ଜୋର୍‌ଦାର୍ କରିବାକୁ ଆଲୋଚନା ହୋଇଛି। ବୈଠକରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ନିରଞ୍ଜନ ପଟ୍ଟନାୟକ, ଶରତ ପଟ୍ଟନାୟକଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ରାଡ୍ରୋ ସରପଞ୍ଚ ନିଲମ୍ବିତ



ଉଦଳା/ବାରିପଦା, ୧୮।୭(ସମିସ): ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ୍ ରାଡ୍ରୋ ସରପଞ୍ଚ ବସେନ ମାରାଣ୍ଡି ଦୁର୍ନୀତି ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି। ମିଛ ଦସ୍ତାବିଜ୍ ଦେଇ ଷ୍ଟ୍ରିଟ୍‌ଲାଇଟ କିଣାରେ ଲକ୍ଷଲକ୍ଷ ଟଙ୍କା ଦୁର୍ନୀତି କରିଥିବା ନେଇ ତାଙ୍କ ନାମରେ ଭିଜିଲାନ୍ସ ମାମଲା କରିଥିଲା। ୨୦୨୪ ନଭେମ୍ବରରେ ଭିଜିଲାନ୍ସ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତେଣୁ ପଞ୍ଚାୟତିରାଜ ବିଭାଗ ନିର୍ଦ୍ଦେଶକ ସରପଞ୍ଚ ଶ୍ରୀ ମାରାଣ୍ଡିଙ୍କୁ ନିଲମ୍ବିତ କରିଛନ୍ତି।

**ବନ୍ଧୁ ସାଜିଲା ବଇରୀ**

# ଚୋରି ଟଙ୍କା ଭାଗବଣ୍ଟାରୁ ପଥରରେ ଛେଚି ହତ୍ୟା

ଭୁବନେଶ୍ୱର, ୧୮।୭(ସମିସ): ସାଙ୍ଗ ହୋଇ ଗୋଟିଏ ଘରେ ରହୁଥିଲେ, ଗୋଟିଏ ଥାଳିରେ ଖାଉଥିଲେ। ହେଲେ ମଦ ନିଶା ସବୁ ସାରିଦେଲା। ସାମାନ୍ୟ ବଚସାରୁ ମୁଣ୍ଡକୁ ପଥରରେ ଛେଚି ହତ୍ୟା କଲା ସାଙ୍ଗ। ଭରତପୁର ସୋମନାଥ ବସ୍ତିରେ ଏଭଳି ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଅଞ୍ଚଳର କୈଳାସ ନାୟକ (୨୬)। ଏଭଳି କାଣ୍ଡ ଭିଆଇଥିବା ଅଭିଯୁକ୍ତ ନରହରି ଫେରାର ହୋଇଯାଇଛି। ତେବେ ଉଭୟଙ୍କ ନାମରେ ପୂର୍ବରୁ ଚୋରି ମାମଲା ରହିଥିବାରୁ ଚୋରି ଟଙ୍କା ଭାଗ ବଣ୍ଟାକୁ ନେଇ ଏପରି ଘଟଣା ଘଟିଥିବା କୁହାଯାଉଛି।



ମିଳିଥିବା ସୂଚନାନୁସାରେ, ରଙ୍ଗ ମିସ୍ତ୍ରୀ ଭାବେ କାମ କରୁଥିବା କୈଳାସ ତାଙ୍କ ମାଆଙ୍କ ସହ ସୋମନାଥ ବସ୍ତିରେ ଭଡ଼ାରେ ରହୁଥିଲେ। କିଛି ଦିନ ହେବ କୈଳାସର ସାଙ୍ଗ ନରହରି ମଧ୍ୟ ତାଙ୍କ ଘରକୁ ଆସି ରହିବାକୁ ଲାଗିଲା। ଉଭୟ ଏକାଠି ରହିବା ସହ ଖିଆପିଆ କରୁଥିଲେ। ଗତକାଲି ସନ୍ଧ୍ୟାରେ ରୋଷେଇକୁ ନେଇ କୈଳାସ ଓ ତାଙ୍କ ମାଆ ବେବିନାଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହାପରେ ବେବିନା ରାଗିଯାଇ କିଛି ଦୂରରେ ଥିବା ସମ୍ପର୍କୀୟଙ୍କ ଘରକୁ ପଳାଇଥିଲେ। କିନ୍ତୁ କୈଳାସ ଓ ନରହରି ସୋମନାଥ ବସ୍ତି ସ୍ଥିତ ଘରେ ରହିଥିଲେ।

ରାତିରେ କୈଳାସ ଓ ନରହରି ମିଶି ଘରେ ମଦ୍ୟପାନ କରିବା ସହିତ ଖିଆପିଆ କରିଥିଲେ। ବିଳମ୍ବିତ ରାତିରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏମିତିକି, ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଏଥିରେ ରାଗିଯାଇ ନରହରି ପ୍ରଥମେ କୈଳାସଙ୍କୁ ଆକ୍ରମଣ କରିଥିଲା। କୈଳାସ ତଳେ ପଡ଼ିଯିବା ପରେ ନରହରି ପାଖରେ ଥିବା ସିମେଣ୍ଟ ଇଟାରେ

**ଚୋରା ଗାଡ଼ି ଧରି ଖସିଗଲା ଅଭିଯୁକ୍ତ**
**ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ**

ତାଙ୍କ ମୁଣ୍ଡକୁ ଛେଚି ଦେଇଥିଲା। ସେ ଜୀବନ ବଞ୍ଚାଇବାକୁ କାକୁତିମିନତି ହେଉଥିଲେ ମଧ୍ୟ ନରହରି ପଥର ଛେଚି ଚାଲିଥିଲା। କୈଳାସ ଅଚେତ ହୋଇଯିବା ପରେ ନରହରି ଚୋରା ବାଇକ୍ ନେଇ ଫେରାର୍ ହୋଇଯାଇଥିଲା।

ଶୁକ୍ରବାର ସକାଳୁ ବେବିନା ଘରେ ଆସି ପହଞ୍ଚିବା ବେଳକୁ ପୁଅଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପଡ଼ିଥିଲା। ଖବର ପାଇ ଭରତପୁର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିଥିଲା। କୈଳାସଙ୍କ ମୁହଁ ଓ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଘର ଭିତରେ ରକ୍ତଲଗା ଇଟା ମଧ୍ୟ ପଡ଼ିରହିଥିଲା। ବେବିନାଙ୍କ ଅଭିଯୋଗ ଆଧାରରେ ଭରତପୁର ଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁ କରିଥିଲା। ସାଇଣ୍ଟିଫିକ୍ ଟିମ୍‌ର ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ଘର ଭିତରୁ ରକ୍ତଲଗା ସିମେଣ୍ଟ ଇଟା, ରକ୍ତ ନମୁନା ସବୁକୁ ସଂଗ୍ରହ କରିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

ସେପଟେ କୈଳାସଙ୍କ ନାମରେ ଏକାଧିକ ଚୋରି ମାମଲା ରହିଥିବା ବେଳେ ପୂର୍ବରୁ ସେ ଜେଲ୍ ମଧ୍ୟ ଯାଇଛନ୍ତି। ସେହିପରି ହତ୍ୟା ଅଭିଯୁକ୍ତ ନରହରି ମଧ୍ୟ ଅନେକ ଚୋରି ମାମଲାରେ ସଂପୃକ୍ତ ରହିଛି। ତେଣୁ ଚୋରି ଟଙ୍କା ଭାଗ ବଣ୍ଟାକୁ ନେଇ ଏପରି ହତ୍ୟାକାଣ୍ଡ ଘଟି ଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି। ତେବେ ନରହରିକୁ ଧରିବା ପାଇଁ ଗୋଟିଏ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଥିଲେ ମଧ୍ୟ ତା'କୁ ଧରି ପାରିନାହିଁ।



## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜକୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ବିଶେଷ କାର୍ଯ୍ୟରୁ ଲାଭ ମିଳିବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।


## ନିଆରା ମେଳା

# ରୁଟି ଦେଇ ସାମଗ୍ରୀ କ୍ରୟ



ଆମ ଦେଶର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ପରମ୍ପରା ଦେଖିବାକୁ ମିଳେ। ତନ୍ମଧ୍ୟରୁ କିଛି ପରମ୍ପରା ବେଶ୍ ଅଜବ ଲାଗେ। ଏମିତି ଏକ ପରମ୍ପରାର ଝଲକ ଛତିଶଗଡ଼, ବଲୋଦାବଜାର, କୋରଦା ଗାଁରେ ଦେଖିବାକୁ ମିଳେ। ଏହି ଗାଁରେ ପ୍ରତିବର୍ଷ ପୋରା ପର୍ବକୁ ସ୍ଥାନୀୟ ଲୋକେ ବେଶ୍ ଉତ୍ସାହର ସହ ପାଳି ଆସୁଛନ୍ତି। ଏହି ଅବସରରେ ଏଠାରେ ଏକ ନିଆରା ମେଳା ଆୟୋଜିତ ହୋଇଥାଏ। ସାଧାରଣତଃ ପର୍ବାପର୍ବାଣୀଗୁଡ଼ିକରେ ଆୟୋଜିତ ହେଉଥିବା ମେଳାରେ ଲୋକେ ଟଙ୍କା ଦେଇ ଜିନିଷ କିଣନ୍ତି। ଛତିଶଗଡ଼ର ଏହି ମେଳାରେ ଲୋକେ ଟଙ୍କା ବଦଳରେ ରୁଟି ଦେଇ ଜିନିଷ କିଣନ୍ତି। ଦୋକାନୀକୁ ଲୋକେ ରୁଟି ଦେଇ ଜିନିଷ ନେଇଥାନ୍ତି। ଏହି ମେଳାକୁ ବେଶ୍ ମଜାମସ୍ତିରେ ଲୋକେ ଉପଭୋଗ କରନ୍ତି। ରୁଟି ବଦଳରେ ହେଉଥିବା ଏହି ବ୍ୟବସାୟର ପରମ୍ପରା ୧୨୭ ବର୍ଷର ପୁରୁଣା। ଏହି ମେଳାରେ କୋରଦା ସମେତ ଆଖପାଖ ଗାଁର ଲୋକେ ମଧ୍ୟ ଭିଡ଼ ଜମାନ୍ତି। ଅପରାହ୍ନ ୩ଟାରୁ ରାତି ୮ଟା ପର୍ଯ୍ୟନ୍ତ ଏହି ମେଳା ଚାଲିଥାଏ। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଗାଁର ପୁରୁଷମାନେ ମେଳାରେ ବିକ୍ରି ପାଇଁ ମାଟିରେ କଣ୍ଢେଇ, ଖେଳନା ଓ କାଗଜରେ ଫୁଲ ତିଆରି କରି ରଖିଥାନ୍ତି। ଏହାକୁ ମହିଳାମାନେ ରୁଟି ଓ ଅନ୍ୟ ଖାଦ୍ୟ ସାମଗ୍ରୀ ଦେଇ କିଣିଥାନ୍ତି। ଏହି ମେଳାରେ ସାମାଜିକ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରାଯାଇଥାଏ। ଏଠାରେ ପଶୁପକ୍ଷୀଙ୍କ ସୁରକ୍ଷାଠୁ ନେଇ, ବିଲୁପ୍ତ ହୋଇଯାଉଥିବା ପକ୍ଷୀଙ୍କ ସଂରକ୍ଷଣ, ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥାଏ। ସେହିପରି ଦଶମ ଏବଂ ଦ୍ୱାଦଶ ପରୀକ୍ଷାରେ ଯେଉଁ ଛାତ୍ରଛାତ୍ରୀମାନେ ଭଲ ପ୍ରଦର୍ଶନ କରିଥାନ୍ତି ସେମାନଙ୍କୁ ଏଠାରେ ସମ୍ମାନିତ କରାଯାଏ।

# 'ଡନ୍-୩'କୁ ବିକ୍ରାନ୍ତଙ୍କ ନା



ଫରହାନ୍ ଅଖତରଙ୍କ ନିର୍ଦ୍ଦେଶିତ 'ଡନ୍-୩'ର ରିଲିଜ୍‌କୁ ଦର୍ଶକେ ଅପେକ୍ଷା କରିଛନ୍ତି। ଏହି ଫିଲ୍ମରେ ରଣବୀର ସିଂହ ଡନ୍ ଭୂମିକାରେ ନଜର ଆସିବେ। ତେବେ ଏଥିରେ ବିକ୍ରାନ୍ତ ମେସି ଖଳନାୟକ ଭାବେ ଦେଖାଯିବେ ବୋଲି କିଛି ଦିନ ପୂର୍ବରୁ କିଛି ରିପୋର୍ଟରେ ପ୍ରକାଶ ପାଇଥିଲା। ଏବେ ବିକ୍ରାନ୍ତ ଏଥିରୁ ନିଜେ ଓହରି ଯାଇଥିବା ଜଣାପଡ଼ିଛି। ଏଥିରେ ବିକ୍ରାନ୍ତ ଜଣେ ସ୍ମାର୍ଟ ସ୍କାମର ଭୂମିକାରେ ନଜର ଆସିଥାନ୍ତେ। ତେବେ ଏହି ଭୂମିକା ବିକ୍ରାନ୍ତକୁ ପସନ୍ଦ ନ ଆସିବାରୁ ସେ ଫିଲ୍ମଟିକୁ ଛାଡ଼ି ଦେଇଥିବା କୁହାଯାଉଛି। ଏହାପୂର୍ବରୁ କିଆରା ଆଡଭାନୀ ମଧ୍ୟ ଏହି ଫିଲ୍ମ ଛାଡ଼ିଛନ୍ତି। କିଆରା ଏଥିରେ ରଣବୀରଙ୍କ ବିପକ୍ଷରେ ନଜର ଆସିଥାନ୍ତେ। ସେ ଗର୍ଭବତୀ ଥିବାରୁ ଏହି ଫିଲ୍ମ ଛାଡ଼ି ଦେଇଥିଲେ। ଏହାପରେ ଏଥିରେ କ୍ରିତି ସାନନ୍‌ଙ୍କୁ ସୁଯୋଗ ମିଳିଥିଲା। ତେବେ ଏଥିରୁ ବିକ୍ରାନ୍ତ ହଟିବା ପରେ ଏଥିରେ ଆଦିତ୍ୟ ରାୟ କପୁର କିମ୍ବା ବିଜୟ ଦେବରକୋଣ୍ଡାଙ୍କୁ ସୁଯୋଗ ମିଳିପାରେ ବୋଲି ଚର୍ଚ୍ଚା ହେଉଛି। ଜାନୁୟାରୀ, ୨୦୨୬ରୁ ଏହାର ସୁଟିଂ ଆରମ୍ଭ ହେବ।

# ଅଧିକ ଲୁଣ ଖାଇବା ବିପଦ

ଖାଦ୍ୟକୁ ସ୍ୱାଦିଷ୍ଟ କରିଥାଏ ଲୁଣ। ହେଲେ ଆବଶ୍ୟକତାଠୁ ଅଧିକ ଲୁଣ ଖାଇବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ। ଏବେ ଚିପ୍ସଠୁ ଆରମ୍ଭ କରି ଅନେକ ପ୍ରୋସେସଡ୍ ଫୁଡ୍‌ରେ ଅଧିକ ମାତ୍ରାରେ ଲୁଣ ମିଶିକି ରହୁଛି। ଯାହାକି ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। ଏନେଇ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଏପିଡେମିୟୋଲୋଜିର ବିଶେଷଜ୍ଞଙ୍କ କହିବା କଥା, ଭାରତୀୟମାନଙ୍କର ଅଧିକ ଲୁଣ ଖାଇବା ଅଭ୍ୟାସ ଏବେ 'ସାଇଲେଣ୍ଟ ସଲ୍ଟ ଏପିଡେମିକ୍'ର କାରଣ ହୋଇଛି। ଯାହାକି ଧୀରେ ଧୀରେ ଦେଶରେ ଲକ୍ଷାଧିକ ଲୋକଙ୍କ ପାଇଁ ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ ତଥା ହୃଦ୍‌ଘାତ ଭଳି ଗମ୍ଭୀର ରୋଗର କାରଣ ସାଜୁଛି। ତେଣୁ ଠିକ୍ ସମୟରୁ ସଚେତନ ନ ହେଲେ ସ୍ୱାସ୍ଥ୍ୟ ଉପରେ ଏହାର ଖରାପ ପ୍ରଭାବ ପଡ଼ିପାରେ ବୋଲି ସେମାନେ ଚେତାଇ ଦେଇଛନ୍ତି। ଲୁଣକୁ ନେଇ କରାଯାଇଥିବା ଅଧ୍ୟୟନଗୁଡ଼ିକରୁ ଜଣାପଡ଼ିଛି ଯେ, ଭାରତରେ ଅଧିକ ଲୋକ ଆବଶ୍ୟକତା ଠୁ ଅଧିକ ଲୁଣ ଖାଇଥାନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଜଣେ ବ୍ୟକ୍ତିଙ୍କୁ ପ୍ରତିଦିନ ୫ ଗ୍ରାମରୁ କମ୍ ଲୁଣ ଖାଇବା ଆବଶ୍ୟକ। ହେଲେ ଭାରତର ସହରୀ ଲୋକମାନେ ପ୍ରତିଦିନ ୯.୨ ଗ୍ରାମ୍ ଲୁଣ ଖାଉଥିବା ବେଳେ ଗ୍ରାମାଞ୍ଚଳର ଲୋକେ ନିତିଦିନ ପାଖାପାଖି ୫.୬ ଗ୍ରାମ୍ ଲୁଣ ଖାଉଛନ୍ତି। ଆବଶ୍ୟକତାଠାରୁ ଅଧିକ ଲୁଣ ଖାଇବା ଜନସ୍ୱାସ୍ଥ୍ୟ ନିମନ୍ତେ ଏକ ଗମ୍ଭୀର ସମସ୍ୟା ପାଲଟିଛି। ଏହି ସମସ୍ୟାରୁ ମୁକ୍ତି ପାଇବା ଲାଗି ବୈଜ୍ଞାନିକମାନେ ଏକ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହାର ଉଦ୍ଦେଶ୍ୟ ହେଉଛି ନିତିଦିନ ଖାଦ୍ୟରେ ଲୁଣର ମାତ୍ରାକୁ କମ୍ କରିବା। ଏଥିରେ ଲୋକଙ୍କୁ କମ୍ ସୋଡିୟମ ଯୁକ୍ତ ଲୁଣ ବ୍ୟବହାର କରିବାକୁ କୁହାଯାଉଛି। ଏହା ରକ୍ତଚାପକୁ କମ୍ କରିବା ସହ ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ।



## ଆଜିର ଇତିହାସ

- ୧୮୨୭- କ୍ରାନ୍ତିକାରୀ ମଙ୍ଗଳ ପାଣ୍ଡେଙ୍କ ଜନ୍ମ।
- ୧୯୦୦- ପ୍ୟାରିସ୍‌ରେ ପ୍ରଥମ ମେଟ୍ରୋ ଟ୍ରେନ୍ ଚାଲିଲା।
- ୧୯୬୯- ଭାରତ ସରକାର ଦେଶର ୧୪ଟି ବଡ଼ ବ୍ୟାଙ୍କର ରାଷ୍ଟ୍ରୀୟକରଣ କଲେ।
- ୧୯୭୬- ନେପାଳରେ ସାଗରମାଥା ରାଷ୍ଟ୍ରୀୟ ଉଦ୍ୟାନ ନିର୍ମାଣ କରାଗଲା।
- ୨୦୦୫- ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଆମେରିକୀୟ କଂଗ୍ରେସକୁ ସମ୍ବୋଧନ କଲେ।

# ସୁମନ

## ସକାଳ ଶିଶୁ କୁଇଜ୍-୧୭୨

(୧) 'ଗୋବିନ୍ଦ ଚନ୍ଦ୍ର ଟିକା'ର ଲେଖକ କିଏ?
ଉତ୍ତର: ____________

(୨) ଚୀନ୍‌ର ମୁଦ୍ରାକୁ କ'ଣ କୁହାଯାଏ?
ଉତ୍ତର: ____________

(୩) କ୍ଷୀରଚୋରା ଗୋପୀନାଥ ମନ୍ଦିର ଓଡ଼ିଶାର କେଉଁ ଜିଲ୍ଲାରେ ଅବସ୍ଥିତ?
ଉତ୍ତର: ____________

(୪) ଭାରତରେ ପ୍ରଥମେ କେଉଁଠି ମେଟ୍ରୋ ଟ୍ରେନ୍ ଚାଲିଥିଲା?
ଉତ୍ତର: ____________

(୫) ସାର୍କ(SAARC)ର ମୁଖ୍ୟାଳୟ କେଉଁଠାରେ ଅଛି?
ଉତ୍ତର: ____________

**ଗତ ସପ୍ତାହର କୁଇଜ୍ ବିଜେତା**
- ଦେବାଶିଷ କର, ଆଙ୍କପଦା, ଭଦ୍ରକ
- ତପସ୍ୱିନୀ ପାଣି, ଚୌଦ୍ୱାର, କଟକ
- ପ୍ରାଚୀ ପରମିତା ପଟ୍ଟନାୟକ, ପାତ୍ରପଡ଼ା, ଭୁବନେଶ୍ୱର

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

## ସାଧବ ବୋହୂ


ସୁଧାକର ରାଉତ

ନାଲି ଟୁକୁ ଟୁକୁ ସାଧବ ବୋହୂ
ଝଡ଼ି ବରଷାରେ କୁଆଡ଼େ ଯାଉ।
କେଉଁଠି ତୋ ସାଧବ ଅଛି ବସି
ଯା ପାଇଁ ଧାଉଁ ତୁ ହୋଇଣ ଖୁସି।
କେଡ଼େ ଥିରି ଥିରି ଚାଲିଟି ତୋର
ଜାଣେନା କେହି କେଉଁଠି ତୋ ଘର।
ନାଲିଆ ଦେହ ତୋ ସବୁଜ ଘାସେ
ସିନ୍ଦୂର ଟୋପାଟିଏ ଭଳି ଦିଶେ।
ଦେଖିନେଲେ ତୋ କଅଁଳିଆ ରଙ୍ଗ
ଭାରି ଇଚ୍ଛା ହୁଏ ହେବାକୁ ସାଙ୍ଗ।
ହେଲେ ତୁ ଆମଠି କରିଛୁ ରାଗ
ସେପାଇଁ ବାଟ ଭାଙ୍ଗି ଯାଉ ଆଗ।
ମାନୁଛୁ ପରିବେଶ କରି ନଷ୍ଟ
ନାଶୁଛୁ ତୋ ବଂଶ ହୋଇଣ ଦୁଷ୍ଟ।
କହୁଛୁ ସତ ଖାଇ ତୋର ରାଣ
ବଦଳାଇବୁ ଆମର ସେ ଗୁଣ। ■

ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୨୭୯୨

## ଶ୍ରାବଣର ଇଏ ବରଷାର ଧାରା


ତପନ କୁମାର ସ୍ୱାଇଁ

ସକାଳ ସୂରୁଜ ନିଦରୁ ଉଠିନି
ପୂରୁବ ଆକାଶ ହସିନି,
ଫୁଲ ବଗିଚାରେ ପ୍ରଜାପତି କାହିଁ
ଫୁଲଟି ଉପରେ ବସିନି।
ସାରା ରାତି କାଲି ବରଷୁଛି ମେଘ
ଥମିବାର ନାଆଁ ଧରୁନି,
ଓଲେଇ ଗାଈଟା କୁଆଡ଼େ ଯାଇଛି
ସକାଳ ହେଲାଣି ଫେରୁନି।
ଭିଜେଇ ଦେଇଛି ବରଷାର ଧାରା
ସାରା ଧରଣୀକୁ ଏମିତି,
ପଚର ପଚର ପାଣି କାଦୁଅରେ
କିଏ ବାହାରିବ କେମିତି।
କଳା ବଉଦରୁ ମୋତି ମାଳା ପରି
ମାଟିରେ ବରଷା ଝରୁଛି,
ଗଛ ଡାଳେ ଭିଜି କୁନି ଚଢ଼େଇଟି
ପତର ପରିକା ଥରୁଛି।
କଟର କଟର କି ଗୀତ ଗାଉଛି
ବେଙ୍ଗୁଲୀ ଖୁସିରେ ଏମିତି,
ଭୋକ ଶୋଷ ସତେ ଭୁଲି ଯାଇଅଛି
କାଲି ଠାରୁ ଅବା ଯେମିତି।
କଳା ମେଘ ଆଜି ସାରା ଆକାଶକୁ
ପଣତ କାନିରେ ଢାଙ୍କିଛି,
ଶ୍ରାବଣର ଇଏ ବରଷାର ଧାରା
ନୂଆ ଛବିଟିଏ ଆଙ୍କିଛି। ■

ଅଇଲିଲି, ତିର୍ତ୍ତୋଲ, ଜଗତସିଂହପୁର
ମୋ-୯୪୩୭୫୯୬୭୫୧

# ବଡ଼ କିଏ



ଥରେ ମହାକାଳ ଫଳ ଆଉ ପଣସ ମଧ୍ୟରେ ଯୁକ୍ତି ତର୍କ ଆରମ୍ଭ ହେଲା। ମହାକାଳ ଫଳ ପଣସକୁ ଦେଖାଇ କହିଲା, "ଦେଖିଲୁ ମୁଁ କେଡ଼େ ସୁନ୍ଦର। ଯିଏ ଦେଖୁଛି ସିଏ ଭଲ ନ କହି ରହି ପାରିବନି। ହେଲେ ତୋ ଚେହେରା କେବେ ଦେଖିଛୁ। ଦେହ ସାରା ଆବଡ଼ା ଖାବଡ଼ା ତ ପୁଣି କଣ୍ଟାମୟ। ଲୋକେ ତତେ କେତେ ହତାଦର କରୁଥିବେ ଭାବିଲୁ।" ମହାକାଳ ଫଳର ଏପରି କଥା ଶୁଣି ପଣସ କହିଲା, "ଆରେ ଭାଇ ଭଗବାନ ଯାହାକୁ ଯେମିତି କରିଛନ୍ତି ସେଥିରେ ଆମେ ବା କ'ଣ କରିପାରିବା। ଖାଲି ତ ଦେଖିବାକୁ ସୁନ୍ଦର ହେଲେ ହେବ ନାହିଁ ଗୁଣ ବି ସୁନ୍ଦର ହେବା ଦରକାର। ଯଦି ତୁମ ଭଳି ଉପର ଦେଖିବାକୁ ସୁନ୍ଦର ଥାଇ ବି କାହାର କାମରେ ନ ଆସିବ ସେଥିରେ କି ଲାଭ। ମୋର ସିନା ଉପର ଅସୁନ୍ଦର ହେଲେ ମୋତେ କେତେ ପ୍ରାଣୀ ଖାଦ୍ୟ ରୂପେ ଖାଉଛନ୍ତି। ଭଗବାନଙ୍କ ପାଖରେ ବି ଭୋଗ ଲାଗିହେଉଛି। ତୁମକୁ କିଏ ବ୍ୟବହାର କରୁଛି କହିଲ। ବାସ୍ ତୁମେ ସେମିତି ସେଇଠି ରହିଛ ପୁଣି ତଳେ ପଡ଼ି ମାଟିରେ ମିଶୁଛ। କାହାର ବି କାମରେ ଆସୁନାହଁ।" ମହାକାଳ ଫଳ ବି ନଛୋଡ଼ବନ୍ଧା। ସେ ମୁହେଁ ମୁହେଁ ଶୁଣାଇ ଦେଲା, ମନକୁ ବୁଝାଇବା ଲାଗି ତୁ ଏପରି କହୁଛୁ। ପ୍ରକୃତ କଥା କ'ଣ ଏ ସଂସାର ଜାଣିଛି। କିଏ ଏଠି ବଡ଼ ଆଉ କିଏ ସାନ ଅନ୍ୟମାନଙ୍କୁ ପଚାରି ବୁଝିବା। ପ୍ରକୃତ ସତ୍ୟ ସେମାନେ କହିବେ। ମହାକାଳ ଫଳ ଆଉ ପଣସ କିଛି ବାଟ ଯିବାପରେ ଆମ୍ବ ସହ ଦେଖାହେଲା। ତାକୁ ଦେଖି ମହାକାଳ ଫଳ କହିଲା, "ଭାଇ ଏ ଦୁନିଆରେ କିଏ ସବୁଠାରୁ ବଡ଼ ଯାହାର ଗୁଣ ନା ଯାହାର ରୂପ ସୁନ୍ଦର।" ଆମ୍ବ ଟିକେ ହସିଦେଇ କହିଲା, "ଭାଇ ଆଜି ନୁହେଁ ଯୁଗେ ଯୁଗେ ସାରା ଜଗତ ଗୁଣକୁ ଭଲ ପାଆନ୍ତି ରୂପକୁ ନୁହେଁ। କାରଣ ରୂପ କିଛି ନିର୍ଦ୍ଦିଷ୍ଟ ସମୟ ପରେ ବଦଳିଯାଏ। କିନ୍ତୁ ଗୁଣ ସର୍ବଦା ଜୀବିତ ଆଉ ପୂଜା ମଧ୍ୟ ପାଇଥାଏ। ବାଇଡଙ୍କ ଫଳକୁ ଦୂରରୁ ଦେଖିଲେ କେତେ ସୁନ୍ଦର ଦେଖାଯାଏ କିନ୍ତୁ ଯାହା ଦେହରେ ଥରେ ଲାଗେ ସେ କେତେ ଭୟଙ୍କର ହୋଇପାରେ ସମସ୍ତେ ଜାଣିଛନ୍ତି। ଆମ୍ବ କଥା ଶୁଣି ମହାକାଳ ଫଳ ମନ ଦୁଃଖରେ ଫେରିଗଲା। ମନେ ମନେ ଭାବିଲା ନିଜକୁ କ'ଣ ବୋଲି ଭାବୁଛି କି? ଫଳମାନଙ୍କର ରାଜା ବୋଲି କ'ଣ ଏତେ ଗର୍ବ? ଆଗକୁ ଆଗକୁ ଚାଲିଥାଏ। ଅନ୍ୟ ଦିଗରୁ ବିଲୁଆଟେ ଆସିବାର ଦେଖି ତାକୁ ଅଟକାଇ ଦେଲା ମହାକାଳ ଫଳ। ବିଲୁଆ ଭାଇ କହିଲୁ ଦୁନିଆରେ ରୂପ ବଡ଼ ନା ଗୁଣ ବଡ଼। ବିଲୁଆ ଟିକେ ତେରେଛା ନଜର ପକାଇ କହିଲା। ତୁମ ପାଖରୁ ଏ ପ୍ରଶ୍ନ ପାଇବାଟା ସ୍ୱାଭାବିକ। ନିଜକୁ କ'ଣ କିଏ ଖରାପ ବୋଲି ଭାବିପାରେ ଯେ ତୁମେ ଭାବିବ। ଆଚ୍ଛା କହିଲୁ, ଆମ ସିଂହ ରାଜା ଖରାପ ନା ଭଲ। ବିଲୁଆ କଥା ଶୁଣି ମହାକାଳ ଫଳ କହିଲା, "ହେ ଭାଇ ତା କଥା କୁହନି। ଏପରି ରାଜା ମୁଁ ଜୀବନ କାଳରେ ଦେଖିନାହିଁ। ତା' ପାଇଁ ତ ଏବେ ଜଙ୍ଗଲୀଜନ୍ତୁମାନେ ଚିନ୍ତାରେ ପଡ଼ି ଯାଇଛନ୍ତି। କେହି ଘରୁ ବାହାରିଲେ ଡରି ଡରି ବାହାରୁଛି କାଳେ ରାଜା ଲୁଚି କି ଥିବେ ସଙ୍ଗେ ସଙ୍ଗେ ଆକ୍ରମଣ କରିବେ।" ବିଲୁଆ ଟିକେ ଅଟକାଇ କହିଲା, "ସେ ଦେଖିବାକୁ କିପରି ସୁନ୍ଦର ନା ଅସୁନ୍ଦର।" ବିଲୁଆଠାରୁ ଏଭଳି ପ୍ରଶ୍ନର ଉତ୍ତର ଦେବାକୁ ଯାଇ ମହାକାଳ ଫଳ ଟିକେ ଅଟକି ଯାଇ କହିଲା, "ସେ ତ ଦେଖିବାକୁ ବହୁତ ସୁନ୍ଦର।" ଏବେ ସେ ଠିକ୍‌ସେ ବୁଝି ସାରିଥିଲା ପ୍ରକୃତରେ କିଏ ବଡ? ବିଲୁଆର ପ୍ରଶ୍ନରେ ତା ଆଖି ଖୋଲିଯାଇଥିଲା। ସେ ନିଜର ଭୁଲ୍ ବୁଝିପାରି ଜାଣିପାରିଲା ଯେ, "ପ୍ରକୃତରେ ଗୁଣ ହିଁ ବଡ଼। ରାଜା ଏତେ ସୁନ୍ଦର ହୋଇବି ଗୁଣ ଖରାପ ହେତୁ ସାରା ବନ୍ୟଜଗତ ଘୃଣା କରୁଛି। ପଣସ ପାଖରେ ନିଜର ଭୁଲ ସ୍ୱୀକାର କରି କହିଲା ଭାଇ, ମୁଁ ଜାଣିପାରିଲି ଏ ଦୁନିଆ ରେ ଗୁଣ ହିଁ ବଡ। ଗୁଣ ହିଁ ଚିରସ୍ଥାୟୀ" ■


ଅର୍ଜୁନ ଦାସ

ମାଧବ, ନିଆଳୀ, କଟକ।

## ପ୍ରହେଳିକା

- ଏମିତି ଅଟଇ ମାସଟି ସିଏ
ମୁଷଳ ଧାରାରେ ବରଷା ହୁଏ
ଶିବ ମନ୍ଦିରରେ ଭିଡ଼ ଲାଗଇ
ପାଣି ଢାଳୁଥାନ୍ତି କାଉଡ଼ିଆ ଭାଇ
ଚାଷ ବେଉଷଣ ବିଲରେ ହୁଏ
ନାମଟି ତାହାର କହିବ କିଏ?
ଉ-ଶ୍ରାବଣ ମାସ

- ଶ୍ରାବଣ ମାସର ସୋମବାରରେ
ପାଣି ନେଉଥାନ୍ତି ସିଏ ଭାରରେ
ଶୁଦ୍ଧ ନିରାମିଷ କରି ଭୋଜନ
ତୁଣ୍ଡେ ନେଉଥାନ୍ତି ଶିବ ଭଜନ
ଗେରୁଆ ବସ୍ତ୍ର ଦେହର ନାଇ
ଶିବ ମନ୍ଦିରକୁ ଯାଆନ୍ତି ଧାଇଁ
ବୋଲବମ୍ ବୋଲି ଡାକନ୍ତି ସିଏ
ନାମଟି ତାଙ୍କର କହିବ କିଏ?
ଉ-କାଉଡ଼ିବାଲା



ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ପ୍ରୀତିପୁର, ଯାଜପୁର
ମୋ-୮୩୦୦୩୨୮୩୪୫

## ଚିତ୍ର ଆଲବମ




ଦେବହୁତି ବରଦାଲକ୍ଷ୍ମୀ ରାଉତ
ଦ୍ୱିତୀୟ ଶ୍ରେଣୀ
ଦୀପ୍ତି କନଭେଣ୍ଟ ସ୍କୁଲ
ରାୟଗଡ଼ା




ଆରାଧ୍ୟା ପୁଷ୍ପାଳକ
ଷଷ୍ଠ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ହଂସପଡ଼ା, ପୁରୀ




ଆର୍ଶୀତ ମିଶ୍ର
ଚତୁର୍ଥ ଶ୍ରେଣୀ
ଏକଲବ୍ୟ ଶିକ୍ଷା କେନ୍ଦ୍ର
ନିମାପଡ଼ା




ଋତଭିକ ସାହୁ
ସପ୍ତମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ନିଆଳି, କଟକ

## ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍

# ନରମ ଡ୍ୟୁକ୍ ବଲ୍‌ର ସମୀକ୍ଷା କରାଯିବ

ଲଣ୍ଡନ,୧୮।୭ (ଏଜେନ୍ସି)

ଡ୍ୟୁକ୍ ବଲ୍‌ର ନିର୍ମାତା ଏବେ ଚାପରେ। ଇଂଲଣ୍ଡରେ ଖେଳାଯାଉଥିବା ଟେଷ୍ଟ ମ୍ୟାଚ ଡ୍ୟୁକ୍ ବଲ୍‌ରେ ଖେଳାଯାଇଥାଏ। ଭାରତ ସହ ଚାଲିଥିବା ଟେଷ୍ଟ ମ୍ୟାଚ୍‌ରେ ଏହି ବଲ ସଫ୍ଟ ବା ନରମ ହେବା ନେଇ ଉଭୟ ଦଳର ଅଧିନାୟକ ବାରମ୍ବାର ଅଭିଯୋଗ କରିବା ପରେ ଏହା ଏବେ ବିବାଦୀୟ ହୋଇପଡ଼ିଛି। ଏହି ଅଭିଯୋଗକୁ ଆଧାର କରି ଡ୍ୟୁକ୍ ବଲ୍ ନିର୍ମାତା ଏହାର ସମୀକ୍ଷା କରିବେ ବୋଲି ଘୋଷଣା କରିଛି। ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍‌ରେ ଏହି ବଲ ୩୦ ଓଭର ଖେଳ ପରେ ସଫ୍ଟ ବା ନରମ ହୋଇଯାଉଥିବା ଦେଖାଯାଇଛି। ଯାହା ଫଳରେ ବାରମ୍ବାର ବଲ ପରିବର୍ତ୍ତନ କରାଯାଇ ସମୟ ତ ନଷ୍ଟ ହେଉଛି, ତାହା ସହ ଖେଳର ସମୀକରଣ ବଦଳିଯାଇଛି। ତୃତୀୟ ଟେଷ୍ଟରେ ଦୁଇଥର ଏଭଳି ହୋଇଥିଲା ଓ ଏଥିରେ ଭାରତ ବହୁ ପରିମାଣରେ କ୍ଷତିଗ୍ରସ୍ତ ହୋଇଥିଲା। ଯାହା ଫଳରେ ଦଳ ମ୍ୟାଚ୍ ହାରିଥିଲା। ଭାରତୀୟ ଅଧିନାୟକ ଶୁବମନ୍ ଗିଲ୍ ଏ ପ୍ରସଙ୍ଗ ବାରମ୍ବାର ଗଣମାଧ୍ୟମ ଓ ଆଇସିସିକୁ ଜଣାଇଥିଲେ।

ଡ୍ୟୁକ୍ ବଲ ନରମ ହେବା ବାରମ୍ବାର ଅଭିଯୋଗକୁ ଭିତ୍ତିକରି ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ୩ଟି ଯାକ ଟେଷ୍ଟରେ ବ୍ୟବହାର ହୋଇଥିବା ଡ୍ୟୁକ୍ ବଲ୍‌କୁ ସଂଗ୍ରହ କରି ନିର୍ମାତା ବ୍ରିଟିଶ କ୍ରିକେଟ ବଲ୍ସ ଲିମିଟେଡ୍ କମ୍ପାନୀକୁ ଦେବେ। ଚଳିତ ସପ୍ତାହରେ ବଲ ମିଳିବା ପରେ କମ୍ପାନୀ ଏହାକୁ ନେଇ ସମୀକ୍ଷା କରିବ। 'ଆମେ ଏ ସବୁ ବଲ୍‌କୁ ନେଇ ତନଖି ପରୀକ୍ଷା କରିବୁ। ଏଥିରେ ବ୍ୟବହାର ହେଉଥିବା ସାମଗ୍ରୀ ସହ ସେଥିରେ ଯାହା କିଛି ବ୍ୟବହାର କରାଯାଇଛି ତାହର ମାନ ମଧ୍ୟ ପରୀକ୍ଷା କରାଯିବ' ବୋଲି ଡ୍ୟୁକ୍ ବଲ ନିର୍ମାତାର ମାଲିକ ଦିଲୀପ ଜାଜୋଡିଆ କହିଛନ୍ତି। ତନ୍ନ ତନ୍ନ କରି ଏ ସବୁ ପରୀକ୍ଷା କରିବା ପରେ ଆବଶ୍ୟକତା ଅନୁଯାୟୀ ପରିବର୍ତ୍ତନ କରାଯିବ ବୋଲି ଜାଜୋଡିଆ କହିଛନ୍ତି। ଏଥର ଯେପରି କିଛି ଅସୁବିଧା ନ ହୁଏ ତାହା ଉପରେ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି।

ବ୍ରିଟିଶ କ୍ରିକେଟ ବଲ୍ସ ଲିଃ ୧୭୬୦ରୁ ଡ୍ୟୁକ୍ ବଲ୍ ତିଆରି କରି ଆସୁଛି। ଏହା ଇଂଲଣ୍ଡର ଘରୋଇ କାଉଣ୍ଟି କ୍ରିକେଟ ଓ ଏହି ଦେଶରେ ଖେଳାଯାଉଥିବା ସମସ୍ତ ଟେଷ୍ଟ ଓ ଅନ୍ୟାନ୍ୟ ମ୍ୟାଚ୍‌ରେ ବ୍ୟବହାର କରାହୋଇଆସୁଛି। ଭାରତରେ ଏସ୍‌ଜି ବଲ୍ ଓ ଅଷ୍ଟ୍ରେଲିଆରେ କୁକାବୁରା ବଲ ବ୍ୟବହାର କରାଯାଇଥାଏ। ଇଂଲଣ୍ଡ ସହ ଲର୍ଡ୍ସରେ ଖେଳାଯାଇଥିବା ତୃତୀୟ ଟେଷ୍ଟରେ ଭାରତୀୟ ଅଧିନାୟକ ଶୁବମାନ ଗିଲ୍ ଡ୍ୟୁକ୍ ବଲ ବିରୋଧରେ ଖୋଲାଖୋଲି ଅଭିଯୋଗ ଆଣିବା ସହ ଅସନ୍ତୋଷ ପ୍ରକାଶ କରିଥିଲେ। ଦ୍ୱିତୀୟ ଦିନ ଖେଳ ଏକ ଘଣ୍ଟା ପରେ ବଲ ସଫ୍ଟ ବା ନରମ ହୋଇଯାଇଥିଲା। ଯାହା ଫଳରେ ବଲକୁ ବଦଳାଇବାକୁ ପଡ଼ିଥିଲା। ଏହାର ସିଧାସଳଖ ପ୍ରଭାବ ପଡ଼ିଥିଲା ପୂରା ଲୟରେ ବୋଲିଂ କରୁଥିବା ଯଶପ୍ରୀତ୍ ବୁମ୍‌ରାଙ୍କ ଉପରେ। ପୂର୍ବରୁ ବ୍ୟବହାର ହୋଇଥିବା ବଲ୍‌ରେ ବୁମ୍‌ରା ଶୀଘ୍ର ଶୀଘ୍ର ୩ଟି ୱିକେଟ ନେଇଥିଲେ। ବଲ ବଦଳିବା ପରେ ବୁମ୍‌ରାଙ୍କ ସମସ୍ତ ଭାରତୀୟ ବୋଲର ପ୍ରଭାବ ବିହୀନ ହୋଇପଡ଼ିଥିଲେ। ଯାହା ଫଳରେ ଇଂଲଣ୍ଡ ଏକ ସମ୍ମାନଜନକ ସ୍କୋର କରିବାକୁ ସମର୍ଥ ହୋଇଥିଲା। ବଦଳାଯାଇଥିବା ବଲ ପୂର୍ବ ବଲର ସମାନ ନ ଥିଲା। ଯାହାକୁ ନେଇ ଅଧିନାୟକ ଗିଲ ଖୁବ୍ ଅସନ୍ତୋଷ ବ୍ୟକ୍ତ କରିବା ପରେ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ ଏଭଳି ନିଷ୍ପତ୍ତି ନେଇଛନ୍ତି। ଏତେ ଦିନ ହେଲା ଇଂଲଣ୍ଡରେ ଡ୍ୟୁକ ବଲ୍ ବ୍ୟବହାର କରାଯାଉଛି। କିନ୍ତୁ ଚଳିତ ଟେଷ୍ଟ ସିରିଜ୍ ଭଳି ଏହା ପୂର୍ବରୁ ହୋଇ ନ ଥିଲା। ଭାରତୀୟ ୱିକେଟ ରକ୍ଷକ ଋଷଭ ପନ୍ତ୍ ମଧ୍ୟ ଏହି ବଲ ପରିବର୍ତ୍ତନକୁ ନେଇ ଆଇସିସି ଦ୍ୱାରା ଚେତାବନୀ ପାଇଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟର କଥା ଜଣେ ଭାରତୀୟ ଜୟ ଶାହ ଆଇସିସିର ସଭାପତି ଥିଲେ ମଧ୍ୟ ବଲ ବିବାଦ ସମ୍ପର୍କରେ ମୁହଁ ଖୋଲି ନାହାନ୍ତି। ଆଇସିସି ନିୟମ ଅନୁଯାୟୀ ଟେଷ୍ଟ ସିରିଜ୍ ଆୟୋଜନ କରୁଥିବା ଦେଶର ନିଷ୍ପତ୍ତି ଅନୁଯାୟୀ ବଲ ବ୍ୟବହାର କରାଯିବ।

କେବଳ ଗିଲ ନୁହଁନ୍ତି, ଇଂଲଣ୍ଡର କିଂବଦନ୍ତୀ ଫାଷ୍ଟ ବୋଲର ଷ୍ଟୁଆର୍ଟ ବ୍ରଡ୍ ମଧ୍ୟ ଡ୍ୟୁକ୍ ବଲ ବିରୋଧରେ ଅସନ୍ତୋଷ ଜାହିର କରିଛନ୍ତି। ଇଂଲଣ୍ଡ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ ସିରିଜ୍‌ରେ ବଲ୍‌ର ନମନୀୟତା ଯୋଗୁଁ ଭାରତକୁ ମଧ୍ୟ କିଛି ଫାଇଦା ମିଳିଛି। କିନ୍ତୁ ବଲ ପରିବର୍ତ୍ତନ ଯୋଗୁଁ ଇଂଲଣ୍ଡ ଅଧିକ ସଫଳ ହୋଇଛି। ଯାହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ୩ଟି ମ୍ୟାଚ୍ ଶେଷ ସୁଦ୍ଧା ଇଂଲଣ୍ଡ ୨-୧ରେ ଆଗୁଆ ରହିଛି। ଲଣ୍ଡନ ଓ ଲିଡ୍ସରେ ଇଂଲଣ୍ଡ ଜିତିଥିଲାବେଳେ ଏଜ୍‌ବାଷ୍ଟନରେ ଭାରତ ଜିତ୍ ହାସଲ କରିଛି। ସିରିଜ୍‌ର ଚତୁର୍ଥ ଟେଷ୍ଟ ମ୍ୟାଚ୍ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଜୁଲାଇ ୨୩ରୁ ଆରମ୍ଭ ହେବ।



# ସଚିନ ତେନ୍ଦୁଲକର ଇନ୍‌ଡୋର୍ ହଲ୍ ହେବ ସ୍ପୋର୍ଟସ ସାଇନ୍ସ ସେଣ୍ଟର



କଟକ,୧୮।୭(ସମିସ): ଖେଳାଳିମାନଙ୍କ ଆହତ ଜନିତ ସମସ୍ୟାକୁ ଗୁରୁତ୍ୱ ଦିଆଯିବ। ଆଥଲେଟିକ ମନିଟରିଂ ଜରିଆରେ ଖେଳାଳିମାନେ ସ୍ୱତନ୍ତ୍ର ନିରୀକ୍ଷଣରେ ରହିବେ। ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର ଦ୍ୱାରା ଖେଳାଳିଙ୍କୁ ପ୍ରଶିକ୍ଷଣ ଦିଆଯିବା ସହ ପୁର୍ନନିବାସ ବ୍ୟବସ୍ଥା ଉପଲବ୍ଧ କରାଯିବ।

- ମହତାବଙ୍କ ନାମରେ ଫିଡର ସେଣ୍ଟର
- ଓସିଏ ଆପେକ୍ସ କାଉନସିଲ ବୈଠକରେ ନିଷ୍ପତ୍ତି

ବାରବାଟୀ ଷ୍ଟାଡିୟମ ପରିସରସ୍ଥ ସଚିନ ତେନ୍ଦୁଲକର ଇନଡୋର ହଲ୍‌କୁ ସ୍ପୋର୍ଟସ ସାଇନ୍ସ ସେଣ୍ଟରରେ ରୂପାନ୍ତରୀକରଣ କରି ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଏଭଳି ବ୍ୟବସ୍ଥା ଆପଣାଇବାକୁ ଯାଉଛି। ଇନଡୋର ହଲ୍‌ର ଭିତ୍ତିଭୂମିର ବିକାଶ କରାଯାଇ ଏଠାରେ ଅତ୍ୟାଧୁନିକ କ୍ରୀଡ଼ା ବିଜ୍ଞାନର ଆବଶ୍ୟକୀୟ ଉପକରଣ ମହଜୁଦ କରାଯିବ। ଆଜି ଓସିଏର ଆପେକ୍ସ କାଉନସିଲ ବୈଠକରେ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ରାଜ୍ୟରେ କ୍ରିକେଟର ବିକାଶ ନେଇ ଏକାଧିକ ପ୍ରସ୍ତାବ ଓ ଯୋଜନା ବାବଦରେ ଆପେକ୍ସ କାଉନସିଲ ବୈଠକରେ ଆଲୋଚନା ହୋଇଥିଲା। ଓସିଏ ସେଣ୍ଟର ଅଫ ଏକ୍ସିଲେନ୍ସର ସଫଳ ରୂପାୟନ ନିମନ୍ତେ ଦୁଇଟି କେନ୍ଦ୍ର ପ୍ରତିଷ୍ଠା ଦିଗରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ସଚିନ ତେନ୍ଦୁଲକର ସ୍ପୋର୍ଟସ ସାଇନ୍ସ ସେଣ୍ଟର ସହ ଖୁବଶୀଘ୍ର ଏଠାରେ ଆବାସିକ କ୍ରିକେଟ ଏକାଡେମୀ ମଧ୍ୟ ପ୍ରତିଷ୍ଠା ହେବ। ଯାହାର ନାଁ ରହିବ ଡଃ ହରେକୃଷ୍ଣ ମହତାବ କ୍ରିକେଟ ଫିଡର ସେଣ୍ଟର। ଏଠାରେ ୧୪ବର୍ଷରୁ କମ୍ ବୟସ ବର୍ଗର ମୋଟ ୮୦ଜଣ ଖେଳାଳି ରହିବେ। ଖେଳାଳିଙ୍କ ପ୍ରଶିକ୍ଷଣ, ଶିକ୍ଷା, ସ୍ୱାସ୍ଥ୍ୟ ସମସ୍ତ ଦିଗ ପ୍ରତି ଓସିଏ ଯତ୍ନବାନ ରହିବ। ରାଜ୍ୟର ପ୍ରଥମ ମୁଖ୍ୟମନ୍ତ୍ରୀ ଏବଂ ଓସିଏର ପ୍ରଥମ ସଭାପତି ଡଃ ମହତାବଙ୍କ ଉଦ୍ଦେଶ୍ୟରେ ଏକାଡେମୀଟି ସମର୍ପିତ ହେବ। ସେହିପରି ସେପ୍ଟେମ୍ବରରେ ହେବାକୁ ଥିବା ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ର ସଫଳ ଆୟୋଜନ ବାବଦରେ ଆଲୋଚନା ହୋଇଥିଲା। ଆପେକ୍ସ କାଉନସିଲ ବୈଠକରେ ସଭାପତି ପଙ୍କଜ ଲୋଚନ ମହାନ୍ତି, ଉପସଭାପତି ଜଗମୋହନ ପଟ୍ଟନାୟକ, ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ରାକେଶ ମହାନ୍ତି, ଗୀତା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ସମ୍ପାଦକ ସଞ୍ଜୟଙ୍କ ଅଧକ୍ଷତାରେ ଫାଇନାନ୍ସ କମିଟି ବୈଠକ ମଧ୍ୟ ଆଜି ଅନୁଷ୍ଠିତ ହୋଇଥିଲା।

## ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

# ନଟରାଜଙ୍କ ଜାତୀୟ ରେକର୍ଡ

ଭୁବନେଶ୍ୱର, ୧୮।୭ (ସମିସ): ଜର୍ମାନୀର ରୁର-ରାଇନ୍‌ରେ ଚାଲିଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଶୁକ୍ରବାର ଖେଳାଯାଇଥିବା ଇଭେଣ୍ଟରେ ଭାରତୀୟ ପ୍ରତିଯୋଗୀମାନେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି। ପୁରୁଷ ସନ୍ତରଣରେ ଅଲିମ୍ପିଆନ ଶ୍ରୀହରି ନଟରାଜ ପୁରୁଷ ୨୦୦ ମିଟର ଫ୍ରିଷ୍ଟାଇଲ ରେସ୍‌କୁ ୧:୪୮.୨୨ ସେକେଣ୍ଡରେ ଅତିକ୍ରମ କରି ଏହି ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ନିଜ ନାମରେ ଏହି ରେକର୍ଡ ଥିଲା। ନଟରାଜଙ୍କ ବ୍ୟତୀତ ଟିଟି, ବ୍ୟାଡ୍‌ମିଣ୍ଟନ, ବାସ୍କେଟବଲ ଓ ଭଲିବଲ୍‌ରେ ଭାରତୀୟ ପ୍ରତିଯୋଗୀମାନେ ବିଜୟୀ ହୋଇଛନ୍ତି। ଡସେଲଡର୍ଫରେ ଖେଳାଯାଇଥିବା ଟେବୁଲ ଟେନିସର ଦଳଗତ ବିଭାଗରେ ଭାରତ ଉଭୟ ପୁରୁଷ ଓ ମହିଳା ବିଭାଗ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବ୍ୟାଡମିଣ୍ଟନରେ ଭାରତର ସମସ୍ତ ପ୍ରତିଯୋଗୀ ବିଜୟୀ ହୋଇଛନ୍ତି। ଏହି ବିଶ୍ୱସ୍ତରୀୟ ଇଭେଣ୍ଟରେ ଓଡ଼ିଶାର ବିଶ୍ୱବିଦ୍ୟାଳୟରୁ ୪୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି।

## ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜ

# ନ୍ୟୁଜିଲାଣ୍ଡର କ୍ରମାଗତ ୨ୟ ବିଜୟ



ହରାରେ, ୧୮।୭ (ଏଜେନ୍ସି): ଚଳିତ ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜରେ ନ୍ୟୁଜିଲାଣ୍ଡ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଶୁକ୍ରବାର ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବରେ ଅନୁଷ୍ଠିତ ଏକ ମ୍ୟାଚରେ ନ୍ୟୁଜିଲାଣ୍ଡ ୮ ୱିକେଟ୍‌ରେ ଆୟୋଜକ ଜିମ୍ବାୱେକୁ ପରାସ୍ତ କରିଛି। ପୂର୍ବରୁ ପ୍ରଥମ ମ୍ୟାଚରେ ୨୧ ରନରେ ଦକ୍ଷିଣ ଆଫ୍ରିକାକୁ ହରାଇଥିବା ନ୍ୟୁଜିଲାଣ୍ଡ ଏଥିସହ ୪ ପଏଣ୍ଟ ପାଇ ତାଲିକାର ଶୀର୍ଷରେ ରହିଛି। ଆସନ୍ତା ରବିବାର ଜିମ୍ବାୱେ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ସିରିଜର ପରବର୍ତ୍ତୀ ମ୍ୟାଚ୍ ଖେଳାଯିବ।

ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ଜିମ୍ବାୱେ ୨୦ ଓଭରରେ ୭ ୱିକେଟ୍ ହରାଇ ୧୨୦ ରନ କରିଥିଲା। ଦଳ ପକ୍ଷରୁ ଦୁଇ ଓପନର୍ ୱେସଲୀ ମାଧଭେରେ ୩୬, ବ୍ରାଏନ ବେନେଟ୍ଟ ୨୧, ଅଧିନାୟକ ସିକନ୍ଦର ରାଜା ଓ ର୍ୟାନ ବର୍ଲ ୧୨ ରନ ଲେଖାଏ କରିଥିଲେ। ନ୍ୟୁଜିଲାଣ୍ଡ ପାଇଁ ମ୍ୟାଟ୍ ହେନରୀ ସବୁଠୁ ସଫଳ ବୋଲର ରହିଥିଲେ। ସେ ୨୬ ରନ ବ୍ୟୟରେ ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ଜବାବରେ ୧୨୧ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ନ୍ୟୁଜିଲାଣ୍ଡ ୨ ୱିକେଟ ହରାଇ ୩୭ ବଲ୍ ପୂର୍ବରୁ ବିଜୟୀ ହୋଇଥିଲା। ଓପନର୍ ଡେଭନ କନୱେ ୪୦ ବଲରେ ଅପରାଜିତ ୫୯ ରନ କରିଥିଲେ। ସେହିଭଳି ରାଚିନ ରବୀନ୍ଦ୍ର ୩୦, ଟିମ୍ ସେଇଫର୍ଟ ୩ ଓ ଡାରୀଲ ମିଚେଲ ଅପରାଜିତ ୨୬ ରନର ପାଳି ଖେଳିଥିଲେ। କନୱେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

# ମହିଳା କବାଡ଼ି ବିଶ୍ୱକପ୍ ୩ରୁ

ନୂଆଦିଲ୍ଲୀ, ୧୮।୭ (ଏଜେନ୍ସି): ମହିଳା କବାଡ଼ି ବିଶ୍ୱକପ୍‌ର ୨ୟ ସଂସ୍କରଣ ହାଇଦରାବାଦ୍‌ରେ ଅଗଷ୍ଟ ୩ରୁ ଆରମ୍ଭ ହେବ। ମହିଳା କବାଡ଼ି ବିଶ୍ୱକପ୍ ମୂଳତଃ ଜୁନ୍‌ରେ ବିହାରରେ ଆୟୋଜିତ ହେବାର ଥିଲା। କିନ୍ତୁ ବିହାର ଆୟୋଜନରୁ ଓହରିଯିବା ଫଳରେ ତେଲଙ୍ଗାନା ବିଶ୍ୱକପ୍ ଆୟୋଜନ କରିବାକୁ ଭାରତୀୟ କବାଡ଼ି ମହାସଂଘ ନିକଟରେ ଅନୁରୋଧ କରିଥିଲା। ୧୩ ବର୍ଷ ତଳେ ଅନୁଷ୍ଠିତ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ଭାରତ ଚାମ୍ପିଅନ ହୋଇଥିଲା।

# ଭାରତର ବିଜୟ ଅଭିଯାନ

ନୂଆଦିଲ୍ଲୀ, ୧୮।୭ (ଏଜେନ୍ସି): ଇଣ୍ଡୋନେସିଆରେ ଚାଲିଥିବା ବ୍ୟାଡ୍‌ମିଣ୍ଟନ ଏସିଆ ଜୁନିଅର ମିକ୍ସଡ ଟିମ୍ ଚାମ୍ପିଅନସିପ୍‌ରେ ଭାରତ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଶୁକ୍ରବାର ଅନୁଷ୍ଠିତ ଗ୍ରୁପ୍-ଡି'ର ଏକ ମ୍ୟାଚରେ ଭାରତ ୧୧୦-୬୯ ପଏଣ୍ଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ପ୍ରଥମ ମ୍ୟାଚରେ ମିକ୍ସଡ ଡବଲ୍ସରେ ବିଷ୍ଣୁ କୋଡେ ଓ ରିଷିକା ଯୋଡ଼ି ୧୧-୫ରେ କେନେଥ୍ ଅରୁଗୋଡା ଓ ଇଶୁରୀ ଅଟ୍ଟାନାୟକେ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ଏହାପରେ ଖେଳାଯାଇଥିବା ମହିଳା ଡବଲ୍ସରେ ଗାୟତ୍ରୀ ଓ ମାନସ ରାଓତ ଯୋଡ଼ି ଓ ପରେ ମହିଳା ସିଙ୍ଗଲ୍ସରେ ତନଭୀ ଶର୍ମା ବିଜୟୀ ହୋଇଥିଲେ।

# ଜାତୀୟ ଆଥଲେଟିକ୍ ଚାମ୍ପିଅନସିପ୍ ପାଇଁ ୨ରୁ ଟ୍ରାଏଲ୍

କଟକ,୧୮।୭(ସମିସ): ଅଗଷ୍ଟ ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ତାମିଲନାଡୁର ଚେନ୍ନାଇରେ ୬୪ତମ ବରିଷ୍ଠ ଜାତୀୟ ଆନ୍ତଃରାଜ୍ୟ ଆଥଲେଟିକ ଚାମ୍ପିଅନସିପ୍ ଆୟୋଜନ ହେବ। ଏଥିନିମନ୍ତେ ଅଗଷ୍ଟ ୨ରୁ କଟକର ରିଜର୍ଭ ପୁଲିସ ଗ୍ରାଉଣ୍ଡରେ ସିଲେକ୍ସନ ଟ୍ରାଏଲ କରାଯିବ। ଓଡ଼ିଶା ଆଥଲେଟିକ ଆସୋସିଏସନ(ଓଏଏ) ପକ୍ଷରୁ ଶୁକ୍ରବାର ଏନେଇ ପ୍ରେସବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ଓଏଏ ସହ ଅନୁବନ୍ଧିତ ସମସ୍ତ ଜିଲ୍ଲା ସଂଘକୁ ଅବଗତ କରାଯାଇଛି। ଚଳିତ ମାସ ୨୮ ତାରିଖ ପୂର୍ବରୁ ପ୍ରତ୍ୟେକ ସଂଘ ଖେଳାଳି ତାଲିକା ପଠାଇବେ। ଟ୍ରାଏଲରେ ଭାଗ ନେବା ନିମନ୍ତେ ଖେଳାଳିମାନଙ୍କ ପାଇଁ ଓଏଏ ଏକ ମାନଦଣ୍ଡ ପ୍ରସ୍ତୁତ କରିଛି। ଟ୍ରାଏଲରୁ ଜାତୀୟ ଚାମ୍ପିଅନସିପ୍ ନିମନ୍ତେ ରାଜ୍ୟ ଦଳ ଗଠନ କରାଯିବ।

# ବିସିସିଆଇର ରେକର୍ଡ ଆୟ

ନୂଆଦିଲ୍ଲୀ,୧୮।୭ (ଏଜେନ୍ସି): ଆର୍ଥିକବର୍ଷ ୨୦୨୪ରେ ବିସିସିଆଇ ଆୟ କରିଛି ରେକର୍ଡ ୯.୭୪୧ କୋଟି ଟଙ୍କା। ଏହା ମଧ୍ୟରୁ ଦେଶର ସବୁଠାରୁ ବଡ଼ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରୁ ମିଳିଛି ୫୯ ଭାଗ ଅର୍ଥ ବା ୫,୭୬୧ କୋଟି ଟଙ୍କା। ମ୍ୟାଚ୍ ଗୁଡିକର ଟେଲିଭିଜନ ପ୍ରସାରଣ, ବିଜ୍ଞାପନ ଓ ଅନ୍ୟ ଟୁର୍ଣ୍ଣାମେଣ୍ଟ ଗୁଡିକରୁ ଏହି ଅର୍ଥ ଆୟ ହୋଇଛି ବୋଲି ଆର୍ଥିକ ଦେଣନେଣ କରୁଥିବା ବିଜ୍ଞାପନ ସଂସ୍ଥା ରେଡିଫ୍ୟୁଜନ ପକ୍ଷରୁ କୁହାଯାଇଛି। ଅଣ ଆଇପିଏଲ ପ୍ରସାରଣ ଅଧିକାରରୁ ୩୬୧ କୋଟି ଟଙ୍କା ମିଳିଛି। ୨୦୦୭ରୁ ଆଇପିଏଲ୍ ଆରମ୍ଭ ହେବା ପରଠାରୁ ବିସିସିଆଇର ସମ୍ପତ୍ତି ବହୁଗୁଣା ବୃଦ୍ଧି ପାଇଛି। ଏବେ ମିଳିଥିବା ସୂଚନା ଅନୁଯାୟୀ ବିସିସିଆଇ ୩୦,୦୦୦ କୋଟି ଟଙ୍କା ଫିକ୍ସଡ ଡିପୋଜିଟ କରିଛି। ଏଥିରୁ ବର୍ଷରୁ ୧,୦୦୦ କୋଟି ଟଙ୍କାର ସୁଧ ମିଳୁଛି। କ୍ରିକେଟକୁ ନେଇ ବିସିସିଆଇ ଏକ ଭଲ ବିଜ୍‌ନେସ ମଡେଲ ତିଆରି କରିପାରିଛି। ଭାରତ ତଥା ଭାରତ ବାହାରେ ଆଇପିଏଲ୍‌ରେ କ୍ରେଜ୍‌କୁ ନେଇ ଏହା ସମ୍ଭବ ହୋଇଛି।

**୨୦୨୩-୨୪ରେ ୯,୭୪୧ କୋଟି ଟଙ୍କା**

# ପ୍ରଶାନ୍ତ, ରମଜାନଙ୍କ ହ୍ୟାଟ୍ରିକ୍‌ରେ ସମ୍ବଲପୁର ବିଜୟୀ



**ସାହାଣୀ କପ୍-୨୦୨୫**

କଟକ,୧୮।୭(ସମିସ): ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍ ରାଜ୍ୟର ୪ଟି ଜୋନ୍‌ରେ ଖେଳାଯାଉଛି। ଶୁକ୍ରବାର ବୌଦ୍ଧ ଜୋନ୍‌ରେ ଖେଳାଯାଇଥିବା ଏକ ମ୍ୟାଚ୍‌ରେ ସମ୍ବଲପୁର ଏକତରଫା ଭାବେ ୯-୦ ଗୋଲ୍‌ରେ ନୂଆପଡ଼ାକୁ ପରାସ୍ତ କରିଥିଲା। ପ୍ରଥମାର୍ଦ୍ଧରେ ୨ଟି ଗୋଲ ସ୍କୋର କରିଥିବା ସମ୍ବଲପୁର ଦ୍ୱିତୀୟାର୍ଦ୍ଧରେ ୭ଟି ଗୋଲ ଦେଇ ସହଜ ବିଜୟ ହାସଲ କରିଥିଲା। ବିଜୟୀ ଦଳ ତରଫରୁ ପ୍ରଶାନ୍ତ ଓରାମ ଏବଂ ରମଜାନ ମୁଣ୍ଡା ଉଭୟ ହ୍ୟାଟ୍ରିକ ଗୋଲ୍ ସ୍କୋର କରିଥିଲେ। ବିଜୁ ଓରାମ ଓ ବଣ୍ଟି ମୁଣ୍ଡା ଯଥାକ୍ରମେ ୨ଟି ଓ ଗୋଟିଏ ଗୋଲ ଦେଇଥିଲେ। ଏହି ଜୋନ୍‌ରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍ ମଧ୍ୟ ଏକତରଫା ଭାବେ ଶେଷ ହୋଇଥିଲା। ନରେଶ ଧାନଙ୍କ ଦୁଇଟି ଗୋଲ ସହାୟତାରେ ବଲାଙ୍ଗିର ୪-୦ ଗୋଲ୍‌ରେ ଘରୋଇ ବୌଦ୍ଧକୁ ହରାଇଥିଲା। କେନ୍ଦୁଝର ଜୋନ୍‌ରେ ଘରୋଇ କେନ୍ଦୁଝର ଓ ଯାଜପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୨-୨ ଗୋଲ୍‌ରେ ଅମୀମାଂସିତ ରହିଛି। ଅନ୍ୟ ଏକ ମ୍ୟାଚ୍‌ରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ୪-୩ ଗୋଲରେ ଅନୁଗୋଳକୁ ହରାଇଛି। ବ୍ରହ୍ମପୁର ଜୋନ୍‌ରେ ନବରଙ୍ଗପୁର ୭-୦ ଗୋଲରେ ଗଜପତିକୁ, ଭୁବନେଶ୍ୱର ୧-୦ ଗୋଲରେ ଗଞ୍ଜାମକୁ, କେନ୍ଦ୍ରାପଡ଼ା ଜୋନ୍‌ରେ ଭଦ୍ରକ ୨-୦ ଗୋଲରେ ଜଗତସିଂହପୁରକୁ ଏବଂ ଝାରସୁଗୁଡ଼ା ୬-୧ ଗୋଲ୍‌ରେ କେନ୍ଦ୍ରପଡ଼ାକୁ ହରାଇଥିଲା।

## ସିଏଏସ୍‌ରେ ସର୍ବଭାରତୀୟ ଫୁଟବଲ ମହାସଂଘକୁ ଧକ୍କା

# ଇଣ୍ଟର କାଶୀ ଆଇ-ଲିଗ୍ ଚାମ୍ପିଅନ



ନୂଆଦିଲ୍ଲୀ,୧୮।୭ (ଏଜେନ୍ସି)

ଇଣ୍ଟର କାଶୀ କ୍ଲବ୍ ନୂଆ ଆଇ-ଲିଗ୍ ଚାମ୍ପିଅନ୍ ହୋଇଛି। ବିଦେଶୀ ଖେଳାଳି ମାରିଓ ବାର୍କୋଙ୍କୁ ଗୋଟିଏ ବର୍ଷରେ ଦୁଇଥର ପଞ୍ଜିକରଣ କରି ଦଣ୍ଡିତ ହୋଇଥିବା କାଶୀ କ୍ଲବ୍ କ୍ରୀଡ଼ାରେ ବିବାଦ ଲାଗି ଥିବା ସର୍ବୋଚ୍ଚ ଅଦାଲତ କୋର୍ଟ ଅଫ୍ ଆର୍ବିଟ୍ରେସନ ଫର ସ୍ପୋର୍ଟ୍ସ (ସିଏଏସ୍)ରେ କରିଥିବା ମୋକଦ୍ଦମାରେ ବିଜୟୀ ହୋଇଛି। ଏହା ଫଳରେ ଦଳ ଚଳିତ ସିଜନରେ ଆଇ-ଲିଗ୍ ଚାମ୍ପିଅନ ହୋଇଛି। ପଏଣ୍ଟ ଟେବଲରେ ପ୍ରଥମସ୍ଥାନରେ ଥିବା ଚର୍ଚ୍ଚିଲ ବ୍ରଦର୍ସ ଓ ଇଣ୍ଟର କାଶୀର ପଏଣ୍ଟ ସଂଖ୍ୟା ସମାନ ହୋଇଥିଲା। ଫଳରେ ଉନ୍ନତ ଗୋଲ ବ୍ୟବଧାନରେ କାଶୀକୁ ୨୦୨୪-୨୫ ସିଜନ ଲାଗି ଚାମ୍ପିଅନ ଘୋଷିତ କରିଛି ସିଏଏସ୍। ସିଏଏସ୍‌ର ଏହି ନିଷ୍ପତ୍ତି ଫଳରେ ସର୍ବଭାରତୀୟ ଆପିଲ୍ସ କମିଟି ଦେଇଥିବା ଆଦେଶ ରଦ୍ଦ ହୋଇଛି।

ସ୍ପାନୀଶ ଖେଳାଳି ମାରିଓ ବାର୍କୋଙ୍କ ପଞ୍ଜିକରଣକୁ ନେଇ ଇଣ୍ଟର କାଶୀ ଓ ଏଆଇଏଫଏଫ୍ ମଧ୍ୟରେ ସୃଷ୍ଟି ହୋଇଥିଲା ବିବାଦ। ସିଜନ ଆରମ୍ଭ ପୂର୍ବରୁ ବାର୍କୋଙ୍କୁ ଦଳରେ ନେଇଥିବା କାଶୀ। କିନ୍ତୁ ସେ ଆହତ ହେବା ପରେ ଆଉ ଜଣେ ବିଦେଶୀ ଖେଳାଳିଙ୍କୁ ସାମିଲ କରିଥିଲା। ଦୁଇମାସ ପରେ ବାର୍କୋ ଫିଟ୍ ହେବା ପରେ ତାଙ୍କୁ ପୁନର୍ବାର ଆଉ ଜଣେ ବିଦେଶୀ ଖେଳାଳିଙ୍କ ବଦଳରେ କ୍ଲବ୍ ବାର୍କୋଙ୍କୁ ସାମିଲ କରିଥିଲା। ଆଇ-ଲିଗ୍‌ର ନିୟମ ଅନୁଯାୟୀ ଏହାକୁ ଗ୍ରହଣ କରି ନ ଥିଲା ଏଆଇଏଫ୍‌ଏଫ୍ ଆପିଲ କମିଟି। ଆଇ-ଲିଗ୍‌ର ଧାରା ୬.୫.୭ ଅନୁଯାୟୀ ଜଣେ ବିଦେଶୀ ଖେଳାଳି କେବଳ ଆଉ ଜଣେ ବିଦେଶୀ ଖେଳାଳିଙ୍କ ସ୍ଥାନରେ ବଦଳ ହୋଇପାରିବେ। ଗୋଟିଏ ସିଜନରେ ଆଘାତ, ଅସୁସ୍ଥ କିମ୍ବା ଆପୋଷ ବୁଝାମଣା ମଧ୍ୟରେ ଗୋଟିଏ ଆଇ-ଲିଗ୍ କ୍ଲବ୍ ୩ଥର ବିଦେଶୀ ଖେଳାଳି ବଦଳାଇପାରିବେ। କିନ୍ତୁ ଜଣେ ବିଦେଶୀ ଖେଳାଳି ଥରେ ବଦଳିଗଲେ ସେ ସେହି ସିଜନରେ ଆଉ ଖେଳିପାରିବେ ନାହିଁ ବୋଲି ଆଇନ୍ ରହିଛି। ଏହାକୁ ଆଧାର କରି ଏଆଇଏଫଏଫ୍ ଆପିଲ କମିଟି କାଶୀକୁ ଦଣ୍ଡିତ କରିବା ସହ ଏହାର ୪ ପଏଣ୍ଟ କାଟିଦେଇଥିଲେ। ଏହା ବିରୋଧରେ ଇଣ୍ଟର କାଶୀ ସିଏଏସ୍‌ର ଦ୍ୱାରସ୍ଥ ହୋଇଥିଲା। ସିଏଏସ୍ ଆପିଲ୍ସ କମିଟିର ରାୟକୁ ରଦ୍ଦ କରିଦେଇଥିଲା। ଏହାକୁ ମିଶାଇ କାଶୀ ଚଳିତବର୍ଷ ଦ୍ୱିତୀୟଥର ସିଏଏସ୍‌ରେ ମକଦ୍ଦମା କରି ବିଜୟୀ ହୋଇଛି। ପୂର୍ବରୁ ନାମଧାରୀ ଏକାଦଶ ବାସନ୍ଦ ହୋଇଥିବା ଜଣେ ଖେଳାଳିଙ୍କୁ ଦଳରେ ସାମିଲ କରିଥିଲା। ଏହା ବିରୋଧରେ କାଶୀ ସିଏଏସ୍‌ର ଦ୍ୱାରସ୍ଥ ହୋଇଥିଲା ଓ ମକଦ୍ଦମାରେ ବିଜୟୀ ହେବା ପରେ ଦଳକୁ ୩ ପଏଣ୍ଟ ମିଳିଥିଲା। ଏ ସବୁ ନିଷ୍ପତ୍ତି ବଳରେ ଇଣ୍ଟର କାଶୀ ଚାମ୍ପିଅନ ଓ ଚର୍ଚ୍ଚିଲ ବ୍ରଦର୍ସ ରନର୍ସ ଅପ୍ ହୋଇଥିଲା।

### ଆଇଏସ୍‌ଏଲ୍‌ରେ କାଶୀ ଖେଳିପାରିବ କି

ଗତ ୫ ବର୍ଷ ହେଲା ଭାରତରେ ନଂ-୧ ଫୁଟବଲ ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିବା ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍‌ଏଲ୍)ର ଆୟୋଜନ ନେଇ ସନ୍ଦେହ ସୃଷ୍ଟି ହୋଇଛି। ନିକଟରେ ଆଇଏସ୍‌ଏଲ ଆୟୋଜନ କରୁଥିବା ନୀତା ଆମ୍ବାନିଙ୍କ ଫୁଟବଲ ସ୍ପୋର୍ଟ୍ସ ଡେଭଲେପମେଣ୍ଟ ଲିମିଟେଡ୍ ସହ ଏଆଇଏଫଏଫ୍ ସମ୍ବିଧାନ ଉପରେ ନିଷ୍ପତ୍ତି ନ ନେବା ପର୍ଯ୍ୟନ୍ତ ସମସ୍ତ ପ୍ରକାର ଆଲୋଚନାକୁ ସ୍ଥଗିତ ରଖିବାକୁ ସୁପ୍ରିମ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆଇନତଃ ଏବେ ଆଇଏସ୍‌ଏଲ୍‌ର ପରବର୍ତ୍ତୀ ସଂସ୍କରଣ ଆୟୋଜନ ନେଇ କିଛି ସ୍ପଷ୍ଟ ହୋଇନାହିଁ। ଏଣୁ ଇଣ୍ଟର କାଶୀ ଆଇଏସ୍‌ଏଲକୁ ଯୋଗ୍ୟତା ଅର୍ଜନ କରିଥିଲେ ମଧ୍ୟ ଖେଳିବ କି ନାହିଁ ସନ୍ଦେହରେ ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS